ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଜୁଲାଇ ୨୭/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 27/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 242 | ମୂଲ୍ୟ ₹୭/-



**'ଖୋସ୍‌ଲା କା ଘୋସ୍‌ଲା ୨'ରେ ହୁମା**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଖୋସ୍‌ଲା କା ଘୋସ୍‌ଲା ୨' ଫିଲ୍ମରେ ଅଭିନେତ୍ରୀ ହୁମା କୁରେଶୀ ନଜରକୁ ଆସିବେ।

୦୨

୧୪

**ବେନ୍ ଷ୍ଟୋକ୍ସଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ବେନ୍ ଷ୍ଟୋକ୍ସ।



# ବୈତରଣୀ, ଜଳକାରେ ବନ୍ୟା

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ସମେତ ଯାଜପୁର ଜିଲାରେ ବନ୍ୟା ସ୍ଥିତି ଉପୁଜିଛି। ବୈତରଣୀ, ଜଳକା ନଦୀରେ ବନ୍ୟାପାଣି ଉଛୁଳୁଥିବାବେଳେ ଅନେକ ସ୍ଥାନରେ ଜଳସ୍ତର ବିପଦ ସଙ୍କେତ ପାର ହୋଇଛି। ସେହିପରି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହିସବୁ ନଦୀ ଏବଂ ଏହାର ଶାଖା ନଦୀନାଳ ତଟାଞ୍ଚଳର ବହୁ ସ୍ଥାନ ଜଳବନ୍ଦୀ ହୋଇଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରବିବାର ଓ ସୋମବାର ଦୁଇଦିନ ପ୍ରବଳ ବର୍ଷା ହେବା ନେଇ ସତର୍କ କରାଇଛି। ଏଥିରୁ ବନ୍ୟା ସ୍ଥିତି ଅଧିକ ଗମ୍ଭୀର ହେବା ଆଶଙ୍କା କରାଯାଉଛି। ରାଜ୍ୟ ସରକାର ବନ୍ୟା ମୁକାବିଲାକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଯାଜପୁର, ଭଦ୍ରକ, ବାଲେଶ୍ୱର ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସ୍ଥିତିକୁ ଦେଖି ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି।

## ବଢୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ



ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁନସୀତା ଗ୍ରାମରେ ଜଳକା ବନ୍ୟାପାଣି ଘେରରେ ରହିଥିବା ଏକ ପରିବାର।

ଭଣ୍ଡାରିପୋଖରୀ /ଆନନ୍ଦପୁର /ଯାଜପୁର /ବାଲେଶ୍ୱର / ଭୋଗରାଇ, ୨୬ା୭
ରାଜେନ୍ଦ୍ର ଶତପଥୀ / ସୁଶାନ୍ତ କୁମାର ସାହୁ / ହର୍ଷବର୍ଦ୍ଧନ ବେହେରା /ବାଞ୍ଛାନିଧି ଦେ / ପ୍ରଦୀପ ଦାସ/

ବୈତରଣୀ ନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଶନିବାର ଜଳସ୍ତର ହୁ ହୁ ହୋଇ ବଢ଼ିଚାଲିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବୈତରଣୀ ବିପଦ ସଙ୍କେତ ଟପିଛି। ଏଠାରେ ସତର୍କ ସଙ୍କେତ ୧୭.୮୩ ମିଟର ଓ ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ଶନିବାର ରାତି ସାଢ଼େ ୮ଟା ସୁଦ୍ଧା ଜଳସ୍ତର ୧୮.୮୬ ମିଟର ଛୁଇଁଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ୟାରେଜ୍‌ର ୧୦୦ ମିଟର ତଳକୁ ବୈତରଣୀ ବିପଦସଙ୍କେତ ୩୭.୪୫୫ ମିଟର ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ୩୯.୧୬୦ ମିଟର ଉପରେ ପାଣି ପ୍ରବାହିତ ହେଉଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସ୍ଥିତିରେ ପରିବର୍ତ୍ତନ

# ପରିମଳ କର୍ମୀଙ୍କୁ ୧୦ ଲକ୍ଷର ବୀମା, ଜୀବନହାନିରେ ୩୦ ଲକ୍ଷ ସହାୟତା

ଭୁବନେଶ୍ୱର,୨୬ା୭ (ସୁନିତ୍ ମିଶ୍ର)

ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱେରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନବୀମା ଯୋଗାଇଦେବେ ସରକାର। କେବଳ ସେତିକି ନୁହେଁ, କର୍ମକ୍ଷେତ୍ରରେ ଜୀବନହାନି ହେଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି, ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଏବଂ ପ୍ରଧାନମନ୍ତ୍ରୀ ଆବାସ(ସହରୀ) ଯୋଜନାରେ ବାସଗୃହ ମିଳିବ। ଏହାସହ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହ ପ୍ରତିବର୍ଷ ଓଡ଼ିଶାରେ ☞ପୃଷ୍ଠା-୪

**ଘୋଷଣା କଲେ ମୁଖ୍ୟମନ୍ତ୍ରୀ**



ମୋହନ ଚରଣ ମାଝୀ






## ସଂକ୍ଷେପରେ

### ଅବସର ପରେ ସରକାରୀ ପଦ ଗ୍ରହଣ କରିବି ନାହିଁ: ସିଜେଆଇ ଗବଇ



ଅମରାବତୀ,୨୬।୭

ପ୍ରଧାନ ବିଚାରପତି ପଦରୁ ଅବସର ନେବା ପରେ ସିଜେଆଇ ବି.ଆର୍. ଗବଇ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ। ଅବସର ପରେ ପରାମର୍ଶ ଓ ମଧ୍ୟସ୍ଥତା କାର୍ଯ୍ୟ କରିବେ ବୋଲି ଶନିବାର ମହାରାଷ୍ଟ୍ରର ଅମରାବତୀ ଜିଲା ଓ ଦୌରା ଅଦାଲତରେ ସ୍ୱର୍ଗତ ଟି.ଆର୍. ଗିଲ୍ଡା ସ୍ମାରକୀ ଇ-ଲାଇବ୍ରେରି ଉଦ୍‌ଘାଟନ ଅବସରରେ ଜଷ୍ଟିସ୍ ଗବଇ କହିଛନ୍ତି। ନଭେମ୍ବର ୨୪ରେ ସିଜେଆଇ ଅବସର ନେବାକୁ ଥିବାବେଳେ ଏହା ପରେ ସେ ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ପୂର୍ବରୁ ମଧ୍ୟ କହିଥିଲେ।

### ଭୂସ୍ଖଳନରୁ କେଦାରନାଥ ରାସ୍ତା ଅବରୋଧ: ଫସିଛନ୍ତି ତୀର୍ଥଯାତ୍ରୀ

ଡେରାଡୁନ୍,୨୬।୭

ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଗୌରୀକୁଣ୍ଡ ନିକଟରେ ଭୂସ୍ଖଳନ ଘଟି କେଦାରନାଥ ଧାମକୁ ଯିବା ପାଇଁ ଥିବା ରାସ୍ତା ଅବରୋଧ ହୋଇଛି। ଫଳରେ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛନ୍ତି। ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ସହ ପୋଲିସ, ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କେଦାରନାଥରୁ ଫେରୁଥିବା ତୀର୍ଥଯାତ୍ରୀମାନେ ମଧ୍ୟ ସୁରକ୍ଷା ବଳକୁ କାର୍ଯ୍ୟରେ ସହାୟତା କରୁଥିବା ଦେଖାଯାଇଛି। ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ମୁକ୍ତ ନ ହେବା ପର୍ଯ୍ୟନ୍ତ ଗୌରୀକୁଣ୍ଡ ପଟୁ ଯାଉଥିବା ତୀର୍ଥଯାତ୍ରୀମାନଙ୍କୁ ଅଟକି ରହିବାକୁ ପଡ଼ିବ। ଫସିରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯିବା ସହ ପ୍ରଶାସନ ତରଫରୁ ସେମାନଙ୍କୁ ରିଲିଫ୍ ସହାୟତା ଯୋଗାଇ ଦିଆଯାଉଛି।

## ବିହାରରେ ନାଗରିକତ୍ୱ ଯାଞ୍ଚ

# ସୁପ୍ରିମକୋର୍ଟଙ୍କ ରାୟର ଅବମାନନା: ଏଡିଆର୍

ନୂଆଦିଲ୍ଲୀ,୨୬।୭

ବିହାରରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବେଳେ ମତଦାତାମାନଙ୍କ ନାଗରିକତ୍ୱର ଯାଞ୍ଚ କରାଯାଉଛି। ନାଗରିକତ୍ୱ ଯାଞ୍ଚ କରିବାର ସାମ୍ବିଧାନିକ କ୍ଷମତା ନିର୍ବାଚନ କମିଶନ (ଇସି)ଙ୍କର ରହିଥିବା ଦାବି କରୁଥିବାବେଳେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏହାର ପ୍ରତିଜବାବରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ଉଲ୍ଲଂଘନ ହୋଇଥିବା ଯୁକ୍ତି ବାଢ଼ିଛି। ପାସ୍‌ପୋର୍ଟ, ଜାତି ପ୍ରମାଣପତ୍ର ଏବଂ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଁ ଆଧାର ଗ୍ରହଣୀୟ ହୋଇଥିବାବେଳେ ନାଗରିକତ୍ୱ ଯାଞ୍ଚ ପାଇଁ ଇସି ଗ୍ରହଣ କରୁଥିବା ଦସ୍ତାବିଜ୍ ତାଲିକାରୁ ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍ ଦିଆଯିବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ବୋଲି ଏଡିଆର୍ କହିଛି।

ଆଗାମୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଭୋଟର ତାଲିକା ସଂଶୋଧନର କାରଣକୁ ଯଥାର୍ଥ ପ୍ରତିପାଦନ କରିବାରେ ଇସି ବିଫଳ ହୋଇଛନ୍ତି। ଯେଉଁଭଳି ଢଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରାଯାଉଛି, ତାହା ରାଜ୍ୟ ମତଦାତାମାନଙ୍କ ପ୍ରତି ଗମ୍ଭୀର ଜାଲିଆତି ବୋଲି ଆବେଦନକାରୀ ଏଡିଆର୍ ଦର୍ଶାଇଛି। ନଭେମ୍ବର ୨୪ରେ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ

ADR Association for Democratic Reforms

(ଏସ୍‌ଆଇଆର୍) ପାଇଁ ଘୋଷଣା କରାଯିବାର ସମୟ ଓ ଆବଶ୍ୟକତାକୁ ନେଇ ବିବାଦ ଘନେଇଛି। ଭୋଟର ତାଲିକାରେ ରହିବା ପାଇଁ ୨୦୦୩ରେ ମତଦାତାମାନେ ବିଭିନ୍ନ କାଗଜାତ ଦାଖଲ କରିଥିଲେ। ଏବେ ସ୍ୱତନ୍ତ୍ର ସଂଶୋଧନ ଆଳରେ ବହୁସଂଖ୍ୟାରେ ମତଦାତାଙ୍କୁ ସେମାନଙ୍କ ମତଦାନ ଅଧିକାରରୁ ବଞ୍ଚିତ କରାଯିବା ସମ୍ଭାବନା ଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କମିଶନରଙ୍କ କାଉଣ୍ଟର ଆଫିଡେଭିଟ୍‌ର ଜବାବରେ ଶନିବାର ଏଡିଆର୍ ପ୍ରତିଜବାବ ଦାଖଲ କରିଛି। ଗତ ୨୧ ତାରିଖରେ ଇସି ଏହାର ସତ୍ୟପାଠରେ ଦର୍ଶାଇଥିଲେ ଯେ, ସମ୍ବିଧାନର ଅନୁଚ୍ଛେଦ ୩୨୬ ଅନୁଯାୟୀ ଭୋଟରମାନଙ୍କ ନାଗରିକତ୍ୱ ଯାଞ୍ଚ କରିବା ଅଧିକାର ଏହାର ରହିଛି। ଭୋଟର ତାଲିକାରୁ କାହାକୁ ବାଦ୍‌ଦେବା ଅର୍ଥ ତାଙ୍କ ନାଗରିକତ୍ୱ ସମାପ୍ତ ହୋଇଯିବ ନାହିଁ ବୋଲି ଇସି ସ୍ପଷ୍ଟୀକରଣ ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ରେ ହେବାକୁ ଧାର୍ଯ୍ୟ କରାଯାଇଛି। ଇସିର ନାଗରିକତ୍ୱ ଯାଞ୍ଚ ଅଧିକାର ଯୁକ୍ତିର ଜବାବରେ ପିଟିଶନର କହିଛନ୍ତି, ଏହାର ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ବିରୁଦ୍ଧାଚରଣ କରୁଛି। ୧୯୫୫ର ଲାଲ ବାବୁ ହୁସେନ୍ ବନାମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇ କହିଥିଲେ, ନାଗରିକତ୍ୱ ପ୍ରମାଣର ଦାୟିତ୍ୱ ନୂଆ ଆବେଦନକାରୀଙ୍କ ଉପରେ ନ୍ୟସ୍ତ, ଭୋଟର ତାଲିକାରେ ଥିବା ଲୋକଙ୍କ ଉପରେ ନୁହେଁ। ସେହିପରି ୧୯୮୫ର ଇନ୍ଦ୍ରଜିତ ବରୁଆ ବନାମ ଇସିଆଇ ମାମଲାରେ ସର୍ବୋଚ୍ଚ ଅଦାଲତ କହିଥିଲେ, ଭୋଟର ତାଲିକାରେ ନାମ ରହିଥିଲେ ଏହା ନାଗରିକତ୍ୱର ପ୍ରଥମ ପ୍ରମାଣ ଏବଂ ଏହାକୁ ଖଣ୍ଡନ କରିବା ଦାୟିତ୍ୱ ପ୍ରତିବାଦକାରୀଙ୍କର।

### ଇସ୍ରାଏଲ ଆକ୍ରମଣରେ ୨୫ ପାଲେଷ୍ଟିନୀୟ ମୃତ

ଡେର୍ ଅଲ୍ ବଲାହ, ୨୬।୭

ଗାଜାରେ ଶନିବାର ଇସ୍ରାଏଲୀ ସେନାର ଏୟାର ଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୨୫ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି। ଗାଜାର ଜିକିମ୍ କ୍ରସିଂଠାରେ ସହାୟତା ଟ୍ରକ୍‌କୁ ଅପେକ୍ଷା କରିଥିବା ଲୋକଙ୍କ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିଲା। ତେବେ ଏନେଇ ଇସ୍ରାଏଲୀ ସେନାର ପ୍ରତିକ୍ରିୟା ମିଳିପାରିନାହିଁ। ଗାଜା ସିଟିର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍ ଫଳରେ ୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ସ୍ଥଗିତ ଥିବା ବେଳେ ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ କରାଯାଇଛି।

### ଚାଇନା ସପକ୍ଷ ଦଳର ସଦସ୍ୟଙ୍କ ବହିଷ୍କାର ନିଷ୍ପତ୍ତି ନେଇ ତାଇୱାନ୍‌ରେ ଭୋଟ

ତାଇପେଇ,୨୬।୭

ସ୍ୱୟଂଶାସିତ ତାଇୱାନ୍ ବ୍ୟବସ୍ଥାପିକାରେ କ୍ଷମତା ସନ୍ତୁଳନକୁ ସମ୍ଭାବ୍ୟ ନୂଆ ରୂପ ଦେବା ପାଇଁ ଉଦ୍ୟମ ହେଉଛି। ବିରୋଧୀ ନ୍ୟାଶନାଲିଷ୍ଟ ପାର୍ଟିରୁ ଥିବା ୨୦ ପ୍ରତିଶତ ଆଇନ ପ୍ରଣେତାଙ୍କୁ ବହିଷ୍କାର କରିବା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଶନିବାର ସେଠାରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଗତବର୍ଷ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ବିଜୟୀ ହୋଇଥିବାବେଳେ ସଂଖ୍ୟାଗରିଷ୍ଠ ମେଣ୍ଟ ଗଠନ ପାଇଁ ଚାଇନା ସପକ୍ଷବାଦୀ ନ୍ୟାଶନାଲିଷ୍ଟ ପାର୍ଟି ବା କେଏମ୍‌ଟି ଏବଂ ତାଇୱାନ୍ ପିପୁଲ୍ସ ପାର୍ଟି ହାତରେ ଯଥେଷ୍ଟ ଆସନ ରହିଛି। ସେମାନେ ପ୍ରତିରକ୍ଷା ବଜେଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଧେୟକକୁ ଅଟକାଇବା ସହ ବିବାଦୀୟ ପରିବର୍ତ୍ତନକୁ ଗୃହୀତ କରାଇଛନ୍ତି, ଯାହା ସରକାରଙ୍କ କ୍ଷମତା ହ୍ରାସ କରି ଚାଇନା ସପକ୍ଷରେ ଯାଉଛି। ଏଥିରେ କ୍ଷୁବ୍ଧ ତାଇୱାନୀମାନେ ଉକ୍ତ ୨୪ ବିରୋଧୀ ସଦସ୍ୟଙ୍କ ବହିଷ୍କାରକୁ ସମର୍ଥନ କରୁଛନ୍ତି।



ମାଲେଠାରେ ଶନିବାର ଅନୁଷ୍ଠିତ ମାଳଦ୍ୱୀପର ୬୦ତମ ସ୍ୱାଧୀନତା ଦିବସ ଉତ୍ସବରେ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଛନ୍ତି।

## ମାଳଦ୍ୱୀପ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ହେଲେ ମୋଦି

ମାଲେ,୨୬।୭

ମାଳଦ୍ୱୀପ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଥିବାବେଳେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି, ଯାହା ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଅନ୍ୟତମ ସଙ୍କେତ। ଏହି ଅବସରରେ ମାଳଦ୍ୱୀପ ରାଜଧାନୀସ୍ଥିତ ରିପବ୍ଲିକ୍ ସ୍କୋୟାରରେ ତାଙ୍କୁ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏବଂ ତାଙ୍କ କ୍ୟାବିନେଟର ଶୀର୍ଷ ମନ୍ତ୍ରୀମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ୬୦ତମ ସ୍ୱାଧୀନତା ଦିବସ ଅବସରରେ ୫୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୋଦି ରାଷ୍ଟ୍ରପତି ମୁଇଜ୍ଜୁଙ୍କ ସହ ବସି ଦେଖିଥିଲେ। ସାମରିକ ପରେଡ୍ ସାଙ୍ଗକୁ ପିଲା ଏବଂ ପାରମ୍ପରିକ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ପ୍ରଦର୍ଶନ କରାଯାଇଥିଲା। ମୋଦିଙ୍କ ସହ ତାଙ୍କ ପ୍ରତିନିଧି ଦଳରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମାଳଦ୍ୱୀପ ସହ ସମ୍ପର୍କକୁ ଆଗେଇ ନେବାକୁ ଭାରତ ଅଧିକ ଘନିଷ୍ଠତାର ସହ କାର୍ଯ୍ୟ କରିବାକୁ ଚାହେଁ ବୋଲି ଉପରାଷ୍ଟ୍ରପତି ଉଜ୍ ହୁସେନ୍ ମହମ୍ମଦ ଲତିଫ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା ବେଳେ ମୋଦି କହିଛନ୍ତି। ଭାରତ ମହାସାଗର ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦୀର୍ଘଦିନ ସମ୍ପର୍କର ଜୀବନ୍ତ ପ୍ରମାଣ ବୋଲି ଏହି ଅବସରରେ ରାଷ୍ଟ୍ରପତି ମୁଇଜ୍ଜୁ କହିଛନ୍ତି। ୨ ଦେଶ ମଧ୍ୟରେ ସମ୍ପର୍କରେ ଏକ ଦୃଢ଼ ବନ୍ଧନ ରହିଆସିଛି, ଯାହା କୂଟନୀତିରୁ ବହୁ ଊର୍ଦ୍ଧ୍ୱରେ ବୋଲି ସେ ମତ ଦେଇଛନ୍ତି।

## ୧୭ ଏମ୍‌ପିଙ୍କୁ ସଂସଦରତ୍ନ ପୁରସ୍କାର

ନୂଆଦିଲ୍ଲୀ,୨୬।୭(ପି.ଟି.)

ଲୋକ ସଭାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ପାଇଁ ୧୭ ଜଣ ଏମ୍‌ପିଙ୍କୁ ଚଳିତ ବର୍ଷର ସଂସଦରତ୍ନ ପୁରସ୍କାର ପାଇଁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଏନ୍‌ସିପି (ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ, ଭାଜପା ଏମ୍‌ପି ରବି କିଶନ ଏବଂ ନିଶିକାନ୍ତ ଦୁବେ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ ପ୍ରମୁଖ ରହିଛନ୍ତି। କ୍ରମାଗତ ତୃତୀୟ ପାଳିରେ ସଂସଦୀୟ ଗଣତନ୍ତ୍ର ପ୍ରତି ସୁସଂଗତ ଅବଦାନର ସ୍ୱୀକୃତି ସ୍ୱରୂପ ୪ ଜଣ ଏମ୍‌ପିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାରରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶାର ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବ, କେରଳ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏମ୍‌ପି ଏନ୍.କେ. ପ୍ରେମଚନ୍ଦ୍ରନ, ମହାରାଷ୍ଟ୍ରର ଏନ୍‌ସିପି-ଏସ୍‌ପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ଶିବସେନା ଏମ୍‌ପି ଶ୍ରୀରଙ୍ଗ ଆପ୍ପା ବର୍ନେ। ଏମାନେ ସମସ୍ତେ ଷୋଡ଼ଶ ଲୋକ ସଭା ସମୟରୁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛନ୍ତି।

### ଭର୍ତ୍ତୃହରିଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର



ଭର୍ତ୍ତୃହରି ମହତାବ

ପୁରସ୍କୃତ ହେବାକୁ ଥିବା ଅନ୍ୟ ଏମ୍‌ପିମାନେ ହେଲେ ଭାଜପାର ସ୍ମିତା ଉଦୟ ୱାଗ, ଶିବସେନାର ନରେଶ ମହସ୍କେ, କଂଗ୍ରେସର ବର୍ଷା ଗାଏକ୍ୱାଡ୍, ଭାଜପାର ମେଧା କୁଲ୍‌କର୍ନି, ପ୍ରବୀଣ ପଟେଲ, ବିଦ୍ୟୁତ୍‌ବରନ ମାହାତୋ, ଦିଲୀପ ସାଇକିଆ ପ୍ରମୁଖ। ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ସ୍ଥାୟୀ କମିଟି ଏବଂ କଂଗ୍ରେସର ଡ. ଚିରଞ୍ଜିତ ସିଂ ଚନ୍ନିଙ୍କ ଅଧ୍ୟକ୍ଷତାରେ ଗଠିତ କୃଷି ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଏବଂ ବୈଧାନିକ ନିରୀକ୍ଷଣର ମାନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ୨୦ କାର୍ ଚୂର୍‌ମାର

ମୁମ୍ବାଇ,୨୬।୭

ମୁମ୍ବାଇ-ପୁଣେ ଏକ୍ସପ୍ରେସ୍‌ୱେର ରାଇଗଡ଼ ଜିଲା ଖୋପୋଲି ନିକଟରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ୨୦ଟି କାର୍‌କୁ ଧକ୍କା ଦେଇଛି। ଗଡ଼ାଣି ରାସ୍ତାରେ କଣ୍ଟେନର ଟ୍ରକ୍‌ଟି ବ୍ରେକ୍ ଫେଲ୍ ହେବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ମୁମ୍ବାଇ ଯାଉଥିବା ଲେନ୍‌ର ନ୍ୟୁ ଟନେଲଠାରୁ ଫୁଡ୍ ମଲ୍ ହୋଟେଲ ଅଞ୍ଚଳ ପର୍ଯ୍ୟନ୍ତ ରାସ୍ତାରେ ବିଏମ୍‌ଡବ୍ଲ୍ୟୁ, ମର୍ସିଡିସ୍ ସମେତ ଅନେକ କାର୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବହୁ ଲୋକ ଆହତ ହୋଇଥିବାବେଳେ କାହାର ମୃତ୍ୟୁ ଘଟି ନ ଥିବା ଜଣାପଡ଼ିଛି। ୧୯ ଜଣଙ୍କ ଅବସ୍ଥା ଗମ୍ଭୀର ରହିଥିବାବେଳେ ସେମାନଙ୍କୁ ନଭି ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନାଗକୁ କାମୁଡ଼ି ମାରିଦେଲା ବର୍ଷକର ଶିଶୁ

ନୂଆଦିଲ୍ଲୀ, ୨୬।୭

ବିହାରର ପଶ୍ଚିମ ଚମ୍ପାରଣ ଜିଲା ବେତିଆଠାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଗୋବିନ୍ଦ କୁମାର ନାମକ ଏକ ବର୍ଷକର ଶିଶୁ ନିଜ ଘରେ ଖେଳୁଥିବା ସମୟରେ ଏକ ବିଷଧର ନାଗସାପ ଆସି ଗୋବିନ୍ଦର ହାତରେ ଗୁଡ଼େଇ ହେବାକୁ ଲାଗିଥିଲା। ଗୋବିନ୍ଦ ଉତ୍ତେଜିତ ହୋଇ ସାପଟିକୁ ଜୋର୍‌ରେ କାମୁଡ଼ି ଦେଇଥିଲା। ଏହାପରେ ସାପଟିର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏକ ମରିପଡ଼ିଥିବା ସାପ ନିକଟରେ ଗୋବିନ୍ଦକୁ ଦେଖି ଭୟଭୀତ ହୋଇଯାଇଥିଲେ।



ତୁରନ୍ତ ଗୋବିନ୍ଦକୁ ନିକଟସ୍ଥ ବେତିଆସ୍ଥିତ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲର ଚିକିତ୍ସକ ଡାକ୍ତର ସୌରଭ କୁମାର କହିଛନ୍ତି, ଏବେ ପିଲାଟି ବିପଦମୁକ୍ତ ରହିଛି ଏବଂ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତା'ର ଚିକିତ୍ସା ଜାରି ରହିଛି। ଠିକ୍ ସମୟରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାରୁ ଗୋବିନ୍ଦର ଜୀବନ ବଞ୍ଚିଯାଇଥିବା ସେ କହିଛନ୍ତି। ଗୋବିନ୍ଦର କାମୁଡ଼ାରେ ସାପଟି ମରିଯାଇଥିବା ନେଇ ତାଙ୍କ ପରିବାର ଲୋକେ ଏବଂ ପଡ଼ୋଶୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି।

## କାର୍‌ଗିଲ ବିଜୟ ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ରାଷ୍ଟ୍ର

ନୂଆଦିଲ୍ଲୀ/ଲେହ, ୨୬।୭

କାର୍‌ଗିଲ ବିଜୟ ଦିବସ ଶନିବାର ଦେଶର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, କାର୍‌ଗିଲ ବିଜୟ ଦିବସ ହେଉଛି ଯବାନଙ୍କ ଅସାଧାରଣ ବୀରତ୍ୱର ପ୍ରତୀକ। ଯବାନଙ୍କ ସମର୍ପଣ ଏବଂ ବଳିଦାନ ସର୍ବଦା ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଆସୁଥିବା ସେ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ୱାର୍ ମେମୋରିଆଲଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଦିବସ କାରଗିଲର ପର୍ବତମାଳାରୁ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବାରେ ଭାରତର ସଶସ୍ତ୍ର ବାହିନୀର ସଫଳତାକୁ ମନେପକାଏ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଦେଶର ସମ୍ମାନ ରକ୍ଷା ପାଇଁ ଅସାଧାରଣ ସାହସ, ସଂକଳ୍ପ ଏବଂ ଦୃଢ଼ତା ପ୍ରଦର୍ଶନ କରିଥିବା ଯବାନଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛି। କାର୍‌ଗିଲ ୱାର୍ ମେମୋରିଆଲରେ ଶହୀଦ ଯବାନଙ୍କୁ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ କାର୍‌ଗିଲ ବିଜୟ ଦିବସରେ ଶହୀଦ ଯବାନଙ୍କ ବଳିଦାନକୁ ମନେପକାଇଛନ୍ତି।

## ଫୁରସତ୍

# ସବୁଠୁ ଶୀଘ୍ର ଜନ୍ମହୋଇ ବିଶ୍ୱ ରେକର୍ଡ

ୱାଶିଂଟନ୍

ଗତବର୍ଷ ଜୁଲାଇ ୫ରେ ଆମେରିକାର ୟୁଆ ସିଟି ନିବାସୀ ମୋଲି କିନ୍ ମାତ୍ର ୨୧ ସପ୍ତାହର ଗର୍ଭଧାରଣ ପରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଚଳିତ ବର୍ଷ ଉକ୍ତ ଶିଶୁପୁତ୍ର ନାଶ୍ କିନ୍ ନିଜ ପ୍ରଥମ ଜନ୍ମଦିନକୁ ପାଳନ କରିଥିଲା। ଏହାସହ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)କୁ ମଧ୍ୟ ହାତେଇଥିଲା। ସାରା ବିଶ୍ୱରେ ସର୍ବାଧିକ ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁ (ୱାର୍ଲ୍ଡସ୍ ମୋଷ୍ଟ ପ୍ରିମାଚ୍ୟୁଅର ବେବି) ଶ୍ରେଣୀରେ ନାଶ୍‌କୁ ଏହି ସଫଳତା ମିଳିଛି।

ଜିଡବ୍ଲ୍ୟୁଆର୍ ଅନୁଯାୟୀ, ସର୍ବାଧିକ ସମୟ ଆଗରୁ ଜନ୍ମହେବାର ରେକର୍ଡ ପୂର୍ବରୁ ଆମେରିକାର ଆଲ୍‌ବାମାରେ ଜନ୍ମିତ ଜଣେ ଶିଶୁଙ୍କ ନାମରେ ଥିଲା। ନାଶ୍ ଉକ୍ତ ରେକର୍ଡକୁ ଭାଙ୍ଗିଛନ୍ତି। ଜନ୍ମ ସମୟରେ ନାଶ୍‌ର ଓଜନ ମାତ୍ର ୨୮୩ ଗ୍ରାମ ଥିବାବେଳେ ସେ ମାତ୍ର ୨୪ ସେ.ମି. ଲମ୍ବା ଥିଲା। ସମୟ ପୂର୍ବରୁ ଜନ୍ମ ଏବଂ





ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁ ନାଶ୍‌କୁ ଜନ୍ମହେବାର ୬ ମାସ ପର୍ଯ୍ୟନ୍ତ ୟୁଆ ୟୁନିଭର୍ସିଟି ହେଲ୍‌ଥ କେୟାର ଅଧୀନ ଫ୍ୟାମିଲି ଚିଲ୍‌ଡ୍ରେନ୍ସ ହସ୍ପିଟାଲରେ ନବଜାତକ ଇଣ୍ଟେନ୍ସିଭ କେୟାର ୟୁନିଟ୍‌ରେ ରହି ଚିକିତ୍ସିତ ହେବାକୁ ପଡ଼ିଥିଲା। ଗତ ଜାନୁଆରୀରେ ମା' ମୋଲି ଏବଂ ବାପା ରାଣ୍ଡେଲ କିନ୍‌ଙ୍କ ସହ ଘରକୁ ଯିବା ପାଇଁ ନାଶ୍‌ଙ୍କୁ ଅନୁମତି ମିଳିଥିଲା।

ମୋଲି କହିଛନ୍ତି, ବର୍ଷେ ତଳେ ଯେତେବେଳେ ନାଶ୍ ଜନ୍ମ ହୋଇଥିଲା, ସେତେବେଳେ ତା'ର ଭବିଷ୍ୟତକୁ ନେଇ ପୂରା ପରିବାର ଅନିଶ୍ଚିତତା ମଧ୍ୟରେ ରହିଥିଲେ। ଏବେ ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବାରୁ ସେମାନେ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ମୋଲି କହିଛନ୍ତି, ପ୍ରସବ ଯାଞ୍ଚ ସମୟରେ ତାଙ୍କର ଗର୍ଭାଶୟ ୨ ସେ.ମି. ବିସ୍ତାରିତ ହୋଇଥିବା ନେଇ ଜଣାପଡ଼ିଥିଲା। କିଛିଦିନ ପରେ ତାଙ୍କର ପ୍ରସବ ପୀଡ଼ା ଆରମ୍ଭ ହୋଇଯାଇଥିଲା ଏବଂ ସମୟର ଯଥେଷ୍ଟ ପୂର୍ବରୁ ନାଶ୍ ଜନ୍ମ ହୋଇଥିଲା। ଘରକୁ ଫେରିବା ପରଠାରୁ ନାଶ୍‌ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ତେବେ ପୁଅର ଶାରୀରିକ ବିକାଶକୁ ଦୃଷ୍ଟିରେ ରଖି ତାଙ୍କୁ ନିୟମିତ ଭାବେ ଡାକ୍ତରଙ୍କ ସହ ଯୋଗାଯୋଗରେ ରହିବାକୁ ପଡ଼ିବ ବୋଲି ମୋଲି କହିଛନ୍ତି।

## 'ଖୋସ୍‌ଲା କା ଘୋସ୍‌ଲା ୨'ରେ ହୁମା

ମୁମ୍ବାଇ

୨୦୦୬ରେ 'ଖୋସ୍‌ଲା କା ଘୋସ୍‌ଲା' ଫିଲ୍ମ ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଉକ୍ତ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥିଲା। ଦିବାକର ବାନାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଉକ୍ତ ଫିଲ୍ମରେ ଅଭିନେତା ଅନୁପମ ଖେର୍, ବୋମନ ଇରାନୀ, ଅଭିନେତ୍ରୀ ତାରା ଶର୍ମା ପ୍ରମୁଖ ନଜରକୁ ଆସିଥିଲେ। ୨୦୨୬ରେ ଏହି ଫିଲ୍ମର ସିକ୍ୱେଲ 'ଖୋସ୍‌ଲା କା ଘୋସ୍‌ଲା ୨' ରିଲିଜ୍ ହେବ ବୋଲି ଶନିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଉମେଶ ବିଷ୍ଟଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମ ନିର୍ମିତ ହେବ। ଫିଲ୍ମର ସ୍କ୍ରିପ୍ଟ ପ୍ରସ୍ତୁତ ହୋଇସାରିଛି ଏବଂ ଫିଲ୍ମର କାଷ୍ଟିଂ ମଧ୍ୟ ଆରମ୍ଭ ହୋଇସାରିଥିବା ରିପୋର୍ଟରେ କୁହାଯାଇଛି। ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଭୂମିକା ପାଇଁ ହୁମା କୁରେଶୀଙ୍କୁ କାଷ୍ଟିଂ କରାଯାଇଛି। ଫିଲ୍ମର ସ୍କ୍ରିପ୍ଟ ହୁମାଙ୍କୁ ପସନ୍ଦ ଆସିଥିବା ନେଇ ରିପୋର୍ଟରେ କୁହାଯାଇଛି। ଆସନ୍ତା ନଭେମ୍ବରରେ 'ଖୋସ୍‌ଲା କା ଘୋସ୍‌ଲା ୨' ଫିଲ୍ମର ଶୁଟିଂ ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ୩ରେ 'ଜଲି ଏଲ୍‌ଏଲ୍‌ବି ୩' ରିଲିଜ୍ ହେବାକୁ ଥିବାବେଳେ ସମ୍ପ୍ରତି ହୁମା ଏହାର ଶୁଟିଂରେ ବ୍ୟସ୍ତ ଅଛନ୍ତି। 'ଜଲି ଏଲ୍‌ଏଲ୍‌ବି ୩'ରେ ଅଭିନେତା ଅକ୍ଷୟ କୁମାର, ଅର୍ଶଦ ୱାର୍ସି, ସୌରଭ ଶୁକ୍ଲା, ଅଭିନେତ୍ରୀ ଅମ୍ରିତା ରାଓ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।



ହୁମା କୁରେଶୀ







ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ୱେଲକମ୍ ହୋଟେଲଠାରେ 'ଏକ୍ସଲେନ୍ସ ଇନ୍ ପବ୍ଲିଶିଂ' ଆୱାର୍ଡ ପ୍ରଦାନ କରାଯାଇଛି। ଏହି ଅବସରରେ ଧରିତ୍ରୀ ଓ ଓଡ଼ିଶାପୋଷ୍ଟର କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ 'ଫେମିନା ଆଚିଭର୍ସ-୨୦୨୫' ଆୱାର୍ଡ ଗ୍ରହଣ କରୁଛନ୍ତି।

# ଅନାସ୍ଥା ନିଷ୍ପତ୍ତିକୁ ଜଗିଲେଣି

## ସରକାରର ଆସ୍ଥା, ଅନାସ୍ଥା, ଅବସ୍ଥା, ବ୍ୟବସ୍ଥା ସବୁ ଆଲୋଚନା ହେବ: ଅରୁଣ

ଭୁବନେଶ୍ୱର,୨୬।୭(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ସରକାର ବିରୋଧରେ ପ୍ରସ୍ତାବିତ ଅନାସ୍ଥା ବିଷୟ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେଡି ଏ ନେଇ କ'ଣ ନିଷ୍ପତ୍ତି ନେବ, ତାହାକୁ ନେଇ ରାଜ୍ୟ ରାଜନୀତି ସରଗରମ। ବିଶେଷକରି ଭକ୍ତଙ୍କ ଏହି ବାଣ ପରେ ବିଜେଡି ଭିତରେ ଅନାସ୍ଥାକୁ ନେଇ ପ୍ରବଳ ଆଲୋଚନା ଆରମ୍ଭ ହୋଇଯାଇଛି। ଯଦି ଦଳ କଂଗ୍ରେସର ଏହି ଆହ୍ୱାନକୁ ଗ୍ରହଣ ନ କରୁଛି ତେବେ ବିଜେଡି ଓ ଭାଜପା ଭିତରେ ମଧୁର ସମ୍ପର୍କ ଥିବା ବୁଝପଡ଼ିବ। ଏହି କଥାକୁ ନେଇ ବିଜେଡି ଭିତରେ ବହୁ ମାତ୍ରାରେ ଚର୍ଚ୍ଚା ଚାଲୁଛି। ବିଜେଡି ଏହି କଥାରେ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରୁ ବୋଲି ତାଙ୍କ ଦଳର ଅନେକ ନେତା ଇଚ୍ଛା କରୁଛନ୍ତି। ଭକ୍ତ ଏହି କଥା ଉଠାଇବା ପରେ ଗଣମାଧ୍ୟମ ଆଗରେ ବିଜେଡି ପକ୍ଷରୁ ଦେବୀପ୍ରସାଦ ମିଶ୍ର ପ୍ରତିକ୍ରିୟା ରଖି କହିଲେ, ବିଧାନସଭା ଅଧିବେଶନ ଘୋଷଣା ହେବା ପରେ ନିଷ୍ପତ୍ତି ହେବ। ଏହି କଥା ଉପରେ ସେ କୌଣସି ଷ୍ଟାଣ୍ଡ କ୍ଲିୟର କଲେ ନାହିଁ। ଫଳରେ ଦଳର ଅନ୍ୟ ନେତାମାନଙ୍କଠାରୁ ଅନାସ୍ଥା ଉପରେ ମତାମତ ନେବା ଲାଗି ଯେଉଁ ଯୋଗାଯୋଗ କରାଯାଇଥିଲା ବହୁ ଜଣ କହିଥିଲେ, ଦେବୀ ମିଶ୍ର ଗଣମାଧ୍ୟମକୁ ଯାହା କହିଥିଲେ ସେଥିରେ ଦଳ ଏକଥାରେ ପଛଘୁଞ୍ଚା ଦେଇଥିବା ବୁଝିହେବା କଥା। ତେଣୁ ଏ ପ୍ରସଙ୍ଗରେ ମୁହଁ ଖୋଲିବାକୁ ମନା କରିଦେଲେ। ହେଲେ ଦଳ ଭିତରେ ଏହି କଥାରେ ବିଜେଡି ନିଜର ଷ୍ଟାଣ୍ଡ କ୍ଲିୟର କରୁ ବୋଲି ଦାବି ଉଠିଛି। ଶନିବାର ଶଙ୍ଖ ଭବନଠାରେ ୮ ଜଣ ବରିଷ୍ଠ ନେତାଙ୍କୁ ନେଇ ଏକ ବୈଠକ ବସିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଏଥିରେ ବରିଷ୍ଠ ନେତା ଦେବୀ ମିଶ୍ର, ପ୍ରତାପ ଦେବ, ପ୍ରତାପ ଜେନା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସଚୀ ନାୟକ, ଅରୁଣ କୁମାର ସାହୁ ଏବଂ ପ୍ରମିଳା ମଲ୍ଲିକ ରହିଥିଲେ। ବୈଠକରେ କେତେକ ବିଷୟରେ ଆଲୋଚନା ହୋଇଥିବା ବେଳେ ଅନାସ୍ଥା କଥା ମଧ୍ୟ ଉଠିଥିଲା। ଅନାସ୍ଥା ବିଷୟ ବିଧାନସଭାରେ ନ ଆଣିବା ଛଡ଼ା ବାଟ କ'ଣ ରହିଛି ବୋଲି ଆଲୋଚନାର ସାରାଂଶ ଥିଲା ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ଅନାସ୍ଥାକୁ ସମର୍ଥନ କରିବା ଲାଗି ନବୀନଙ୍କ ଅନୁଗତ ଭି.କେ. ପାଣ୍ଡିଆନ୍‌ଙ୍କ ନିକଟକୁ ବାର୍ତ୍ତା ପଠାଇବା ଏବଂ ଏହା ଉପରେ ସହମତି ଆଣିବା ପାଇଁ ଆଲୋଚନା ହୋଇଥିବା ଶୁଣିବାକୁ ମଧ୍ୟ ମିଳିଛି। ଅନାସ୍ଥା ପ୍ରସଙ୍ଗରେ ଦଳର ସଭାପତି ନବୀନ ପଟ୍ଟନାୟକ କିପରି ରଣନୀତି ଆପଣାଇବେ ଏଥର ଦେଖାଯିବ ବୋଲି ଦଳର କେତେଜଣ ବରିଷ୍ଠ ନେତା ଚର୍ଚ୍ଚା ମଧ୍ୟ କରୁଛନ୍ତି। ସେଥିଲାଗି କେତେଜଣ ଦଳୀୟ ନେତା ଏହି କଥା ଉପରେ ଗଣ୍ଠି ପକାଇବା ଆରମ୍ଭ କରିଦେଇଛନ୍ତି। ଅନାସ୍ଥା ଯଦି ନ ଆଣନ୍ତି ଏବଂ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ କଥାରେ ଦଳର ଆଭିମୁଖ୍ୟ କ'ଣ ହେବ ସେକଥାକୁ ମଧ୍ୟ ଜଗିଲେଣି।

ଏପରି ସ୍ଥିତିରେ ଅନାସ୍ଥା ବିଷୟକୁ ନେଇ ବରିଷ୍ଠ ନେତା ଅରୁଣ ସାହୁ ଗଣମାଧ୍ୟମକୁ କହିଛନ୍ତି, ଭାଜପା ପକ୍ଷରୁ ଯେଉଁ ଚ୍ୟାଲେଞ୍ଜ କରାଯାଉଛି ବିରୋଧୀ ଅନାସ୍ଥା ଆଣନ୍ତୁ ତା'ପରେ ସେମାନେ ଦେଖିବେ। ଏହା ସେମାନଙ୍କ ଫମ୍ପା ଦମ୍ଭୋକ୍ତି। ସେମାନେ ଆଗେ ବିଧାନସଭା ଡକାନ୍ତୁ, ସେଠି ଦେଖାଦେଖି ହେବ। ସମସ୍ତେ ଜାଣିରଖିବା ଦରକାର, ବର୍ଷକୁ ବିଧାନସଭାରେ ୩ଟି ଅଧିବେଶନ ହୁଏ। ବର୍ଷାଦିନରେ ଏକ ଅଳ୍ପଦିନିଆ ଅଧିବେଶନ ବସେ ଯାହା ଅଗଷ୍ଟ ପ୍ରଥମ ସପ୍ତାହରୁ ବସିଥାଏ। ତାହା ଏପର୍ଯ୍ୟନ୍ତ କଲେନାହିଁ। ଶୁଣିବାକୁ ମିଳୁଛି ଭାଜପା ସରକାର ଏଥର ସେପ୍ଟେମ୍ବର ମାସରେ ଡାକିବେ ବୋଲି ଚିନ୍ତା କରିଛନ୍ତି। ଗୋପାଳପୁରର ଛାତ୍ରୀ ଗଣବଳାତ୍କାର, ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ଭଳି ରାଜ୍ୟରେ ଯେଉଁ ନାରୀ ନିର୍ଯାତନା ବଢ଼ିଚାଲିଛି ସେଥିନେଇ ସରକାର ସାହସ ଜୁଟାଇ ପାରୁନାହାନ୍ତି। ଏମାନଙ୍କ ବର୍ଷ ଏକ ବିଫଳତା ଅନେକ। ଏମାନେ ବିଧାନସଭା ଡାକନ୍ତୁ ଏମାନଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଏବଂ ବ୍ୟବସ୍ଥା ସବୁ ଆଲୋଚନା ହେବ। ରାଜ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ରାଜ୍ୟର ପ୍ରକୃତ ଅନାସ୍ଥା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ ବିଜେଡିର ବହୁ ନେତା ଏବେ କହୁଛନ୍ତି କଂଗ୍ରେସକୁରାଜ୍ୟରୁସଫାକରିଭାଜପା ସହ ସଲାସୁତୁରା ଯୋଗୁ ବିଜେଡିର ଏବେ ଏହି ଅବସ୍ଥା। ବିଜେଡିକୁ ଅକ୍ତିଆର କରିଥିବା କେତେଜଣଙ୍କ ଭୁଲ୍ ରାଜନୈତିକ ଗୋଟିଚାଳନା ଏବଂ ନିହିତ ସ୍ୱାର୍ଥ ଲାଗି ଭାଜପା ରାଜ୍ୟରେ ସରକାର କରିଛି। ଏବର ସ୍ଥିତିରେ ଯଦି ଭାଜପା ସପକ୍ଷରେ ଯିବାଭଳି କୌଣସି ନିଷ୍ପତ୍ତି ବିଜେଡିକୁ ଅକ୍ତିଆର କରିଥିବା ବ୍ୟକ୍ତି ନିଅନ୍ତି, ତେବେ କର୍ମୀଙ୍କ ଯେଉଁ ଚାପ ଦଳ ଉପରେ ବଢ଼ିଛି ତାହା ଉଗ୍ରରୂପ ନେଇପାରେ।

# ଏନ୍‌କାଉଣ୍ଟରରେ ୪ ମାଓବାଦୀ ନିହତ

ବିଜାପୁର/ମାଲକାନଗିରି,୨୬।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁରରେ ଶନିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୪ ଜଣ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁରର ବାସଗୁଡ଼ା ଗ୍ରାମ ନିକଟରେ ଗୁଳି ବିନିମୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୪ ମୃତଦେହ ନିକଟରୁ ଇନ୍‌ସାସ୍ ଏବଂ ଏସ୍‌ଏଲ୍‌ଆର୍ ରାଇଫଲ ସହ ବିପୁଳ ପରିମାଣର ଅସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ମିଳିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ବାସଗୁଡ଼ା ଗ୍ରାମ ନିକଟରେ ତଲାସି ଅଭିଯାନ ଚଳାଇଥିବାବେଳେ ମାଓବାଦୀ ଗୁଳି ଚଳାଇବାରୁ ଯବାନମାନେ ଏହାର ଜବାବ ଦେଇଥିଲେ। ସନ୍ଧ୍ୟାଠାରୁ ଗୁଳି ବିନିମୟ ଜାରି ରହିଛି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ନାରାୟଣପୁର ଜିଲାର ଅବୁଝମାଡଠାରେ ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ ହୋଇଥିଲେ।

# ଭୁଲ୍ ଇଞ୍ଜେକ୍‌ଶନ ନେଲା ମହିଳାଙ୍କ ଜୀବନ

ଲାଠୋର/କଣ୍ଟାବାଞ୍ଜି,୨୬।୭ (ଭୁବନେଶ୍ୱର ବାରିକ/ଗୁରୁଦୟାଲ ହଂସ)


 କ୍ୱାକ୍‌ଙ୍କ ଦ୍ୱାରା ଭୁଲ୍ ଇଞ୍ଜେକ୍‌ଶନ ନେଇ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତା ମହିଳା ହେଲେ ଭବାନୀ ପୁଟା (୪୨)। ଶୁକ୍ରବାର ରାତିରେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ୍ ମହୁଲପାଟି ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ସମ୍ପୃକ୍ତ କ୍ୱାକ୍ ଜଣକ ଫେରାର ଅଛନ୍ତି। ଏନେଇ ତୁରେକେଲା ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ମହୁଲପାଟି ଗ୍ରାମର ଡିଙ୍ଗର ପୁଟାଙ୍କ ସ୍ତ୍ରୀ ଭବାନୀ ଶୁକ୍ରବାର ଧାନବିଲରେ କାମକରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ତେବେ ଘରକୁ ଆସିବା ପରେ ତାଙ୍କର ଗୋଡ଼ ହାତ ପ୍ରବଳ ବିନ୍ଧିଥିଲା। ଏହି ସମୟରେ ତୁରେକେଲା ବ୍ଲକ୍ ଅଧୀନ ଲର୍କି ଗ୍ରାମର ଜଣେ କ୍ୱାକ୍ ମହୁଲପାଟି ଗ୍ରାମକୁ ଚିକିତ୍ସା କରିବା ପାଇଁ ଆସିଥିଲେ। ଏହା ଜାଣି ଭବାନୀଙ୍କ ପରିବାରବର୍ଗ କ୍ୱାକ୍‌ଙ୍କୁ ଭେଟି ସମସ୍ୟା କହିଥିଲେ। ଫଳରେ ସେ ଭବାନୀଙ୍କୁ କୌଣସି ଏକ ଇଞ୍ଜେକ୍‌ଶନ ଦେଇ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ପରିବାର ଲୋକେ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଅକ୍ସିଜେନ ଲଗାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସ୍ୱାମୀ ଡିଙ୍ଗର ତୁରେକେଲା ଥାନାରେ ଏତଲା ଦେଇଥିଲେ। ଭୁଲ୍ ଇଞ୍ଜେକ୍‌ଶନ ଦେବାରୁ ଭବାନୀଙ୍କର ମୃତ୍ୟୁ ଘଟିଥିବା ସେ ସେଥିରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ମୃତଦେହ ଜବତକରି ଶନିବାର ସକାଳେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ତୁରେକେଲା ଅଞ୍ଚଳରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ

ତୁରେକେଲା ଅଞ୍ଚଳରେ ଦିନକୁ ଦିନ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଅନେକ ସମୟରେ ସାଧାରଣ ଲୋକ କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ଏନେଇ ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ପରିମଳ କର୍ମୀଙ୍କୁ ବୀମା, ସହାୟତା




# ଯୁବତୀଙ୍କୁ ଆମ୍ବୁଲାନ୍ସରେ ଗଣବଳାତ୍କାର

- ହୋମ୍‌ଗାର୍ଡ ପରୀକ୍ଷାବେଳେ ଅଚେତ ହୋଇଯାଇଥିଲେ
- ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ଲଜ୍ଜିତ: ଚିରାଗ

ଗୟାଜୀ,୨୬।୭(ପି.ଟି.)

ବିହାରର ଗୟା ଜିଲାରେ ହୋମ୍‌ଗାର୍ଡ ପରୀକ୍ଷା ବେଳେ ମୂର୍ଚ୍ଛା ଯାଇଥିବା ଜଣେ ୨୬ ବର୍ଷୀୟା ଯୁବତୀଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ଚଳନ୍ତା ଆମ୍ବୁଲାନ୍ସରେ ତାଙ୍କୁ ଗଣବଳାତ୍କାର କରାଯାଇଛି। ଯୁବତୀ ଜଣଙ୍କ ହୋମ୍‌ଗାର୍ଡ ଚାକିରି ପାଇଁ ପରୀକ୍ଷା ଦେବାକୁ ଆସିଥିଲେ। ତାଙ୍କ ଦ୍ୱାରା ଚିହ୍ନଟ ୨ ଜଣଙ୍କୁ ଗିରଫ କରାଯାଇଥିବା ଶନିବାର ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ବୋଧଗୟାଠାରେ ହୋମ୍‌ଗାର୍ଡ ନିଯୁକ୍ତି ଲାଗି ଶାରୀରିକ କ୍ଷମତା ପରୀକ୍ଷା ଚାଲିଥିବାବେଳେ ଯୁବତୀ ଜଣଙ୍କ ସଂଜ୍ଞାହୀନ ହୋଇପଡ଼ିଥିଲେ। ଯୁବତୀଙ୍କୁ ଆମ୍ବୁଲାନ୍ସ ଯୋଗେ ଗୟାଜୀସ୍ଥିତ ଅନୁଗ୍ରହ ନାରାୟଣ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଉଥିବାବେଳେ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ବୋଧଗୟା ଥାନାରେ ମାମଲା ରୁଜୁ କରାଯିବା ସହ ଆମ୍ବୁଲାନ୍ସର ଡ୍ରାଇଭର ଏବଂ ଟେକ୍‌ନିସିଆନ୍‌ଙ୍କୁ ପଚରାଉଚରା କରାଯାଇଥିଲା। ସେମାନଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ଗିରଫ କରାଯାଇଥିବା ସିଟି ଏସ୍‌ପି ରାମାନନ୍ଦ କୁମାର କୌଶଳ କହିଛନ୍ତି। ପୀଡ଼ିତାଙ୍କ ଡାକ୍ତରୀ ମାଇନାରୁ ବଳାତ୍କାର ହୋଇଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି। ଡାକ୍ତରୀ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ଯୁବତୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସମାଲୋଚିତ ହୋଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡ଼ିପଡ଼ିଥିବା ନେଇ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏଭଳି ସରକାରକୁ ସମର୍ଥନ ଦେଇଥିବାରୁ ସେ ଲଜ୍ଜିତ ବୋଲି ଗୟାଜୀରେ ଆୟୋଜିତ ଏକ ରାଲିକୁ ସମ୍ବୋଧନ କରିବାକୁ ଯିବା ପୂର୍ବରୁ ପାଟନାରେ ଚିରାଗ ଖବରଦାତାମାନଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି, ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ବଦନାମ କରାଇବା ଉଦ୍ଦେଶ୍ୟରେ ହିଂସାତ୍ମକ ଅପରାଧ ସୃଷ୍ଟି କରାଯାଉଥିବା ଶୁଣିବାକୁ ପାଉଛି। ତଥାପି ଆଇନଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ହାଜିପୁର ଏମ୍‌ପି ଚିରାଗ କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜୟ ଓଡ଼ିଶା ପକ୍ଷରୁ 'ରକ୍ତଦାନ' ଶିବିର, ସ୍ଥାନ: ଟ୍ରାଇଡେଣ୍ଟ ଗ୍ୟାଲାକ୍ସି ଆପାର୍ଟମେଣ୍ଟ, ସମୟ: ସକାଳ, ୯ଟା।
- ବାଙ୍କବିହାରୀ ଦାସଙ୍କ ୨୫ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନ୍ୟାଶନାଲ୍ ସିଇଓ କନ୍‌କ୍ଲେଭ୍, ସ୍ଥାନ : ସ୍ୱସ୍ତି ପ୍ରିମିୟମ୍, ସମୟ: ଅପରାହ୍ନ ୪ଟା।
- ୮୬ତମ ସିକନ୍ଦର ଆଲାମ୍ ଜୟନ୍ତୀ, ସ୍ଥାନ, ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଷଷ୍ଠ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ଚାରବାଟିଆ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନବମ ନବ ଗୁଞ୍ଜନ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ହୋଟେଲ ହରିପ୍ଲାଜା, ବାଲେଶ୍ୱର, ସମୟ: ସକାଳ ୯ଟା।
- 'ଧ୍ୱନିପ୍ରତିଧ୍ୱନି ଓ ସାଗରିକା' ର ବାର୍ଷିକ ଉତ୍ସବ, ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଓସ୍ତା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:ଓସ୍ତା କାର୍ଯ୍ୟାଳୟ, ଭାସ୍କରଗଞ୍ଜ, ବାଲେଶ୍ୱର, ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ଉତ୍କଳ ସାମ୍ବାଦିକ ସଂଘର ଜିଲା ଶାଖା ପକ୍ଷରୁ ବୃକ୍ଷରୋପଣ ସଚେତନତା ସଭା ଓ କବିତା ପାଠ, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଅଡ଼ାଳପଙ୍କ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- କ୍ୟାରମ ଟୁର୍ନାମେଣ୍ଟ,ସ୍ଥାନ:ଅମ୍ବିକା ମନ୍ଦିର ପାର୍ଶ୍ୱ କଲ୍ୟାଣ ମଣ୍ଡପ,ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ, ସ୍ଥାନ: କୋର୍ଟ ପରିସର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ଲୋକ ଅଦାଲତ, ଯାଜପୁର ସମେତ ଅନ୍ୟ ଆଦାଲତ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ବୁଲେଟିନ ପକ୍ଷରୁ ସାଧାରଣ ମହିଳାଙ୍କ ସାମର୍ଥ୍ୟରେ ସୁଭଦ୍ରା ଶକ୍ତି ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ରଣପୁର ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ, ସ୍ଥାନ:ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ, ସ୍ଥାନ:ନୂଆଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ଯୋଗାଶନ ସ୍ପୋର୍ଟ୍ସ ଚାମ୍ପିୟନଶିପ୍, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଡିଇଓ କାର୍ଯ୍ୟାଳୟରର ବରିଷ୍ଠ ସହାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନବରଙ୍ଗପୁର ଜେଇଏଲ୍‌ସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ: ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀଙ୍କୁ ରାସନ କାର୍ଡ ଓ ଇନପୁଟ ସବ୍‌ସିଡି ବଣ୍ଟନ: ସ୍ଥାନ: ରାଇଘର, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ଆୟୋଜନରେ ଚିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ : ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା।
- ସଂସ୍କାର ଭାରତୀ ଆୟୋଜନରେ ଆଲୋଚନାଚକ୍ର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ୍ ସକାଶେ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ବାଲିବନ୍ଧା ଛକ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଦିନ୍ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : କଳା ପରିଷଦ ସଭାକକ୍ଷ, ସମୟ : ଅପରାହ୍ନ ୨ଟାରୁ ୪ଟା।
- ସୈରିନ୍ଧ୍ରୀ ନାୟକ ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଜିଲା ଓକିଲ ସଂଘ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା, ସ୍ଥାନ: ପତିତପାପନ ଏକାଡେମୀ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ସେକ୍ଟର-୭ ପ୍ରଜାପତି ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରାଉରକେଲା କଲ୍‌ଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଅଟୋ ରିକ୍ସା ମାଲିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜୁନାଗଡ଼ ସାହିତ୍ୟ ସଂସଦର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୩ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବିକାଶ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ୧୧ଟା।
- ସଶକ୍ତ ନାରୀ, ସଶକ୍ତ ଦେଶ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଳେଇବଣୀ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟି ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ଜରୁରୀକାଳୀନ ବୈଠକ, ସ୍ଥାନ: ଗୋପାଳଜୀଉ ମନ୍ଦିର, କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର


- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବୋଲବମ ସେବା ସମିତି ତରବୋଡ ପକ୍ଷରୁ ଅନ୍ନ ଭୋଗ, ସ୍ଥାନ: ମା' ମଙ୍ଗଳା ଅଟୋ ପାର୍ଟସ୍ ନୂତନ ଗ୍ୟାରେଜ ତରବୋଡ଼, ସମୟ: ମଧ୍ୟାହ୍ନ ୧୨ଟା।

# ଜେଲ ଗଲେ କୋଟିପତି ଡେପୁଟି ରେଞ୍ଜର ରାମଚନ୍ଦ୍ର

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର, ୨୬।୭(ପବନ ପାଣିଗ୍ରାହୀ)


ରାମଚନ୍ଦ୍ର ନେପାକ୍

କୋରାପୁଟ ଜିଲା ଜୟପୁର ବନାଞ୍ଚଳର କୋଟିପତି ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍‌ଙ୍କୁ ଶନିବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ତେବେ ତାଙ୍କଠାରୁ ଠାବ ହୋଇଥିବା ବିପୁଳ ସମ୍ପତ୍ତି ରାମଚନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୫୦୧ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୫/୨୦୨୫) ରୁଜୁ କରାଯାଇ ରାମଚନ୍ଦ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ସମ୍ପତ୍ତି ଠୁଳ କରିବାରେ ତାଙ୍କ ସ୍ତ୍ରୀ ସହଯୋଗ କରିଥିବାରୁ ସେ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ହୋଇଛନ୍ତି। ଗିରଫ ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁବେଳେ ଯିଏ ହସେ**
**ରୋଗ ତା' ପାଖେ ନ ପଶେ।**

ହସ ଏକ ସକାରାତ୍ମକ, ସବୁଠୁ ପୁରସ୍କୃତ ଏବଂ ସହଜରେ ସଫଳତା ହାସଲ କରିବାର ଏକ ଉତ୍ତମ ମାଧ୍ୟମ। ହସ ମନୁଷ୍ୟର ଭାବନା କୁ ପ୍ରତିପାଦନ କରିଥାଏ ଏବଂ ଆତ୍ମବିଶ୍ୱାସକୁ ବଢାଇଥାଏ। ହସିବା ପାଇଁ କୌଣସି ମୂଲ୍ୟ ଦେବାକୁ ପଡେ ନାହିଁ କିନ୍ତୁ ହସିବା ଦ୍ୱାରା ଆମକୁ ବହୁ ଲାଭ ମିଳିଥାଏ। ହସ ହିଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶ୍ରେଷ୍ଠ ମହୌଷଧି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଜନା ଫୁଲ ରାଇକି,**
**ହେଂସରେ ମୂତିଲୁ ଚେଇଁକି ?**
**ଘର କଥା ତ ଘରେ ଥାଆନ୍ତା**
**ଦାଣ୍ଡରେ କହିଲୁ କାଇଁକି ?**

ଘରର ଗୁମର ବା ଗୋପନୀୟ କଥା ବାହାରେ ଗପିବା ଉଚିତ ହୋଇ ନ ଥାଏ। ଘର କଥା ବାହାରେ ଗପିଲେ ଘରର ମାନସମ୍ମାନ ହାନି ହେବା ସହ ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବୈତରଣୀ, ଜଳକାରେ ...

ସେହିପରି ଏହାର ଉପରମୁଣ୍ଡ ଚମ୍ପୁଆରେ ୩୭୩.୬୪ ମିଟର, ସ୍ୱାମ୍‌ପାଟଣାରେ ୩୧୦.୯୦ ମିଟର ଉଚ୍ଚରେ ବନ୍ୟା ପାଣି ଚାଲିଛି।

ସୂଚନା ଅନୁଯାୟୀ, ସକାଳ ୮ଟାରେ ନଦୀରେ ଜଳସ୍ତର ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଅପରାହ୍ନ ଗୋଟାଏ ସୁଦ୍ଧା ଆଖୁଆପଦାରେ ନଦୀର ଜଳସ୍ତର ୧୮.୦୫ ମିଟରରେ ପହଞ୍ଚିଥିଲା। ଅପରାହ୍ନ ୨ଟାରେ ଜଳସ୍ତର ଏକାବେଳେ ୨୮ ମି.ମି. ବୃଦ୍ଧି ପାଇ ବିପଦ ସଙ୍କେତ ୧୮.୩୩ ମିଟର ଛୁଇଁଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ଚମ୍ପୁଆଠାରେ ସର୍ବାଧିକ ୯୭.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ସ୍ୱାମ୍‌ପାଟଣାରେ ୭୬.୪ ମି.ମି., କେନ୍ଦୁଝରରେ ୨୯.୨ ମି.ମି., ଆନନ୍ଦପୁରରେ ୧୨.୪ ମି.ମି. ଓ ଆଖୁଆପଦାରେ ୭.୦ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ଅତିବେଶିରେ ଜଳସ୍ତର ୧୯ ମିଟର ଛୁଇଁପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ଆଖୁଆପଦା ଜଳସମ୍ପଦ ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ କହିଛନ୍ତି। ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ ୩୨ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇ ନୋଡାଲ ଅଧିକାରୀଙ୍କୁ ମୁତୟନ କରାଯାଇ ଶୁଖିଲା ଖାଦ୍ୟ ରଖାଯାଇଛି। ଆବଶ୍ୟକ ହେଲେ ବନ୍ୟାଘେରରୁ ଲୋକଙ୍କୁ ଉଦ୍ଧାର କରାଯିବା ପାଇଁ ବଦାଲୋ-ମଡ଼ିଆଳି ଓ ମାଳଦାରେ ଗୋଟିଏ ଲେଖାଏ ଡଙ୍ଗା ପ୍ରସ୍ତୁତ କରି ରଖାଯାଇଛି। ଭଣ୍ଡାରିପୋଖରୀର ୧୧ଟି ବନ୍ୟା ପ୍ରବଣ ପଞ୍ଚାୟତରେ ସମ୍ଭାବ୍ୟ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଗୋଟିଏ ୟୁନିଟ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୨ ସେକ୍ସନ ପୋଲିସ ପହଞ୍ଚି ଭଣ୍ଡାରିପୋଖରୀ ମହାବିଦ୍ୟାଳୟରେ ଅବସ୍ଥାନ କରୁଛନ୍ତି ବୋଲି ବିଡିଓ ଦେବଦତ୍ତ ଦାସ ସୂଚନା ଦେଇଛନ୍ତି।

ବୈତରଣୀ ଜଳସ୍ତର ବୃଦ୍ଧିପାଉଥିବାରୁ କେନ୍ଦୁଝର ଜିଲାର ତଳିଆ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ଅଞ୍ଚଳର ୮ ଗ୍ରାମ, ଆନନ୍ଦପୁରରେ ୫ ଓ ଘସିପୁରାରେ ୫ ଗ୍ରାମ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ତଳିଆ ଅଞ୍ଚଳ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆବଶ୍ୟକ ସ୍ଥଳେ ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ସଜାଗ ରହିଥିବା ସେ କହିଛନ୍ତି। ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ଯୋଗୁ ଯାଜପୁର ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ଆନନ୍ଦପୁର ବ୍ୟାରେଜରେ ୪୧୦୦ ଘନମିଟର, କାନପୁର ଡ୍ୟାମରୁ ୧୭୧ ଘନମିଟର, କଞ୍ଜାରୀରେ ୧୦.୭୬ ଘନମିଟର ଓ ରେମାଳ ଡ୍ୟାକତରୁ ୧.୮୭ ଘନମିଟର ବନ୍ୟାଜଳ ନିଷ୍କାସିତ ହେଉଛି। ତେଣୁ ଆଗାମୀ ୧୫ ଘଣ୍ଟା ମଧ୍ୟରେ ଯାଜପୁର ଜିଲାର କୋରେଇ, ଦଶରଥପୁର, ଯାଜପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଏକ ବଡଧରଣର ବନ୍ୟା ଆଶଙ୍କା ସୃଷ୍ଟି କରିଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ତଳିଆ ଅଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀଗୁଡ଼ିକୁ ସ୍ଥାନାନ୍ତରହେବାକୁ ସୂଚନା ଦିଆଯାଇଛି। ଏହାବାଦ ଜଳସେଚନ ବିଭାଗ ପକ୍ଷରୁ ନଦୀବନ୍ଧଗୁଡ଼ିକର ଯାଞ୍ଚ ଆରମ୍ଭ ହେବା ସହ ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷଣ ଦୃଷ୍ଟି ରଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖ ରାତିରେ ଜିଲାର ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ଅଧୀନ ନୂଆପାଟଣା ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ୩୦ ଫୁଟ ପର୍ଯ୍ୟନ୍ତ ଧସି ଯାଇଥିଲା। ସେଠାରେ ପୂର୍ତ୍ତ ବିଭାଗ ଦ୍ୱାରା ସେତୁ ନିର୍ମାଣ କାର୍ଯ୍ୟ ସରୁ ନ ଥିବାବେଳେ ବିଭିନ୍ନ ନିର୍ମାଣ ସାମଗ୍ରୀ ନଦୀ ଗର୍ଭରେ ରହିଯିବାରୁ ବନ୍ୟା ଜଳ ଉପଯୁକ୍ତ ଭାବେ ନିଷ୍କାସନ ହୋଇ ନ ପାରି ଏଭଳି ସ୍ଥିତି ଦେଖା ଦେଇଥିଲା। ଜଳସେଚନ ବିଭାଗର ଯାଜପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି କହିଛନ୍ତି, ସମ୍ଭାବ୍ୟ ବନ୍ୟା ସ୍ଥିତି ଉପରେ ବିଭାଗ ସଜାଗ ରହିଛି। ଏଥିପାଇଁ ବାଲିବସ୍ତା, ବହ୍ଲା ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ନଦୀବନ୍ଧ ଅଞ୍ଚଳରେ ରାତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି।

ଅନ୍ୟପକ୍ଷରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବିପଦସଙ୍କେତ ଉପରେ ରହିଛି। ଏହି ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଜମ୍ବୀରା ନଦୀବନ୍ଧରେ ୬୦ ଫୁଟ୍ ଲମ୍ବର ଘାଇ ସୃଷ୍ଟି ହୋଇ ଜଳକାରେ ବନ୍ୟା ପରିସ୍ଥିତି ଭୟଙ୍କର ହୋଇଛି। ମଥାନୀଠାରେ ନଦୀର ବିପଦସଙ୍କେତ ୬.୫୦ମିଟରର ରହିଥିବା ବେଳେ ଶନିବାର ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୭.୨୦ମିଟରରେ ପ୍ରବାହିତ ହେଉଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ଏହା ହ୍ରାସ ପାଇ ୭.୦୯ ମିଟରରେ ପ୍ରବାହିତ ହେଉଛି। ଏହି ନଦୀରେ ବନ୍ୟା ଯୋଗୁ ରଘୁନାଥପୁର, କାଦରାୟାଁ, କରୁଆଁ, ପତ୍ରଝଡ଼ା, ରାଉତପଡ଼ା, ବାହାର୍ଦ୍ଦା, କୁଡ଼ିଆ, ବାସିଚକୁରି, ସଦାନନ୍ଦପୁର, ମଥାନୀ, ଦୁଧହଂସା ଆଦି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି। ବସ୍ତା ଓ ସଦର ବ୍ଲକର ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ମଥାନୀ ଚଟାଣ, ଗାନ୍ଧୀଛକ, କୁଡ଼ିଆ ରାସ୍ତା, କଟିପୋଲ-ରାଉତପଡ଼ା ରାସ୍ତାର ପଳାସିଆଠାରେ ଆଣ୍ଠୁଏ ଉଚ୍ଚର ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଚାଷଜମିରୁ ଧାନ ତଳି ଭାସିଯାଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟସ୍ଥଳୀରେ ସୁରକ୍ଷିତ ଭାବେ ରଖାଯାଇଛି। ପାନୀୟ ଜଳ, ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ରହିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବୁଢ଼ାବଳଙ୍ଗ ନଦୀର ବିପଦସଙ୍କେତ ୮.୧୩ ମିଟର ଥିବାବେଳେ ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ୫.୬୮ ମିଟରରେ ପ୍ରବାହିତ ହେଉଛି।

ଅପରପକ୍ଷରେ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁ ଗାଲୁଡ଼ିହି ଡ୍ୟାମ୍‌ରୁ ୧୩ଟି ଗେଟ୍ ଖୋଲାଯାଇ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ସୁବର୍ଣ୍ଣରେଖା ସତର୍କ ସୂଚନା ୯.୪୫ମିଟର ଓ ବିପଦ ସଙ୍କେତ ୧୦. ୩୬ମିଟର ଥିବାବେଳେ ସନ୍ଧ୍ୟା ୬ଟା ସୁଦ୍ଧା ୭.୮୬ମିଟରରେ ପ୍ରବାହିତ ହେଉଛି। ଗତମାସ ୨୦ ତାରିଖରୁ ଅଦ୍ୟାବଧି ସୁବର୍ଣ୍ଣରେଖାରେ ୫ ଥର ବନ୍ୟା ଆସିବାରୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ଭୋଗରାଇ ଓ ବାଲିଆପାଳ ବ୍ଲକ ତଳିଆ ଅଞ୍ଚଳରେ ବନ୍ୟାଜଳ ଛାଡି ନ ଥିବା ବେଳେ ପୁଣି ଏକ ବନ୍ୟା ସାମ୍ନା କରିବାକୁ ଲୋକେ ଭୟଭୀତ ହୋଇପଡିଛନ୍ତି। ପୂର୍ବବନ୍ୟାରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଅନ୍ୟସ୍ଥାନରୁ ବଳକା ଧାନ ବିହନ କିଣି ଆଣି ଚାଷୀମାନେ ରୋଇବାକୁ ସଜବାଜ ହେଉଥିବା ବେଳେ ପୁଣି ବନ୍ୟା ସେମାନଙ୍କ ଅକଲ ଗୁଡୁମ୍ କରିଛି। ସୁବର୍ଣ୍ଣରେଖାର ଦୁର୍ବଳ ଥିବା ଉଭୟ ପାର୍ଶ୍ୱ ନଦୀବନ୍ଧରେ ବାଲିବସ୍ତା ପକାଯିବା ଓ ଜଗିବାକୁ ଜିଲା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଲିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳଙ୍କ ସହ ସେଚ କର୍ମଚାରୀ ନଦୀବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବା ସୂଚନା ମିଳିଛି। ଏଥିସହିତ ଜିଲା ପ୍ରଶାସନ ବନ୍ୟା ମୁକାବିଲା ନିମନ୍ତେ ସଜାଗ ରହି ଉଦ୍ଧାରକାରୀ ଦେଶୀ ଡ଼ଙ୍ଗା, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛି।

### ପରିମଳ କର୍ମୀଙ୍କୁ ୧୦ ଲକ୍ଷର ...

ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଭୁବନେଶ୍ୱର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ୨ ଦିନିଆ ଜାତୀୟ କର୍ମଶାଳା ଆୟୋଜନ ହୋଇଛି। ଏହି ଅବସରରେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ୍ୟ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଓଡ଼ିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ଏହି କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଆୟୋଜିତ ୨ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ'। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟୀକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତ୍‌କାଳୀନ ପରିମଳ ସେବା ୟୁନିଟ୍ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାରରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟକରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ପରିମଳ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶାର ଦେଶରେ ନାଁ ଅଛି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସଚିବ ଅମିତ ଯାଦବ କହିଛନ୍ତି, ଓଡ଼ିଶା ସରକାର ପରିମଳ କର୍ମଚାରୀମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ ଅଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ପରିବାର ଓ କର୍ମକ୍ଷେତ୍ର ପାଇଁ ପାପଗ୍ରହ ସନ୍ନିବେଶିତ ଚନ୍ଦ୍ରଙ୍କ ସ୍ଥିତି ଆଦୌ ଅନୁକୂଳ ନୁହେଁ। ପ୍ରତ୍ୟେକ କାମରେ ସମସ୍ୟା ଲାଗି ରହିବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ**

ବନ୍ଧୁଙ୍କ ସହଯୋଗ ଲାଭକରି ନୂଆ କାମରେ ମନ ଦେବେ। ପରିବାର ମଧ୍ୟରେ ଛୋଟବଡ଼ ସମସ୍ୟା ପୂର୍ବରୁ ରହିଥିଲେ ମଧ୍ୟ ତାହା ଶିଥିଳତାରେ ରହିଯିବ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁ ଠିକ୍ ସମୟରେ ଆସି ଆପଣଙ୍କୁ ସାହାଯ୍ୟ କରିବେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**

ଅନୁଚିତ ବିଚାରଧାରାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ କଳହ ଲାଗିପାରେ। ଆଶା କରୁଥିବା ଦିଗରୁ ଅର୍ଥ ଓ ସମ୍ମାନ ପାଇବାର ଆଶା ରହିଛି। ଭାଗ୍ୟାଧିପ ଶନି କର୍ମଭାବସ୍ଥ ଯୋଗୁ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ହେତୁ କର୍ମକ୍ଷେତ୍ରରେ ଖୁସି ରହିବେ। ବୁଧାଦିତ୍ୟ ଯୋଗ ଫଳ ସ୍ୱରୂପ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**

ପାପଯୁକ୍ତ ରାଶ୍ୟାଧିପ ଯୋଗୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମାନସିକ ଓ ଶାରୀରିକ ସୁସ୍ଥତା ରହିବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। କୌଣସି ବ୍ୟକ୍ତିଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ। ସପ୍ତମାଧିପତିଙ୍କ ଦୁର୍ବଳତାଜନିତ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**

ରବି ଦ୍ୱାଦଶରେ ରହିଥିବାରୁ ବ୍ୟୟବୃଦ୍ଧି ସାଙ୍ଗକୁ ଦୂରଯାତ୍ରା କିମ୍ବା ସ୍ଥାନାନ୍ତରଜନିତ ବ୍ୟସ୍ତତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା**

ସ୍ୱଗୃହକୁ ମଙ୍ଗଳଙ୍କ ଦୃଷ୍ଟିଥିବାରୁ କୌଣସି ଜିନିଷ ପ୍ରାପ୍ତି ଆଶାରେ ଆତ୍ମୀୟଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଆବିର୍ଭାବ ପରିସ୍ଥିତିକୁ ଏପଟସେପଟ କରିଦେବ। ବହୁ ସଂଘର୍ଷ ପରେ ସଫଳତା ପାଇବେ। ଭଲ ସମ୍ପର୍କ ରହିଥିବା ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି।

**ତୁଳା**

ରାହୁଙ୍କ ଦୃଷ୍ଟି ବୃହସ୍ପତିଙ୍କ ଉପରେ ଥିବାରୁ ଅନ୍ୟମାନଙ୍କ ଭୁଲ୍ ଧାରଣା କାମରେ ଅନର୍ଥ ସୃଷ୍ଟି କରିବ। କର୍ମକ୍ଷେତ୍ରର ଚାପ ଯୋଗୁ ଶାନ୍ତିରେ ରହି ପାରିବେ ନାହିଁ। ଘର ଲୋକଙ୍କ କାମରେ ଅସନ୍ତୁଷ୍ଟ ହେଲେ ସୁଦ୍ଧା ପାଟି ଫିଟାଇବାର ରାସ୍ତା ନଥିବ। ଆନୁଷ୍ଠାନିକ କାମ ସାଙ୍ଗକୁ ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ବିଛା**

ରାଶ୍ୟାଧିପ ରାଶିକୁ ଅବଲୋକନ କରୁଥିବାରୁ ପରିସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନେବା ବୁଦ୍ଧିମାନର କାମ ହେବ। ନିଜର ଭାବୁଥିବା ବନ୍ଧୁଟିର କାର୍ଯ୍ୟକଳାପ ସନ୍ଦେହ ସୃଷ୍ଟି କରିପାରେ। ବ୍ୟବସାୟ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ। ଶାରୀରିକ ସୁସ୍ଥତା ଅନୁଭବ କରିପାରନ୍ତି।

**ଧନୁ**

ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ପଡ଼ୋଶୀଙ୍କ ମିତ୍ରତା ମାନସିକ ଅସୁସ୍ଥତାକୁ ଦୂରେଇବାରେ ସମର୍ଥ ହେବ। ଘରର ଅପ୍ରକାଶ୍ୟ ଘଟଣାସବୁ ଶୁଣିବେ ସିନା କାହାକୁ କିଛି କହିପାରିବେ ନାହିଁ। କାମରେ ପ୍ରତିବନ୍ଧକ ଲାଗି ରହିବା ଯୋଗୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ପଡ଼ିପାରେ।

**ମକର**

ରାହୁଙ୍କ କୁପ୍ରଭାବରୁ କାର୍ଯ୍ୟବ୍ୟସ୍ତତା ସାଙ୍ଗକୁ ଅନ୍ୟମାନଙ୍କର ଅଭିଯୋଗ ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ବିନା କାରଣରେ ସନ୍ଦେହ ସୃଷ୍ଟିହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ। ବନ୍ଧୁଙ୍କ ପ୍ରେରଣାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**କୁମ୍ଭ**

ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ପଦକ୍ଷେପ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବ। ବନ୍ଧୁଙ୍କ ପାରିବାରିକ ସମସ୍ୟା ସମାଧାନ ଚିନ୍ତା ଘାରିପାରେ। ଭୁଲ୍ କାର୍ଯ୍ୟପଦ୍ଧତି ଅନୁସରଣ କଲେ ଅଫିସ୍‌ରେ ଉତ୍ତରଦାୟୀ ହେବେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଆପୋସ ସମାଧାନର ଆଶା କରାଯାଇପାରେ।

**ମୀନ**

ଷଷ୍ଠଭାବସ୍ଥ ଚନ୍ଦ୍ର ପାପଯୁକ୍ତ ଯୋଗୁ କର୍ମକ୍ଷେତ୍ରରେ ବାରମ୍ବାର ବିଫଳତା ଲାଗି ରହିପାରେ। ବୁଧ ଦୁଃସ୍ଥାନସ୍ଥ ଯୋଗୁ ବାଣିଜ୍ୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। ସାମୟିକ ଭାବରେ ସ୍ୱାୟବିକ ଦୁର୍ବଳତା ଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ଜୁଲାଇ ୨୭ ତାରିଖ, ପରମାଣୁର ଜନକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବ୍‌ଦୁଲ୍ କଲାମଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ତୃତୀୟା ରବିବାର। ରାଶିନକ୍ଷତ୍ର-ମଘା/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୪ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୪ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।



ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀଠାରେ ପ୍ରବାହିତ ଜଳକା ବନ୍ୟାଜଳ।



ବନ୍ୟାପାଣି ଘେରରେ ବସ୍ତା ଅବକାରୀ ଥାନା।

# 'ଡିଜିଟାଇଜେଶନରେ ଅଗ୍ରଣୀ ଭୂମିକା ନେଇଛି ଓଡ଼ିଶା ହାଇକୋର୍ଟ'



ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟମାନେ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କରୁଛନ୍ତି।

## ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ

**କଟକ,୨୬।୭(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟ ଆଜି ୭୮ ବର୍ଷରେ ପଦାର୍ପଣ କରିଛି। ଏହି ୭୮ ବର୍ଷ ମଧ୍ୟରେ ହାଇକୋର୍ଟ ବିଚାରର ବିଭିନ୍ନ କ୍ଷେତ୍ରରେ ଯଥା ପେପରଲେସ୍‌ଠାରୁ ଆରମ୍ଭ କରି ଡିଜିଟାଇଜେଶନ ମାଧ୍ୟମରେ ସମସ୍ତ ରେକର୍ଡପତ୍ର ସୁରକ୍ଷିତ ରଖିବା ପାଇଁ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ କହିଛନ୍ତି। ଜଷ୍ଟିସ ବୀରକିଶୋର ରାୟ ସ୍ମାରକୀ କମିଟି ପକ୍ଷରୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ସହଯୋଗରେ ଶନିବାର ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଏବଂ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବୀରକିଶୋର ରାୟଙ୍କ ୬୭ତମ ଶ୍ରାଦ୍ଧୋତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଯୋଗଦେଇ ବାର ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନ ସମ୍ପାଦକ ଅଭିଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବୀରକିଶୋର ରାୟ ସ୍ମାରକୀ କମିଟି ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ଼ ସ୍ମାରକୀ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ହାଇକୋର୍ଟ ପରିସରସ୍ଥ ସ୍ୱର୍ଗତ ରାୟଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଟଣ୍ଡନଙ୍କ ସମେତ ହାଇକୋର୍ଟର ବିଚାରପତି ଏବଂ ବରିଷ୍ଠ ଆଇନଜୀବୀମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହାଇକୋର୍ଟ ବାର ଆସୋସିଏଶନର ସମ୍ମିଳନୀ କକ୍ଷରେ ବାର୍ ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ହାଇକୋର୍ଟ ପ୍ରତିଷ୍ଠା ଦିବସ ଏବଂ ଜଷ୍ଟିସ ବୀରକିଶୋର ରାୟଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଇଂରେଜ ସରକାରଙ୍କ ଅମଳରେ କଲିକତା ହାଇକୋର୍ଟରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହା ପାଟନା ହାଇକୋର୍ଟ ସହିତ ମିଶ୍ରଣରେ ଓଡ଼ିଶା ସଂକ୍ରାନ୍ତ ମାମଲାଗୁଡ଼ିକ ବିଚାର କରାଯାଉଥିଲା। ପରବର୍ତ୍ତୀ କାଳରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଏଥିସହ ବିଚିତ୍ରାନନ୍ଦ ଦାସ, ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ପ୍ରମୁଖଙ୍କ ଉଦ୍ୟମ ଫଳରେ କଟକରେ ୧୯୪୮ ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟ ସ୍ଥାପନ ହୋଇଥିଲା। ତତ୍କାଳୀନ ଫେଡେରାଲ କୋର୍ଟର ମୁଖ୍ୟ ବିଚାରପତି ଏଚ୍‌ଜେ କାନିଆ ୧୯୪୮ ଜୁଲାଇ ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଓଡ଼ିଶା ହାଇକୋର୍ଟର ଲୋକାର୍ପଣ କରିଥିଲେ। ଜଷ୍ଟିସ ବୀରକିଶୋର ରାୟଙ୍କୁ ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରାଯାଇଥିଲା। ଆଜି ଓଡିଶା ହାଇକୋର୍ଟ ବିଚାର କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

# ଜମ୍ବୀରା ନଦୀବନ୍ଧରେ ଘାଇ



ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ବଡ଼ାମପୁର ନିକଟରେ ଜମ୍ବୀରା ନଦୀରେ ହୋଇଥିବା ଘାଇ।

**ମୋରଡ଼ା,୨୬।୭(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଜମ୍ବୀରା ନଦୀର ବଡ଼ାମପୁର ନଦୀବନ୍ଧରେ ଶନିବାର ୪୦ ଫୁଟ ଘାଇ ସୃଷ୍ଟି ହୋଇଛି। ବନ୍ୟାପାଣି ମାଡ଼ି ୨ ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି। ଧାନ ତଳି ନଷ୍ଟହେବା ଆଶଙ୍କା ଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ସେହିପରି ଉକ୍ତ ବ୍ଲକ୍ ଅଧୀନ ସାନମାଣିଦା ପଞ୍ଚାୟତର ଦହଲିପୁରା, ପିଙ୍ଗୁଳି, ପଦ୍ମତୋଳିଆ, ହାଣ୍ଡିଧୁଆ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଲୋକ ପାଣି ଘେରରେ ରହିଛନ୍ତି। ଶନିବାର ସକାଳେ ଜିଲାପାଳ ହେମକାନ୍ତ ସାଏ, ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା ଓଡ୍ରାଫ ଟିମ୍ ସହ ବୋଟ୍ ଯୋଗେ ପାଣି ଘେରରେ ଥିବା ଗ୍ରାମବାସୀଙ୍କ ନିକଟକୁ ଯାଇ ପରିସ୍ଥିତି ପରଖିଥିଲେ। ସେହିପରି କେତେଜଣ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇ ଖାଦ୍ୟ, ପାନୀୟର ବ୍ୟବସ୍ଥା କରାଯାଇଛି। ପାଣି ଘେରରେ ଥିବା ଲୋକଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଦ୍ୱାରା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ପ୍ରଶାସନ ସୂଚନା ଦେଇଛି। କିଛିଦିନ ତଳେ ହୋଇଥିବା ବନ୍ୟାରେ ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୁଣି ଧାନ ବୁଣି ତଳି କରିଥିଲେ। କିନ୍ତୁ ଚଳିତ ବନ୍ୟାରେ ଏହା ମଧ୍ୟ ନଷ୍ଟହେବାକୁ ବସିଛି। ସରକାର ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଚାଷୀ ଜନ୍ମେଜୟ ଗିରି, ମାନସ କୁମାର ନାୟକ, ମୁରଲୀଧର ଦେ ଏବଂ ଅନ୍ୟମାନେ ନିବେଦନ କରିଛନ୍ତି।

# ଜଳପ୍ରପାତରେ ଭାସିଯାଇ ଡାକ୍ତରୀ ଛାତ୍ରୀଛାତ୍ର ମୃତ

**ସମ୍ବଲପୁର,୨୬।୭(ପ୍ରମୋଦ ବହିଦାର)**

### ଦେବଝରଣରେ ଗାଧୋଇଲାବେଳେ ସ୍ରୋତରେ ଭାସିଯାଇଥିଲେ

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ଦେବଝରଣ ଜଳପ୍ରପାତର ପ୍ରଖର ସ୍ରୋତରେ ଭାସିଯାଇ ଶନିବାର ୨ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ବୁର୍ଲା ବୀର ସୁରେନ୍ଦ୍ର ସାଏ ଆର୍ୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ଶେଷବର୍ଷରେ ପଢୁଥିବା ମୋନିକା ମିନା(୨୪) ଓ ସନ୍ଦିପ ପୁରୀ। ମୋନିକାଙ୍କ ଘର ରାଜସ୍ଥାନ ମାଉଣ୍ଟଆବୁ ଓ ସନ୍ଦିପ ନୂଆଦିଲ୍ଲୀ ନଜବଗଡ଼ର ବୋଲି ଜଣାପଡିଛି। ସୂଚନା ଅନୁସାରେ ଶନିବାର ଭିମ୍‌ସାରର ୩ ଛାତ୍ରୀ ଓ ୩ ଛାତ୍ର ଦେବଝରଣ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରେ ସେମାନେ ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ଜଣେ ଅସୁସ୍ଥତା ଅନୁଭବ କରିବାରୁ ଗାଧୋଇବାକୁ ଯାଇ ନ ଥିଲେ। ପୂର୍ବାହ୍ନ ସାଢ଼େ ୧୨ଟା ୩୦ରେ ଅନ୍ୟ ୫ଜଣ ଛାତ୍ରୀଛାତ୍ର ଝରଣାରେ ଗାଧୋଉଥିଲେ। ଏହି ସମୟରେ ଅସାବଧାନତା ହେତୁ ସେମାନେ ଗଭୀର ପାଣିକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରୁ କେହି ପହଁରା ଜାଣି ନ ଥିବାରୁ ବୁଡିବାକୁ ଲାଗିଥିଲେ। ଏହାଦେଖି ସେଠାରେ ଉପସ୍ଥିତ କେତେକେ ସ୍ଥାନୀୟ ଲୋକେ କୌଣସି ପ୍ରକାରେ ୨ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ଉଦ୍ଧାର କରି ପାରିଥିଲେ। ସେତବେଳକୁ ମୋନିକା ଓ ସନ୍ଦିପ ଜଳସ୍ରୋତରେ ଦୂରକୁ ଭାସି ଯାଇଥିଲେ। ଏହି ଖବର ପାଇ ଯୁଯୁମୁରା ଥାନା ଆଇଆଇସି ସଞ୍ଜୟ ରାଉତରାୟ ଅଗ୍ନିଶମ ବାହିନୀ ସହିତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବହୁ ଖୋଜାଖୋଜି ପରେ ଅଗ୍ନିଶମ ବାହିନ ଅପରାହ୍ନ ପ୍ରାୟ ୩ଟାରେ ମୋନିକା ଓ ସନ୍ଦିପଙ୍କ ମୃତଦେହ ଉଦ୍ଧାର କରି ଭିମ୍‌ସାର ପଠାଇଥିଲେ। ଭିମ୍‌ସାର କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଛନ୍ତି। ପରିବାର ଲୋକ ଆସିଲା ପରେ ରବିବାର ଉଭୟଙ୍କ ମୃତଦେହ ବ୍ୟବଛେଦ କରାଯିବ। ଅପରପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସମ୍ବଲପୁର ସଦର ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଭିମସ୍‌ସାର ଅଧୀକ୍ଷକ ଡା. ଲାଲ ମୋହନ ନାଏକ ଓ ଡିନ୍ ତଥା ଅଧ୍ୟକ୍ଷ ଡା. ପ୍ରଦୀପ କୁମାର ମହାନ୍ତି, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

# ବାଡ଼ି ପୋଖରୀରୁ ୨ ବଉଳା କୁମ୍ଭୀର ଉଦ୍ଧାର



**ରାଜନଗର,୨୬।୭ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଏଣ୍ଢୁଲାପୁର ଗ୍ରାମର ଦିବାକର ସେଠୀଙ୍କ ପୋଖରୀରୁ ୬.୬ଫୁଟର ଏକ ମାଈ ବଉଳା କୁମ୍ଭୀର ଶନିବାର ସକାଳେ ଉଦ୍ଧାର କରାଯାଇଛି। ସେହି କୁମ୍ଭୀରକୁ ଗୁପ୍ତି ନିକଟସ୍ଥ ହବଲ କ୍ରିକ୍‌ରେ ଛଡାଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀକୁ ଚାଲିଆସିଥିବା ଅନୁମାନ କରାଯାଉଛି। ଡିଏଫ୍‌ଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶ କ୍ରମେ ପ୍ରବଳ ବର୍ଷା ସତ୍ତ୍ୱେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ଓ ବନ କର୍ମଚାରୀମାନେ କୌଶଳ କ୍ରମେ କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରିଥିଲେ। ସେହିପରି ଭିତରକନିକା ଜାତୀୟ ଉଦ୍ୟାନ ନିକଟସ୍ଥ ଡାଙ୍ଗମାଳ ଗ୍ରାମର କାର୍ତ୍ତିକ ବେହେରାଙ୍କ ପୋଖରୀରୁ ୫ ଫୁଟ୍ ଲମ୍ବର ଅନ୍ୟ ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବାହ୍ନ ୧୧ଟା ବେଳେ ଡାଙ୍ଗମାଳ ସେକ୍ସନ କର୍ମଚାରୀମାନେ ସେହି କୁମ୍ଭୀରକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନସ୍ଥିତ ଭିତରକନିକା ନଦୀରେ ଛାଡ଼ି ଦେଇଛନ୍ତି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁ ନଦୀ,ନାଳ ଓ ପୋଖରୀରେ ପାଣି ଅଧିକ ହେବାରୁ କୁମ୍ଭୀରମାନେ ବାଡ଼ି ପୋଖରୀ ମଧ୍ୟକୁ ପଶି ଆସୁଛନ୍ତି। ଏଥିପ୍ରତି ଲୋକମାନେ ସତର୍କ ରହିବା ପାଇଁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଷ୍ଟିଲ୍ ଗରାରେ ମୁଣ୍ଡ ପୂରାଇଦେଲା ୩ ବର୍ଷର ଶିଶୁ

**କୋରୁକୋଣ୍ଡା,୨୬।୭(ଶିବଦତ୍ତ ସାହୁ)**

### ୨ ଘଣ୍ଟା ପରେ ବାହାରକଲେ ଅଗ୍ନିଶମ କର୍ମଚାରୀ

ମାଲକାନଗିରି ଜିଲା କୋରୁକୋଣ୍ଡା ସଦରରେ ରହୁଥିବା ପ୍ରଦୀପ ବିଶ୍ୱାସଙ୍କ ୩ ବର୍ଷର ପୁଅ ତନ୍ମୟ ଖେଳୁ ଖେଳୁ ନିକଟରେ ଥିବା ଏକ ଷ୍ଟିଲ୍ ଗରା ଭିତରେ ତା'ର ମୁଣ୍ଡ ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରିଥିଲେ ମଧ୍ୟ ଗରାଟିକୁ ବାହାର କରିପାରି ନ ଥିଲେ। ପରେ ସେମାନେ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ଟିମ୍ ପହଞ୍ଚି ବହୁ ଚେଷ୍ଟା କଲେ ମଧ୍ୟ ମୁଣ୍ଡରୁ ଗରା ବାହାରିଲା ନାହିଁ। ଅଗ୍ନିଶମ ଗାଡ଼ି ଦ୍ୱାରା ଶିଶୁଟିକୁ ମାଲକାନଗିରି ଜିଲା ଅଗ୍ନିଶମ ବିଭାଗ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି କଟର ଦ୍ୱାରା ଗରାକୁ କାଟି ଶିଶୁର ମୁଣ୍ଡରୁ ବାହାର କରାଯାଇଥିଲା। ମାଲକାନଗିରି ଅଗ୍ନିଶମ ଏଏଫ୍‌ଓ କମଳ କୁମାର ଗଉଡ଼, କୋରୁକୋଣ୍ଡା ଏଲ୍‌ଏଫ୍‌ଏଫ୍ ବାସୁଦେବ ବିଶ୍ୱାଳଙ୍କୁ ପରିବାର ଲୋକେ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ଗରା ଭିତରେ ପଶିଥିବା ଶିଶୁ ମୁଣ୍ଡ।

# ଜାଲରେ ପଡ଼ିଲା ୪୫ କେଜିର କଣା ମାଛ

**ପବିତ୍ରନଗର,୨୬।୭(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲଠାରେ ବ୍ରାହ୍ମଣୀ ନଦୀରୁ ଶନିବାର ସକାଳେ ୩ଟି ବଡ଼ କଣା ମାଛ ଧରାଯାଇଛି। ସ୍ଥାନୀୟ କୁଲେଇ ଗ୍ରାମର ଆରତ ବେହେରା ଓ ପ୍ରଦୀପ ବେହେରା ଏହି ମାଛ ଧରିଥିବା ବେଳେ ଗୋଟିଏର ଓଜନ ୪୫ କେଜି ରହିଛି। ଆଉ ଗୋଟିଏ ମାଛ ୩୫ କେଜି ଓଜନର ହୋଇଥିବା ବେଳେ ଅନ୍ୟଟି ୨୦ କେଜି ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗରେ ଏହି ମାଛର ଚାହିଦା ଅଧିକ ରହିଥିବା ସ୍ଥାନୀୟ ଧୀବରମାନେ କହିଛନ୍ତି। ତେଣୁ କଣା ମାଛ ଧରାଯିବା ଖବର ମିଳିବା ମାତ୍ରେ କେତେଜଣ ବ୍ୟବସାୟୀ ପହଞ୍ଚି ଅଧିକ ମୂଲ୍ୟ ଦେଇ ୩ଟି ମାଛ କିଣିନେଇଛନ୍ତି। ଏହାକୁ ପଶ୍ଚିମବଙ୍ଗ ପଠାଯିବା ବୋଲି ସୂଚନା ମିଳିଛି।




ଜାଲରେ ପଡ଼ିଥିବା ୪୦ କେଜିର କଣା ମାଛ।

# ଭତ୍ତା, ରାଶନ ପାଇଁ ଜଙ୍ଗଲରେ ଚାଲିବାକୁ ପଡ଼େ ୬ କି.ମି.

**ପାରଳାଖେମୁଣ୍ଡି,୨୬।୭ (ଗିରିଧାରୀ ପରିଛା)**

- **ବିକାଶଠାରୁ ବହୁ ଦୂରରେ ନାମାନଗଡ ପଞ୍ଚାୟତ**
- **ନାଳପାରି ହୋଇ ୩ କି.ମି. ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର**
- **ବାଇକ୍, ଭାରରେ ବୁହାହୋଇ ରୋଗୀ ଯାଉଛନ୍ତି ଡାକ୍ତରଖାନା**

ରାଜ୍ୟ, କେନ୍ଦ୍ର ସରକାର ଉପାନ୍ତ ଅଞ୍ଚଳର ବିକାଶ ଲାଗି ବହୁ ଅର୍ଥ ଖର୍ଚ୍ଚ କରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଉପାନ୍ତ ଅଞ୍ଚଳର କେତେକ ଗ୍ରାମ ଏବେ ମଧ୍ୟ ବିକାଶଠାରୁ ଦୂରରେ ରହିଛି। ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧା ଟିକେ ପାଇପାରୁନାହାନ୍ତି। ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ନାମନଗଡ଼ ପଞ୍ଚାୟତର ନୂଆ ବିଟିସିଂ, ଲକ୍ଷ୍ମୀପୁର ଓ ତଳଲକ୍ଷ୍ମୀପୁର ଗ୍ରାମର ଅଧିବାସୀମାନେ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୫୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ତିନିସାହିରେ ଯାତାୟାତ ଲାଗି ଭଲ ରାସ୍ତା ଖଣ୍ଡେ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ସହ ଅନ୍ୟାନ୍ୟ ସମସ୍ୟାରେ ଛନ୍ଦି ହୋଇ ରହିଛନ୍ତି ଲୋକେ। ଏମିତି କି ଭତ୍ତା ଏବଂ ରାଶନ ଚାଉଳ ଆଣିବା ପାଇଁ କଦୁଆଭର୍ତ୍ତି ମାଟି ରାସ୍ତାରେ ଜଙ୍ଗଲ ଭିତରେ ଚାଲି ଚାଲି ୬ କିମି ଯିବାକୁ ପଡୁଛି। ବିଦ୍ୟାଳୟ ଯିବାକୁ ୩ କିମି ଦୂର ଗୋଷାଣୀ ବ୍ଲକକୁ ଯାଉଛନ୍ତି ଛାତ୍ରୀଛାତ୍ର। ଏଥିପାଇଁ ସେମାନଙ୍କୁ ନାଳ ପାରି ହେବାକୁ ପଡୁଥିବାରୁ ଅଧିକାଂଶ ସମୟରେ ସେମାନେ ପାଠପଢ଼ି ଯିବାକୁ ଅନିଚ୍ଛୁକ ହେଉଛନ୍ତି। ଛୋଟ ଛୋଟ ପିଲାଙ୍କୁ ପାଠ ପଢ଼ିବା ପାଇଁ ୬ କିମି ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଥିବାରୁ ସେମାନେ ଭୟ କରୁଛନ୍ତି ବିଦ୍ୟାଳୟ ଯିବାକୁ। ଯେଉଁମାନେ ଯାଇ ନ ପାରୁଛନ୍ତି, ସେମାନେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଛୋଟ ପିଲାଙ୍କ ପାଇଁ ହଷ୍ଟେଲ ସୁବିଧା ନ ଥିବାରୁ ମା'ବାପା ସେମାନଙ୍କୁ ୧୨ କି.ମି. ଦୂର ବିଦ୍ୟାଳୟକୁ ଆଣି ଛାଡୁଛନ୍ତି, ପୁଣି ଛୁଟି ହେଲେ ଆସି ଘରକୁ ନେଉଛନ୍ତି। ଗାଁକୁ ରାସ୍ତା ଭଲ ନ ଥିବାରୁ ଗ୍ରାମକୁ ଏଯାଏ ଚାରିଚକିଆ ଗାଡ଼ି ଆସିନି କି ଗ୍ରାମବାସୀ ଏପର୍ଯ୍ୟନ୍ତ ଚାରିଚକିଆ ଗାଡି ଦେଖିନାହାନ୍ତି। ରାସ୍ତା ଅବସ୍ଥା ହେତୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନି। ହଠାତ୍ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ବାଇକ୍ ଅବା ଭାରରେ ବୋହି ଗ୍ରାମବାସୀ ନେଉଛନ୍ତି ଡାକ୍ତରଖାନା। ଗାଁକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ କରିବାକୁ ଗ୍ରାମବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇ ନିରାଶ ହୋଇଛନ୍ତି। ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଖରାଦିନେ ହାଣ୍ଡିଏ ପାଣିକୁ ଦୁଇ ତିନି ଦିନ ରଖି ବ୍ୟବହାର କରୁଥିବା ଗ୍ରାମବାସୀ ବର୍ଷାଋତୁରେ ମଧ୍ୟ ଦେଢ କି.ମି. ଦୂରରୁ ଝରଣା ପାଣି ଆଣି ଚଳୁଥିବା କହିଛନ୍ତି ଗ୍ରାମର ସୁମତ ଗମାଙ୍ଗ, ପ୍ରଦୀପ ଭୂୟାଁ ଓ ନରେଶ ନାଥ। ଗ୍ରାମରେ ଥିବା ନଳକୂପରୁ ଗୋଳିଆ ପାଣି ବାହାରୁଛି। ଅତି ଆବଶ୍ୟକ ସ୍ଥଳେ ଏହାକୁ ଗରମ କରି ବ୍ୟବହାର କରୁଥିବା କହିଛନ୍ତି ସେମାନେ। ଗ୍ରାମକୁ ପକ୍କାରାସ୍ତା ଓ ପାନୀୟ ଜଳ ସମସ୍ୟା ଦୂର କରିବାକୁ ପ୍ରଶାସନ ପଦକ୍ଷେପ ନେବାକୁ ତିନିସାହିର ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟାଙ୍କୁ ପଚାରିବାରୁ ସେ କହିଲେ, ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ ମାଗି କେଉଁ କାରଣରୁ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରିବାରେ ଅବହେଳା ହୋଇଛି ତର୍ଜମା କରାଯିବ। ପରେ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ସହ ଅନ୍ୟ ସମସ୍ୟାର ସମାଧାନ ମଧ୍ୟ କରାଯିବ ବୋଲି ସେ କହିଛନ୍ତି।



ରାଶନ ଧରି ଜଙ୍ଗଲ ରାସ୍ତାରେ ଗ୍ରାମକୁ ଆସୁଛନ୍ତି ଗ୍ରାମବାସୀ।

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ବୁଝାଳି କାନ୍ଧରେ ବହନ କରିବାକୁ ପଡ଼େ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ



# ସ୍ଥିତିରେ ପରିବର୍ତ୍ତନ



ଆକାର ପଟେଲ

୧୯୫୨ରେ ଜନସଂଘ ତା' ଇସ୍ତାହାରରେ ଉଲ୍ଲେଖ କରିଥିଲା, ''ଯୌଥ ପରିବାର ଏବଂ ଅତୁଟ(ସ୍ଥାୟୀ) ବିବାହ ହିନ୍ଦୁ ସମାଜର ଆଧାର ହୋଇ ରହିଆସିଛି। ଏହି ଆଧାରକୁ ପରିବର୍ତ୍ତନ କରୁଥିବା ଆଇନ ଶେଷରେ ସମାଜର ଏକତାକୁ ଭାଙ୍ଗିଦେବ। ଏଣୁ ଜନସଂଘ ହିନ୍ଦୁ ବିବାହ ଓ ହିନ୍ଦୁ ଉତ୍ତରାଧିକାର ଆଇନକୁ ରଦ୍ଦ କରିବ''। ଜନସଂଘ/ଭାଜପା ଛାଡ଼ପତ୍ରକୁ ବିରୋଧ ଏବଂ ଯୌଥ ପରିବାରକୁ ସମର୍ଥନ କରିବା ସହ ମହିଳାଙ୍କ ଅଧିକାର ବିରୋଧରେ ଠିଆ ହୋଇଥିଲା। ୧୯୫୦ ଦଶକରେ ବିଧେୟକ ଚିଠାରେ ଡ. ବି.ଆର୍. ଆମ୍ବେଦକର, ବିଶେଷକରି ମହିଳାଙ୍କ ଉତ୍ତରାଧିକାରକୁ ନେଇ ହିନ୍ଦୁ ବ୍ୟକ୍ତିଗତ ଆଇନରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ପୁତ୍ରୀ ଉତ୍ତରାଧିକାର ଆଇନର ତ୍ରୁଟି ପ୍ରମୁଖ ପ୍ରାବଧାନକୁ ଚିହ୍ନଟ କରିଥିଲେ ଏବଂ ମହିଳାଙ୍କ ପାଇଁ ଉତ୍ତରାଧିକାରକୁ ସ୍ପଷ୍ଟ କରିବା ସକାଶେ ସେଥିରୁ ଗୋଟିଏକୁ ସଂଶୋଧନ କରିଥିଲେ। ୧୯୫୧ରେ ଜନସଂଘ ହିନ୍ଦୁ କୋଡ୍ ବିଲ୍‌ରେ ଏହି ପ୍ରସ୍ତାବକୁ ବିରୋଧ କରି କହିଥିଲା ଯେ, ସାମାଜିକ ସୁଧାର ଉପରସ୍ତରରୁ ହେବା ଉଚିତ ନୁହେଁ, ବରଂ ସମାଜରୁ ହେବା ଦରକାର। ୧୯୫୭ରେ ଜନସଂଘ କହିଥିଲା, ଏଭଳି ପରିବର୍ତ୍ତନଗୁଡ଼ିକ ଯଦିଓ ପ୍ରାଚୀନ ସଂସ୍କୃତିରେ ନାହିଁ ସେଥିପାଇଁ ଗ୍ରହଣୀୟ ନୁହେଁ। ବିବାହକୁ ଶାଶ୍ୱତ ବା ସ୍ୱର୍ଗୀୟ ଭାବୁଥିବାରୁ ଏହା ଛାଡ଼ପତ୍ରକୁ ବିରୋଧ କରିଥିଲା। ତେବେ ସମାଜର ଭୌତିକ ତତ୍ତ୍ୱଗୁଡ଼ିକ ଛାଡ଼ପତ୍ର ପାଇଥିବା ମହିଳା ଓ ବିଧବା ପୁତ୍ରବଧୂଙ୍କୁ ସମ୍ପତ୍ତିର ଉତ୍ତରାଧିକାରୀ ହେବା ଲାଗି ଅନୁମତି ଦେଉ ନ ଥିଲା। ସମୟକ୍ରମେ ଏହି ସ୍ଥିତି ପରିବର୍ତ୍ତନ ହୋଇଥିଲା, କିନ୍ତୁ ପାର୍ଟି ଇସ୍ତାହାରରେ ଏହାର ସ୍ଥିତିକୁ କାହିଁକି ବାରମ୍ବାର ପରିବର୍ତ୍ତନ କରିଥିଲା ତାହା ସ୍ପଷ୍ଟ କରିନାହିଁ। ସମୟକ୍ରମେ ଭାରତୀୟ ସମାଜରେ ଛାଡ଼ପତ୍ର ଅଧିକ ଘଟିଲା ଏବଂ ସହରାଞ୍ଚଳରେ ଏପରି କି ଉଚ୍ଚଜାତି, ମଧ୍ୟବିତ୍ତ ପରିବାରଗୁଡ଼ିକ (ଯେଉଁଗୁଡ଼ିକ ଭାଜପାର ଆଧାର) ଧୀରେ ଧୀରେ ଅଧିକ ଅଣୁ ପରିବାର ହୋଇଗଲେ। ଫଳରେ ଯୌଥ ପରିବାର ପ୍ରତି ଥିବା ସମର୍ଥନର ସଂକଳ୍ପ ଭୁଶୁଡ଼ି ପଡ଼ିଲା। ଜନସଂଘ/ଭାଜପା ଅର୍ଥ ବ୍ୟବସ୍ଥା ଉପରେ ଏହାର ସମାଜବାଦୀ ନୀତିଗୁଡ଼ିକରୁ କିଭଳି ଦୂରେଇଯାଇଛି ତାହା ଆମେ ପୂର୍ବ ସପ୍ତାହରେ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ସବୁ ଦଳ ସେମାନଙ୍କ ସ୍ଥିତିରେ ପରିବର୍ତ୍ତନ କରିବାର ଅଧିକାର ଅଛି। କିନ୍ତୁ ଦୃଷ୍ଟିକୋଣକୁ ବାହାରେ ଉପସ୍ଥାପିତ କରିବା ପରେ ସେଥିରୁ ପଛଘୁଞ୍ଚା ଦେବା ଓ ଇସ୍ତାହାରରୁ ହଟାଇଦେବା ଏବଂ ପୂର୍ବରୁ ଯାହାକୁ ବିରୋଧ କରିଥିଲା ସେସବୁ ବିଷୟ ଉପରେ ପୁନର୍ବାର କହିବାର କାରଣ ସାମ୍ନାକୁ ଆଣି ବୁଝାଇବା ଦରକାର। କିନ୍ତୁ ଦଳ ତାହା କରିବାକୁ ଚାହିଁନାହିଁ।

ପାର୍ଟି କହିଥିଲା, ହିନ୍ଦୁ ସମାଜରେ ଅସ୍ପୃଶ୍ୟତା ଓ ଜାତିବାଦ ଦୂର କରି ସମାନତା ଓ ଐକ୍ୟଭାବନା ସୃଷ୍ଟି କରିବ। କିନ୍ତୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ କଂଗ୍ରେସର ସଂରକ୍ଷଣ ନୀତିରେ ସଂଘ କାହିଁକି କିଛି ଯୋଡ଼ି ନ ଥିଲା(ଉଦାହରଣ ସ୍ୱରୂପ, ଘରୋଇ କ୍ଷେତ୍ରରେ ଏହାକୁ ଲାଗୁକରି କିମ୍ବା ବଢ଼ାଇ ନ ଥିଲା) ତାହା କହିଲା ନାହିଁ। ସାମାଜିକ ସ୍ତରରେ, ପାର୍ଟି ସାରା ଦେଶରେ ମଦକୁ ନିଷେଧ କରିବାକୁ ଦାବି କରିଥିଲା। ସବୁ କ୍ଷେତ୍ରରେ ଇଂଲିଶ ବଦଳରେ ସ୍ଥାନୀୟ ଭାଷା ବିଶେଷକରି ହିନ୍ଦୀ ଲାଗୁ କରିବାକୁ ଚାହିଁଥିଲା। କୃଷି କ୍ଷେତ୍ରରେ ମଧ୍ୟ ଜନସଂଘ ମଧ୍ୟବିତ୍ତ ଶ୍ରେଣୀର ପାର୍ଟି ହେବାକୁ ଚାହିଁଥିବା ଦେଖାଯାଇଥିଲା। ଅଧିକ ଉତ୍ପାଦନ ପାଇଁ କଠିନ ପରିଶ୍ରମ ଦରକାର ବୋଲି କୃଷକଙ୍କ ମଧ୍ୟରେ ସଚେତନତା ଆଣିବା ସହ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଦେଶବ୍ୟାପୀ ଅଭିଯାନ ଚଳାଇବା ଲାଗି ତାହାର ପ୍ରଥମ ଇସ୍ତାହାରରେ ପ୍ରଥମ ବିନ୍ଦୁରେ ଆହ୍ୱାନ ଦେଇଥିଲା। ହେଲେ ଏବେ ଭାରତୀୟ କୃଷକମାନେ ଅଧିକ କଠିନ ପରିଶ୍ରମ କରୁନାହାନ୍ତି ବୋଲି କହିବାକୁ ଭାଜପା ଜଣେ ମନ୍ତ୍ରୀଙ୍କୁ ଆଗକୁ ଛାଡ଼ିଛି।

ବୈଦେଶିକ ବ୍ୟାପାରରେ ଭାଜପା ସବୁଠୁ ଭଲ କାମକରିଛି ବୋଲି ନିକଟରେ କୁହାଯାଇଛି। ହେଲେ ଜନସଂଘର ନିର୍ଦ୍ଦିଷ୍ଟ ଭାବେ କୌଣସି ବୈଶ୍ୱିକ ରଣନୀତିକ ଦୃଷ୍ଟିକୋଣ ନ ଥିଲା। ଭାରତର ସ୍ଥିତିକୁ ନେଇ ଏହା କହିଥିଲା, ଯେଉଁମାନେ ଭାରତର ବନ୍ଧୁ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବା ଉଚିତ ଏବଂ ଯେଉଁମାନେ ଶତ୍ରୁ ସେମାନଙ୍କ ପ୍ରତି କଠୋର ହେବା ଦରକାର। ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାନ ଦିଆଯିବା ଦରକାର ବୋଲି ଏହା ଚାହିଁଥିଲା, କିନ୍ତୁ ଭାରତକୁ ଏହା କାହିଁକି ମିଳିବ ଓ ଭାରତର ଭୂମିକା କ'ଣ ରହିବ ସେସମ୍ପର୍କରେ କିଛି ସୂଚିତ କରି ନ ଥିଲା। ସୁରକ୍ଷା ପରିଷଦରେ ପ୍ରବେଶ କରିବାର ବାଟ ବନ୍ଦ ହୋଇଯାଇଥିଲା। ତେବେ ଏ ବିଷୟରେ ଜନସଂଘ ଯାହା ଚିନ୍ତା କରିଥିଲା ତାହା ଆଗକୁ ଦୋହରାଇ ନାହିଁ। ୧୯୫୭ ଇସ୍ତାହାରରେ ପ୍ରଥମ କରି ପାକିସ୍ତାନ -ପର୍ତ୍ତୁଗାଲ ମେଣ୍ଟରୁ ସୃଷ୍ଟି ବିପଦ ସମ୍ପର୍କରେ ଚେତାବନୀ ଦେଇଥିଲା। ପରେ ୧୯୬୨ ଇସ୍ତାହାରରେ ଏ ବିଷୟରେ କୌଣସି ସୂଚନା ଦେଇ ନ ଥିଲା, କିନ୍ତୁ ଚାଇନାଠାରୁ ଯୁଦ୍ଧରେ ଭାରତର ପରାଜୟକୁ ନେଇ ନେହେରୁଙ୍କୁ ସମାଲୋଚନା କରିଥିଲା। ୧୯୭୨ ଇସ୍ତାହାରରେ, ବାଂଲାଦେଶ ଯୁଦ୍ଧ ସମ୍ପର୍କରେ କିଛି ଲେଖାଯାଇ ନ ଥିଲା। ଏହା ବ୍ୟତୀତ ସବୁ ବାଳକ ଓ ବାଳିକାଙ୍କ ପାଇଁ ବାଧ୍ୟତାମୂଳକ ସାମରିକ ପ୍ରଶିକ୍ଷଣ, ମୁଜେଲ ଲୋଡିଂ ଗନ୍ (ଅଷ୍ଟାଦଶ ଶତାବ୍ଦୀର ବନ୍ଧୁକ) ଲାଇସେନ୍ସ ରଦ୍ଦ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି)କୁ ବ୍ୟାପକ କରିବା ଏବଂ ଆଣବିକ ଅସ୍ତ୍ର ଉତ୍ପାଦନ ଭଳି ଦାବିରୁ ପାର୍ଟିର ପ୍ରତିରକ୍ଷା ନୀତି ବିଚାର ସାମ୍ନାକୁ ଆସିଥିଲା। ଇସ୍ତାହାରରେ ଏଭଳି ଅନେକ ବିଷୟ ଥିଲା, ଯାହା ସୁସଙ୍ଗତ କିମ୍ବା ସ୍ପଷ୍ଟ ନ ଥିଲା।

୨୦୨୫ରେ ଏହିସବୁ ବିଷୟକୁ ପୁଣି ଉତ୍ଥାପନ କରିବାର କାରଣ ସମ୍ପର୍କରେ ପାଠକମାନେ ପଚାରିବା ଯୁକ୍ତିଯୁକ୍ତ। ଦେଶରେ ଭାଜପା ସବୁଠୁ ବଡ଼ ଓ ସବୁଠୁ ପ୍ରାଧାନ୍ୟବିସ୍ତାର କରିଥିବା ଦଳ ହୋଇଥିବାରୁ ପୁନର୍ବାର ବିଷୟଗୁଡ଼ିକୁ ଉଠାଉଛି। ଦଳ ଯାହା ଚାହୁଁଛି ଶେଷରେ ତାହାହିଁ କରୁଛି। ପାର୍ଟିର ନିଜସ୍ୱ ସମ୍ବିଧାନ କହେ, ସମାଜବାଦ ଓ ଧର୍ମ ନିରପେକ୍ଷବାଦ ପ୍ରତି ଏହାର ପ୍ରକୃତ ଶ୍ରଦ୍ଧା ଓ ବିଶ୍ୱାସ ରହିବ। ଆଇନ ଦ୍ୱାରା ଅନ୍ୟ ଦଳଗୁଡ଼ିକ ଏହା କରିବା ପୂର୍ବରୁ ଜନସଂଘ ପ୍ରଥମେ ଏଭଳି ଚିନ୍ତାଧାରାକୁ ସାମ୍ନାକୁ ଆଣିଥିଲା। ଏବେ ଭାଜପା ସମ୍ବିଧାନରୁ ଏହିସବୁ ଶବ୍ଦକୁ ହଟାଇଦେବା ଲାଗି କହୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ପାର୍ଟିକୁ ତା' ନିଜ ଶବ୍ଦଗୁଡ଼ିକୁ ପଢ଼ି ଶୁଣାଇବା ଦରକାର। ଏପରି କି ପାର୍ଟି ନିଜର ସ୍ଥିତି ଓ କରିଥିବା ଅସଂଖ୍ୟ ପରିବର୍ତ୍ତନ ସମ୍ପର୍କରେ ତା' ଭୋଟର ଏବଂ ଏହି ଦେଶର ନାଗରିକଙ୍କୁ ବୁଝାଇବା ଦରକାର।

Email:aakar.patel@gmail.com

# ସୌନ୍ଦର୍ଯ୍ୟବୋଧ ଓ ଗଣତନ୍ତ୍ର



ବ୍ରଜମୋହନ ମିଶ୍ର

ଏ ଯାବତ୍ ଉଦ୍ଭାବିତ ଏବଂ ଅନୁସୃତ ଶାସନ ପଦ୍ଧତିମାନଙ୍କ ମଧ୍ୟରେ ଗଣତନ୍ତ୍ର ଯଥାର୍ଥରେ ଶ୍ରେଷ୍ଠ ବୋଲି ପରିଗଣିତ। କାରଣ ଏହି ପଥରେ ଶାସକ ଏବଂ ଶାସିତ ସୁଦୃଢ଼ ଓ ସୁସଙ୍ଘ ରୂପେ ସମ୍ପର୍କିତ ହୋଇ ଶାସନର ମର୍ଯ୍ୟାଦା ରକ୍ଷାକରନ୍ତି, ଯାହା ଅନ୍ୟ ଅନେକ ଧରଣର ଶାସନରେ ପରିଲକ୍ଷିତ ହୋଇନାହିଁ। ଗଣତନ୍ତ୍ରରେ 'ତନ୍ତ୍ର' ଥାଏ ସତ କିନ୍ତୁ 'ଗଣ'ମାନେ ପ୍ରାଧାନ୍ୟ ଲାଭ କରିଥାଆନ୍ତି। ଏହା ଫଳରେ ପ୍ରଥମ ସଜୀବ ସତ୍ତା ଦ୍ୱିତୀୟ ନିର୍ଜୀବ ଧାରଣାଠାରୁ ଶ୍ରେଷ୍ଠତର ବୋଲି ଗୃହୀତ ହୁଏ। ଅର୍ଥାତ୍ ଶାସିତ ଶାସନଠାରୁ ବହୁ ଉଚ୍ଚତର, କାରଣ ସେ 'ଶାସନ'ର ସ୍ରଷ୍ଟା। ଗଣତନ୍ତ୍ରର ଏହି ଉଦାର ଦୃଷ୍ଟି ଓ ଦର୍ଶନ କିନ୍ତୁ ସଭ୍ୟତାର ଅବଲୀଳାକ୍ରମ ବିବର୍ତ୍ତିତ ମଣିଷର ଖୁବ୍ ପ୍ରୟୋଜନୀୟ ହୋଇଥିଲେ ହେଁ ମୂଳତଃ ସ୍ୱକେନ୍ଦ୍ରିକ। ତେଣୁ ସ୍ୱାର୍ଥପର ହୋଇଥିବା ଯୋଗୁ ସଭ୍ୟ ବୋଲି କୁହାଯାଉଥିବା ମଣିଷ ଏହି ଅପରିହାର୍ଯ୍ୟ ଶାସନ ପଦ୍ଧତିକୁ ସେପରି ବୁଝି ଆତ୍ମସ୍ଥ କରିପାରିନାହିଁ। ତେଣୁ ତା'ର ଯଥାର୍ଥ ପ୍ରୟୋଗ କରିବାରେ ସେ ଶୋଚନୀୟ ବିଫଳ ହୋଇଛି। ଫଳରେ ଯେଉଁ ଗଣତାନ୍ତ୍ରିକ ଶାସନ ପଦ୍ଧତି 'ଅଭିଜାତମାନଙ୍କ ଶାସନ' ହେବା କଥା ତାହା ବହୁମାତ୍ରାରେ ହୋଇଯାଇଛି 'ଅଜ୍ଞ, ଅପୋଗଣ୍ଡ ଓ ଅଖାଡୁଆ, ଅକର୍ମଣୀଳା'ଙ୍କ ଦୁଃଶାସନ। ସେକ୍ସପିୟରଙ୍କ ବିୟୋଗାନ୍ତକ ନାଟକରେ ଉଚ୍ଚ ସ୍ଥାନରେ ସ୍ଥାନିତ ନାୟକର ଅଧୋଗତି, ଅବକ୍ଷୟ ଏବଂ ପରିଶେଷରେ ନିଃଶେଷ ହେବାପରି, 'ମହାନତା' ସମୃଦ୍ଧ ତଥା ସର୍ବୋଦୟନିଷ୍ଠ ଗଣତନ୍ତ୍ରର ଖୁବ୍ ଅଧୋଗତି ହୋଇଛି ଅବା ଏହାର ଅପବ୍ୟବହାର କରି ଏପରି ଏକ 'ସଂସ୍କୃତ' ବିଚାରଧାରାକୁ 'ଦୁଷ୍କୃତି'ର ମହାରୌରବ ମଧ୍ୟକୁ ଠେଲି ଦିଆଯାଇଛି, ଯାହାକୁ ଲକ୍ଷ୍ୟକରି ସେ ଦିନ ହୁଏତ ପ୍ରସିଦ୍ଧ ନାଟ୍ୟକାର ବର୍ଣ୍ଣାଡସ ଆଧୁନିକ ଗଣତନ୍ତ୍ରରେ ଅପରିହାର୍ଯ୍ୟ ଦଳ ବ୍ୟବସ୍ଥା ଉପରେ ତୀବ୍ର କଟାକ୍ଷ ଆଣିଛନ୍ତି।

ଭାରତୀୟ ପରିପ୍ରେକ୍ଷୀରେ ଗଣତନ୍ତ୍ରର ଯେତେ ଜିନ୍ଦାବାଦ କରାଯାଉଥିଲେ ହେଁ ଏଠାରେ ଗଣତନ୍ତ୍ରର ଶରୀରଟି ଅଛି ସିନା ହେଲେ ଏହାର ଆତ୍ମା ଖୁବ୍ ଅବମାନିତ, ଅପମାନିତ ଓ ଅବହେଳିତ ହୋଇଛି। ତେଣୁ ଗଣତାନ୍ତ୍ରିକ ପଦ୍ଧତିରେ ଭୋଟ ଦିଆନିଆ ହୋଇ, ଲୋକପ୍ରତିନିଧି ନିର୍ବାଚିତ ହୋଇ ଓ ସରକାର ଗଠନ କରାଯାଇ ଲୋକଙ୍କ ମତରେ ଶାସନ ଚାଲିଛି ବୋଲି ଉପରେ ଯେତେ କୁହାଯାଉଥିଲେ ହେଁ ଏହାର ଭିତର ସତ୍ୟଟି ଏତେ କଦାକାର ଓ କୁତ୍ସିତ ଯେ ତାହା ବର୍ଣ୍ଣନା କରିବାକୁ ଭାଷାନାହିଁ। ଗଣତନ୍ତ୍ରକୁ ଯଦି ଏକ ସୁନ୍ଦରୀ, ସାଧ୍ୱୀ ସୀମନ୍ତିନୀ ରୂପେ କଳ୍ପନା କରାଯାଏ, ତାହାହେଲେ ଅନୁକ୍ଷଣ ତା'ର ସାଧୁତାର ସୌନ୍ଦର୍ଯ୍ୟ ହରଣ କରାଯାଇ ତାକୁ ହତଭାଗିନୀ ଦାମିନୀଟିଏ କରିଦିଆଯାଉଛି। ତା'ର ଅନ୍ତରର ଶୁଭବାସନା, ଶୁଭ ସଂକଳ୍ପ, ଶୁଭ ଅଭ୍ୟୁଦୟ ଓ ଶୁଭ ସଂକ୍ରାନ୍ତିକୁ ବାଟହୁଡ଼ା ବୀଟମାନେ ବାରମ୍ବାର ବଳାତ୍କାର କରି ଚାଲିଛନ୍ତି। ତେଣୁ ଗଣତନ୍ତ୍ରର ସ୍ୱଭାବ ଓ ସ୍ୱଧର୍ମ ଅବଶ୍ୟ ଅପ୍ରତିପାଦିତ ହୋଇ ରହିଯାଉଛି। ଫଳରେ ଉତ୍କର୍ଷ ଓ ଉତ୍କ୍ରାନ୍ତିର ଏଇ ସାଧୁ ଓ ସମର୍ଥଶକ୍ତି ଆପଣାର କୌଣସି ଦୋଷ ନ ଥାଇ ମଧ୍ୟ ସମାଲୋଚିତ ହେଉଛି ଯେ ଏହା ଏକ ଭ୍ରମାତ୍ମକ ଶାସନପଦ୍ଧତି, ଯାହା ଲୋକମାନଙ୍କୁ କିଣେ, ଲୋକମାନଙ୍କଠାରୁ ଦୂରେଇ ଯାଏ (ଆବ୍ରାହମ ଲିଙ୍କନଙ୍କ 'ଗଣତନ୍ତ୍ର' ସଂଜ୍ଞାର ଏକ ଲାଳିକା)। ଏହାର ଏପରି ଦୁର୍ଦ୍ଦଶା ପାଇଁ ଯେଉଁ ମାୟାମୃଗରୂପୀ ମାରୀଚମାନେ ଦାୟୀ ସେମାନେ ଯଦି ଜୀବନକୁ (ତେଣୁ ନିଜକୁ) ସତରେ ବୁଝିବାକୁ ମନେକରନ୍ତେ, ତାହାହେଲେ ଭାଗବତର ସେଇ 'ବିଷଣ୍ଣ ଗାଭୀ' ତା'ର ଅପହୃତ ସୌନ୍ଦର୍ଯ୍ୟ ଏବଂ ଶକ୍ତି ଫେରି ପାଇବା ପରି ଗଣତନ୍ତ୍ର ପେଙ୍ଗା ଓ ପଣ୍ୟ ନ ହୋଇ ପୁଣ୍ୟର ଅଧିଷ୍ଠାନ ହୋଇପାରନ୍ତା।

ଏହା ଏକ ରୂପାନ୍ତର କ୍ରିୟାଯୋଗ ଉପରେ ନିର୍ଭର କରେ ଯେପରି ଦସ୍ୟୁ ହୃଦୟରେ ଦେବତାର ଅଭ୍ୟୁଥାନ ଘଟିଥିଲା। ଯେଉଁ କପଟୀ କୁହୁଡ଼ିମାନେ ଏଇ କାମନା କର୍ଦ୍ଦମରେ ଘାଣ୍ଟି ହେଉଛନ୍ତି ସେଇମାନଙ୍କଠାରେ 'କଣ' ପ୍ରୟୋଗ କଲେ ସେମାନେ ଅବଶ୍ୟ ବାଟକୁ ଆସନ୍ତେ? ସେଇ ବିମୂଢ଼, ବିଯୁକ୍ତ, ବିକଳାଙ୍ଗମାନେ 'ଗଣ'ମାନଙ୍କ ସହ ବିଜ୍ଞ ଭାବରେ ସଂଯୁକ୍ତ ହୋଇ ତନ୍ତ୍ର (ଗଣତନ୍ତ୍ର) ଯେ ଏକ ପାଶ ନୁହେଁ, ଏହା ଯେ ଏକ 'ପ୍ୟାର' ତାହା ପ୍ରମାଣ କରିଦିଅନ୍ତେ? ଯେଉଁମାନେ ଦୁର୍ଜନ, ସେମାନେ ଅଜ୍ଞାନ ଯୋଗୁ ସେପରି ହୋଇଛନ୍ତି ବୋଲି ବହୁବର୍ଷ ତଳେ ମହାମନା ଓ ମହାମାନ୍ୟ ସକ୍ରେଟିସ ଦୃଢ଼ ଭାବରେ କହି ଯାଇଛନ୍ତି। ସେମାନଙ୍କୁ ସେମାନଙ୍କ ଅଜ୍ଞତାଠାରୁ ମୁକ୍ତ କରାଯାଇପାରିଲେ ସେମାନେ ମଧ୍ୟ ସମଗ୍ରର, ସମୂହର 'ବିଷବଳୟ' ନ ହୋଇ ବ୍ରହ୍ମବଳୟ ହୋଇପାରିବେ। ସକ୍ରେଟିସ୍‌ଙ୍କ ଏ ଉପପାଦ୍ୟ ଆଦୌ କପୋଳକଳ୍ପିତ କି ଅସମ୍ଭବ ନୁହେଁ। ଏହା କରାଯାଇ ପାରିବ। ଅର୍ଥ ଅର୍ଜନ, ଆହରଣ ଏବଂ ଆତ୍ମସାତ କରିବାର ଦୁର୍ବାର ବାସନା ଯେ 'କୁତ୍ସିତ', ତାହା ଏଇ ଅବୋଧମାନଙ୍କୁ ବାରମ୍ବାର ଶୁଣାଯାଆନ୍ତା। ସେମାନଙ୍କୁ ଏହା ବଦଳରେ ସୌନ୍ଦର୍ଯ୍ୟ ସମ୍ପର୍କରେ ଚେତନାଗତ ଆଘାତ ଦିଆଯାଆନ୍ତା। ସେମାନଙ୍କ ବିଭିନ୍ନ ଅଧିବେଶନରେ 'ସୌନ୍ଦର୍ଯ୍ୟ' ତତ୍ତ୍ୱ ବୁଝାଇ ଦିଆଯାଇ ତା'ର ବାସ୍ତବ ପ୍ରୟୋଗ କରାଯାନ୍ତା। ସେମାନେ ପ୍ରତ୍ୟକ୍ଷ ଅନୁଭବ କରନ୍ତେ 'କଦର୍ଯ୍ୟ' ନୁହଁ, 'ସୌନ୍ଦର୍ଯ୍ୟ' ହିଁ ଜୀବନରେ ମଧୁରତା ଆଣେ, ଜୀବନକୁ ପରିପୂର୍ଣ୍ଣ କରେ। ଫୁଲ ଛିଣ୍ଡାଇ ଉପଭୋଗ କରିବା ଅପେକ୍ଷା ତାକୁ ଅନ୍ତର ଭରି ଦେଖିବାରେ ଓ ଅଙ୍ଗୁଳ ହୋଇ ସ୍ପର୍ଶ କରିବାରେ ମରମୀ ଦ୍ରଷ୍ଟାର ଅନ୍ତର ବିକଶିତ ହୁଏ। ପୁଣି ଅନ୍ତରର ବିକାଶ ହିଁ ଗଣତନ୍ତ୍ରରେ ନାଭିକେନ୍ଦ୍ର, ଯାହାକୁ ଆମେ ଆଧ୍ୟାତ୍ମିକତା ବୋଲି କହିପାରିବା। ଫୁଲକୁ ଉପଭୋଗ କଲେ ତାହା କିଛି ସମୟ ପାଇଁ ଖୁସି ଆଣିପାରେ, କିନ୍ତୁ ଫୁଲକୁ ଚାହିଁ ତା'ର ଅପୂର୍ବ ବର୍ଣ୍ଣାଳୀ ଓ ବିଭୂତି କଥା ଚିନ୍ତନ କଲେ ତାହା ଦ୍ରଷ୍ଟାକୁ ସଂସ୍କୃତ କରାଏ। ପ୍ରଥମଟି ବହିର୍ବାଣିଜ୍ୟ ଯେତେବେଳେ ଦ୍ୱିତୀୟଟି ଅନ୍ତଃ ତପସ୍ୟା ବା ଭିତରଯୋଗ। ସୌନ୍ଦର୍ଯ୍ୟବୋଧ ଜାଗ୍ରତ କରାଇବା ପାଇଁ ଏହିପରି ସକ୍ରିୟ ଉଦ୍ୟମ କରାଯାଇପାରେ। ସୌନ୍ଦର୍ଯ୍ୟ, ସ୍ୱକୀୟ ସ୍ୱାଭାବିକତାରେ କ'ଣ ଏଇ ପ୍ରଡିଗାଲ ସନ୍ମାନଙ୍କୁ ପ୍ରଭାବିତ କରିପାରିବ ନାହିଁ?



ବିଶ୍ୱାସ ରଖିବା, ଏହାର ସଂକ୍ରାମକ ଓ ଶିଷ୍ଟ ସାନ୍ନିଧ୍ୟର ନିଶ୍ଚିତ ପ୍ରଭାବ ଉପରେ। ଯେଉଁମାନେ ଭ୍ରମରେ ଅର୍ଥ ଓ ସ୍ୱାର୍ଥର କ୍ରୀତଦାସ ହୋଇ ଭ୍ରମୁଛନ୍ତି ସେଇମାନଙ୍କୁ ଦେଖେଇ ଦିଆଯିବ 'ଅର୍ଥହୀନତା' ଏବଂ 'ପରାର୍ଥ'ର ପ୍ରବଳ 'ଆଧ୍ୟାତ୍ମିକ ପରାକ୍ରମ' ଯାହାର ବଳ ଦୁର୍ବଳକୁ ଉଠିବାକୁ ଆଶ୍ୱାସନା ଦିଏ, ଦୁର୍ବଳର ଭରସା ପାଲଟି ଯାଏ ଏବଂ ଯାହା ହୋଇଯାଏ ସର୍ବୋତ୍ତମ ଅଭୀପ୍ସା ପାଇଁ ସର୍ବୋତ୍ତମ ସମର୍ପଣ।

ସଂସାରରେ କିଏ ଭଲ ନ ଚାହେଁ ? ଏପରି କି ଖୁବ୍ ଖରାପ ବ୍ୟକ୍ତି ତ ଆପଣାର ସନ୍ତାନକୁ ଗେଲ କରେ। ତା' ଗାଲରେ ଚୁମ୍ବନଟିଏ ଆଙ୍କିଦିଏ। ତା'ର ପିଲା ଭଲ ହେଉ ବୋଲି ଚାହେଁ (ହୁଏତ ଏଥିପାଇଁ ଭଗବାନଙ୍କୁ ବି ପ୍ରାର୍ଥନା କରୁଥାଇପାରେ)। ଏ ସବୁ ଶୁଭ ବାସନା ସୌନ୍ଦର୍ଯ୍ୟର ଭିନ୍ନ ଭିନ୍ନ ପ୍ରସ୍ତ। ସୌନ୍ଦର୍ଯ୍ୟ ଯେପରି ସୁନ୍ଦର ବସ୍ତୁ ଦର୍ଶନ, ସ୍ପର୍ଶନରେ ଥାଏ ସେହିପରି ମଧ୍ୟ ଥାଏ ସୁନ୍ଦର ଭାବପ୍ରକାଶରେ, ସୁନ୍ଦର ଭଙ୍ଗୀ ଅବଲମ୍ବନରେ, ସୁନ୍ଦର ଭାଷା ପ୍ରୟୋଗରେ। ଗଣତନ୍ତ୍ର ସହ ସମ୍ପୃକ୍ତଥିବା ଆମର ଆପଣାର 'ଏଇ ଅନ୍ୟମନସ୍କ ଅବାଟୋଇମାନେ' ବି ବେଳେବେଳେ ଠିକ୍ ମନସ୍କଥାନ୍ତି। ସେମାନଙ୍କ ଅନ୍ୟମନସ୍କତା ରୂପକ 'କଦର୍ଯ୍ୟ'କୁ ତୀବ୍ର ଆକ୍ଷେପ ନ କରି ସେମାନଙ୍କ ସାମୟିକ ଠିକ୍‌ମନସ୍କତାରୂପକ ଭାବ-ସୌନ୍ଦର୍ଯ୍ୟକୁ ବାରବାର ପ୍ରଶଂସା କରାଯାଇପାରେ। ସେମାନେ ଯେ ସମ୍ପୂର୍ଣ୍ଣ ଅ-ଭାବୀ ନୁହନ୍ତି ତାହା ମଧ୍ୟ ଶ୍ରଦ୍ଧାସହ ସେମାନଙ୍କୁ ପରିବେଷଣ କରାଯାଇପାରେ। ଚିକିତ୍ସକ ରୋଗୀକୁ ରୋଗୀ ବୋଲି କହି ଆଡ଼େଇ ଦିଏ ନାହିଁ। ତା' ପରିବର୍ତ୍ତେ ସେ ଯେତେ ବଡ଼ ରୋଗରେ ପ୍ରପୀଡ଼ିତ ହୋଇଥିଲେ ବି ତା'ର ସୁଚିକିତ୍ସା କରେ, ଗଭୀର ନିଷ୍ଠା ଆଶା ଓ ବିଶ୍ୱାସରେ ଚିକିତ୍ସକର ଏହି ଭାବସୌନ୍ଦର୍ଯ୍ୟ ରୋଗୀଠାରେ ମଧ୍ୟ ପ୍ରତିଫଳିତ ହୁଏ। ତେଣୁ ସେ ଆରୋଗ୍ୟ ଲାଭ କଲା ପରେ ଚିକିତ୍ସକଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରେ ଯାହା ତା'ର ଭାବସୌନ୍ଦର୍ଯ୍ୟ। ଅନୁରୂପ ଭାବରେ ଗଣତନ୍ତ୍ରରେ ଆମେ କଦର୍ଯ୍ୟ-ଭୋଗୀ। ତେଣୁ ରୋଗୀ 'ଆପଣାରମାନ'ଙ୍କ ସୌନ୍ଦର୍ଯ୍ୟକରଣ ପାଇଁ ଭିନ୍ନ ଏକ ପୂର୍ଣ୍ଣଯୋଗ ଅବଲମ୍ବନ କରିବା ଫଳରେ ଗଣତନ୍ତ୍ର-ଗାଭୀ ତା'ର ଅସଲ ସ୍ୱାସ୍ଥ୍ୟ ଫେରିପାଇ ଯଥାର୍ଥ ଦୁଗ୍ଧବତୀ ହେବ।

ଭଦ୍ରକ, ମୋ:୮୦୧୮୦୮୭୮୩୧

# ଓଡ଼ିଆ ଭାଷା ସାହିତ୍ୟର ଦୁର୍ଦ୍ଦଶା



ଡ. ମୌସୁମୀ ପରିଡ଼ା

ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ସମୟାନ୍ତରରେ ବହୁମୁଖୀ ଯୋଜନା ପ୍ରସ୍ତୁତ ହୋଇଛି। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମାତୃଭାଷାକୁ ସମୁନ୍ନତ କରାଯିବାର ଖସଡ଼ାମାନ ପ୍ରସ୍ତୁତ ହୋଇଆସିଛି। ଗତ କିଛିବର୍ଷ ଭିତରେ ମାତୃଭାଷା ପ୍ରତି ପିଲାମାନଙ୍କର ଆଗ୍ରହ-ବୃଦ୍ଧି ସମୁଜ୍ଜ୍ୱଳ ଭବିଷ୍ୟ-ନିର୍ମାଣ କ୍ଷେତ୍ରରେ ଅଗ୍ରସର ବୋଲି କହିବାରେ କୁଣ୍ଠା ନାହିଁ। ସାହିତ୍ୟ ଶିକ୍ଷକ ଭାବେ କୋଣଠେଁସା ହେବା ଅସହ୍ୟ ହୋଇଛି ସତ୍ୟ, ହେଲେ ଆଜିକାଲି ସେ ହୀନମନସ୍କତା କମ୍ ପରିଲକ୍ଷିତ। ସଦାସର୍ବଦା ସାହିତ୍ୟର ପୁନଃ ନିର୍ମାଣ ଚାଲିଥାଏ। ଚିରସ୍ରୋତା ଝରର ବିସ୍ତୃତ କାୟା ପରି ସାହିତ୍ୟ ସମୟ ସହିତ ଧାଇଁଛି। ଆମେ ଆଞ୍ଜୁଳେ କିମ୍ବା ଚଳୁଏ ପାଣି ଧରି ନିଜକୁ ଜ୍ଞାନୀ ମନେକରୁଛେ ସିନା, କିନ୍ତୁ ସାହିତ୍ୟ ଅପରିସୀମ, ପରିବ୍ୟାପ୍ତ, ବିସ୍ତୃତ। କେବଳ ସେ ଝରର ଦିଗ ଓ ସ୍ରୋତକୁ ଆମେ ଦେଖିପାରିବା, ମାତ୍ର ଆୟତ୍ତ କରିବା ଅସମ୍ଭବ।

ଏବେ ବି ବନାନ-ଅଶୁଦ୍ଧି ଥିବା ହୋର୍ଡିଂ ରାସ୍ତାକଡ଼ରେ ପରିଲକ୍ଷିତ ହେଉଛି। ବ୍ୟାକରଣଗତ ଅଶୁଦ୍ଧିକୁ ନେଇ ତର୍କବିତର୍କର ଅନ୍ତ ନାହିଁ। କେବେକେବେ ପ୍ରଶ୍ନ ଉଠୁଛି, ଭାଷା ସାହିତ୍ୟର ସେଭଳି ଆଖିଦୃଶିଆ ଉନ୍ନତି କାହିଁ? ଭାଷାକୁ ଚର୍ବିତଚର୍ବଣ ଭାବେ ସଂପୂର୍ଣ୍ଣ କରି ଭବିଷ୍ୟ ନିର୍ମାଣ ପାଇଁ ତରବରିଆ ଭାବେ ଆଗେଇ ଚାଲିନାହାନ୍ତି ତ ପିଲାମାନେ? ବିଭିନ୍ନ ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧକୁ ଉପରଠାଉରିଆ ଭାବେ ପ୍ରସ୍ତୁତ କରିବା ଦ୍ୱାରା ସାହିତ୍ୟର ଛଳଛଳ-ଧାରା ଅବରୁଦ୍ଧ ହେଉନି ତ! ସେପରି ଜବରଦସ୍ତିଆ ପାଠ୍ୟକ୍ରମ ଦ୍ୱାରା ଜ୍ଞାନ ସୀମିତ ରହିଯିବ ସିନା ସାହିତ୍ୟର ଲାଭ ହେବନି। ସ୍ରୋତସ୍ୱିନୀ ନ ହୋଇ ସେ ଧାରା କୋଉଠି ନା କୋଉଠି ଅଟକିଯିବ ନ ହେଲେ ବିଦେଶୀ ଭାଷାର ବାଲିମାଟିରେ ପୋତି ହୋଇପଡ଼ିବ। ଅତ୍ୟଧିକ ପାଠ୍ୟକ୍ରମ ପିଲାଙ୍କ ଉପରେ ଲଦି ଦିଆଯିବା ଦ୍ୱାରା ସେମାନେ ବୀତସ୍ପୃହ ହୋଇଯିବେ।

ସ୍ନାତକୋତ୍ତରର ସିଲାବସ୍‌ରେ ଥିବା ପାଠଚକ୍ର ଓ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଉନି। ପିଲାମାନେ ନବୀନ, ପ୍ରବୀଣ ଲେଖକଙ୍କୁ ପଢୁନାହାନ୍ତି, ସେମାନଙ୍କ ବିଷୟରେ ଜାଣିବା ତ ଦୂରର କଥା। ସେଥିପାଇଁ ସମୟ ଓ ଉତ୍ସାହର ଅଭାବ। ଶ୍ରେଣୀକକ୍ଷରେ ପ୍ରତ୍ୟକ୍ଷ ଭାବ ଆଦାନପ୍ରଦାନବେଳେ ପତ୍ରପତ୍ରିକା ସହ ଲେଖକଙ୍କ ମୌଳିକ ସାହିତ୍ୟ ଉପରେ ଆଲୋଚନା କରାଯାଇପାରନ୍ତା। ସମୟାନ୍ତରରେ ସିଲାବସ୍ ବହିର୍ଭୂତ କୌଣସି ବହି ଉପରେ ସମୀକ୍ଷା କରାଗଲେ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତ କରିବା ସହଜତର ହୋଇପାରନ୍ତା।

ଓଡ଼ିଆ ଆଞ୍ଚଳିକ ଭାଷା ହୋଇଥିବାରୁ ଓ ବିଦ୍ୟାଳୟ ସ୍ତରରୁ ମାତ୍ରାଧିକ ବିଷୟ ଦ୍ୱାରା ପିଲାମାନେ ଚାପଗ୍ରସ୍ତ ହେଉଥିବାରୁ ନିଜ ଭାଷା ପ୍ରତି ଅନାଗ୍ରହ ସୃଷ୍ଟି ହେବା ସ୍ୱାଭାବିକ। ଏମିତିରେ ବିଦ୍ୟାଳୟଗୁଡ଼ିକରେ ମାତୃଭାଷା ପାଇଁ ସ୍ୱତନ୍ତ୍ର



ଶିକ୍ଷକ ନାହାନ୍ତି। ଓଡ଼ିଆ ବିଷୟ ପ୍ରତି ଆଦୌ ଧ୍ୟାନ ଦେଉନଥିବା ପିଲାଟିଏ ଯେତେବେଳେ ଓଡ଼ିଆରେ ସ୍ନାତକ ବା ସ୍ନାତକୋତ୍ତର କରିବ ସେ ପ୍ରତିକ୍ଷେତ୍ରରେ ଝୁଣ୍ଟିବ। ଯେଉଁମାନଙ୍କ ପାଇଁ ଧାଡ଼ିଏ ଓଡ଼ିଆ ଲେଖିବା କଷ୍ଟକର, ସେମାନଙ୍କ ଦ୍ୱାରା ବିଭିନ୍ନ ପାଠଚକ୍ର ବା ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତି ସହଜସାଧ୍ୟ ନୁହେଁ।

ଅଧିକାଂଶ ପିଲା ଦୈନିକ ଖବରକାଗଜ ବା ପତ୍ରପତ୍ରିକା ପଢ଼ନ୍ତିନି। କେବଳ ବହିପାଠ ହିଁ ସେମାନଙ୍କ ପରିସର। ଭାଷା ସାହିତ୍ୟରେ ଅଧାପନା କରୁଥିବା ପିଲାମାନେ ନିଷ୍ଠାପର ହେବା ଉଚିତ୍। ବର୍ଷକୁ କିଛି ପତ୍ରପତ୍ରିକା କିଣି ଲେଖକ/ଲେଖିକାଙ୍କୁ ପଢ଼ିବା ସହିତ ସେଗୁଡ଼ିକର ମର୍ମ ବୁଝିବା ଉଚିତ୍। କେବଳ ବହିପାଠରେ ସୀମିତ ରହିବା ଦ୍ୱାରା ସାହିତ୍ୟର ପ୍ରଚଳିତ ଧାରା, ଗତି, ପ୍ରକୃତି ସମ୍ପର୍କରେ ଅବଗତ ହେବା କଷ୍ଟକର। କାରଣ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ କିମ୍ବା ଉତ୍ସାହ ମିଳେନାହିଁ। ବିଷୟଭିତ୍ତିକ ପାଠଚକ୍ର ତଥା ଗବେଷଣାତ୍ମକ ନିବନ୍ଧ ଓଡ଼ିଆ ସାହିତ୍ୟକୁ ଚିହ୍ନିବା ଓ ଜାଣିବାର ପ୍ରକୃଷ୍ଟ ମାଧ୍ୟମ। ସେଥିପାଇଁ ବର୍ଷକୁ ହଜାର ହଜାର ପାଠଚକ୍ର ଓ ଗବେଷଣା ନିବନ୍ଧମାନ ପ୍ରସ୍ତୁତ ହେଉଛି। ପିଲାଏ କେବଳ ପରୀକ୍ଷା ପାଇଁ ଆଗ୍ରହବିହୀନ ଭାବେ ପ୍ରସ୍ତୁତି କରୁଛନ୍ତି ଓ ପରୀକ୍ଷା ପରେ ବିଭାଗର ସ୍ଥାନାଭାବ ଯୋଗୁଁ ସେଗୁଡ଼ିକୁ କାଗଜବାଲାକୁ କିଲୋ ଦରରେ ବିକାଯାଉଛି। ବିଡ଼ମ୍ବନା ଯେ ସ୍ୱଳ୍ପ ସମୟ ଭିତରେ ସେମିନାର, ପ୍ରୋଜେକ୍ଟ ଚାପରେ ଆକ୍ରାନ୍ତ ପିଲାଏ ନା ଏ କୂଳର ନା ସେ କୂଳର ହୋଇପାରୁଛନ୍ତି!

ବର୍ଷକୁ ଦୁଇଥର ଲେଖାଁ ହେଉଥିବା ନେଟ୍ ପରୀକ୍ଷା ବି ତିନିଭାଗରେ ବିଭକ୍ତ। ପରୀକ୍ଷା ଦେଇ କିଛିପିଲା ପିଏଚ୍.ଡି, କିଛି ନେଟ୍ ଓ ଆଉ କିଛି ଜେଆରଏଫ୍ (ଜୁନିଅର୍ ରିସର୍ଚ୍ଚ ଫେଲୋଶିପ୍-ଷ୍ଟାଇପେଣ୍ଟଯୁକ୍ତ) ପାଇଁ ଯୋଗ୍ୟ ବିବେଚିତ ହେଉଛନ୍ତି। ସେ ଅନୁସାରେ ପ୍ରତିବର୍ଷ ୮୦ରୁ ୯୦ ପିଲା ଜୁନିୟର୍ ରିସର୍ଚ୍ଚ ଫେଲୋଶିପ୍ ପାଉଛନ୍ତି। ଗାଇଡ୍ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା ଅତି ନଗଣ୍ୟ ହୋଇଥିବାରୁ ପିଲାମାନେ ନିର୍ଦ୍ଧାରିତ ସମୟସୀମା ଭିତରେ ଗବେଷଣା ସଂପୂର୍ଣ୍ଣ କରିପାରୁନାହାନ୍ତି କିମ୍ବା ଗାଇଡ୍‌ମାନେ ନୂଆ ପିଲାଙ୍କୁ ନେଇପାରୁନାହାନ୍ତି। ନିୟମାନୁସାରେ ଜଣେ ଗାଇଡ୍ ନିର୍ଦ୍ଦିଷ୍ଟ ସଂଖ୍ୟକ ପିଲାଙ୍କୁ ଦିଗ୍‌ଦର୍ଶନ ଦେଇପାରିବେ। ଏହି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା କିଛି ପିଲାଙ୍କ ସମୟ ସରିଯାଉଛି, ସେମାନେ ଜେଆରଏଫ୍ କରିପାରୁନାହାନ୍ତି।

ବିଭିନ୍ନ ବିଶ୍ୱବିଦ୍ୟାଳୟ ପ୍ରଥମେ ନିଜ ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦେଉଥିବାବେଳେ ଅନ୍ୟମାନେ ଯୋଗ୍ୟତା ଥାଇ ବି ବିଫଳ। ୩ରୁ ୮ ସଂଖ୍ୟକ ପିଏଚ୍.ଡି. ସିଟ୍ ପାଇଁ ଶହଶହ ଆବେଦନକାରୀ! ପୁଣି ସେମାନଙ୍କ ମଧ୍ୟରୁ ସେହି ବିଶ୍ୱବିଦ୍ୟାଳୟର ପ୍ରାର୍ଥୀ ଦଶ/କୋଡ଼ିଏ! ତେଣୁ ବାହାର ପିଲା ସୁଯୋଗରୁ ବଂଚିତ ହେଉଛନ୍ତି। ଭାଷା-ସାହିତ୍ୟର ଏଭଳି ଦୁର୍ଦ୍ଦଶା ତୁଳନାତ୍ମକ ଭାବେ ଅଧିକ। ଗାଇଡ୍ ଓ ବିଶ୍ୱବିଦ୍ୟାଳୟର ସଂଖ୍ୟାବୃଦ୍ଧି ହେବା ସହିତ ନୂତନ ପଦପଦବୀ ସୃଷ୍ଟି ହେବା ଉଚିତ୍। ଓଡ଼ିଆ ଭାଷାର ବିକାଶକୁ ଦୃଷ୍ଟିଦେଇ କିଛି ତ୍ରୁଟିକୁ ନ ସୁଧାରିଲେ ସାହିତ୍ୟର ଉନ୍ନତି ଆଗକୁ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ପରି ଅବସ୍ଥା ସୃଷ୍ଟି କରିବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ରୋଗୀ ସେବା ହିଁ ଜୀବନର ବ୍ରତ ଏବଂ ଏହାର ମୂଲ୍ୟ କୌଣସି ପାରିଶ୍ରମିକରେ ଭରଣା କରାଯାଇପାରିବ ନାହିଁ। ଏଭଳି ବିଚାରକୁ ଗ୍ରହଣ କରି ବାରାଣସୀର ଡାକ୍ତର ଟି. କେ. ଲାହିର ୩୦ ବର୍ଷ ହେଲା ବିନା ଦରମାରେ ରୋଗୀ ସେବା କରିଆସୁଛନ୍ତି। କୋଲକାତାରେ ତାଙ୍କର ଜନ୍ମ ଓ ଆମେରିକାରୁ ଡାକ୍ତରୀ ଶିକ୍ଷାରେ ଡିଗ୍ରୀ ହାସଲ କରିବା ପରେ ବନାରସ ହିନ୍ଦୁ ୟୁନିଭର୍ସିଟିରେ ୨୫୦ ଟଙ୍କା ଦରମାରେ ଚିକିତ୍ସା ସେବା ଆରମ୍ଭ କରିଥିଲେ। ଜଣେ କାର୍ଡିଓଲୋଜିଷ୍ଟ ଭାବେ ସେ ୧୯୯୦ରୁ ତାଙ୍କ ଦରମାକୁ ଗରିବଙ୍କୁ ଦାନ କରିଦେଇଆସୁଛନ୍ତି। ସେ ଅବିବାହିତ ଓ ବୟସ ୭୦ ଟପିଗଲାଣି। ସେ ପେନ୍‌ସନ ଟଙ୍କାରେ ଚଳୁଛନ୍ତି ଏବଂ ପ୍ରତିଦିନ ସକାଳେ ହାତରେ ବ୍ୟାଗ ଓ ଛତାଟିଏ ଧରି ବିଏଚ୍‌ୟୁ କ୍ୟାମ୍ପସରେ ଥିବା ମେଡିକାଲ ପହଞ୍ଚିଯାଉଛନ୍ତି। ବାରାଣସୀର ଗରିବଙ୍କର ଆଶା ଭରସା ପାଲଟିଛନ୍ତି। ତାଙ୍କ ଚାକିରିକାଳ ମଧ୍ୟରେ ସେ ଅନେକ ହଜାର ଯୁବ ଚିକିତ୍ସକଙ୍କୁ ଚିକିତ୍ସା ଓ ମାନବିକତାର ଧାରାରେ ପକାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୭୬

- ପାକିସ୍ତାନ ଓ ଲିବ୍ୟା ମିଳିତ ଭାବରେ ୧୦୦ ନିୟୁତ ଡଲାରର ଏକ ଅର୍ଥନୈତିକ କମ୍ପାନୀ ସ୍ଥାପନ କରିଛନ୍ତି।
- ଭାରତ ମହାସାଗର ଉପକୂଳବର୍ତ୍ତୀ ରାଷ୍ଟ୍ରର ଦୃଢ଼ ପ୍ରତିବାଦ ସତ୍ତ୍ୱେ ଡିଆଗୋଗାର୍ସିୟାରେ ଆମେରିକା ନିର୍ମାଣ କରୁଥିବା ନୌଘାଟୀକୁ ଚାଲୁ କରାଯାଇଛି।
- ରାଜ୍ୟରେ ଅର୍ଥନୈତିକ ଅପରାଧୀମାନଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନ ଫଳରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷିତ ହେବାର ବର୍ଷକ ମଧ୍ୟରେ ୨ କୋଟି ୩୦ ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ଜବତ ହୋଇପାରିଛି।

## ଚିରନ୍ତନୀ

ମାନବର କୋଳାହଳ
ନ କରେ ଯହିଁ ବିକଳ
ସୃଜି ଯିବା ସେହି ଦେଶ ଏକ ଆଲିଙ୍ଗନେ,
ଯହିଁ ମିଳନର ଗୀତି
ତୁଟାଏ ସକଳ ଭୀତି
ରଖିଯିବା ଅକ୍ଷୟ ସେ କୀରତି ଭୁବନେ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 8 | 4 | | 7 | 6 |
| | | | | | | | | 1 |
| | | | | | 6 | 9 | | 4 |
| | | 1 | | 6 | | | | 9 |
| | | 2 | | | 5 | | | |
| | | | 4 | | 3 | | | |
| 8 | | | | | | | | 2 |
| 7 | 3 | | | | | 6 | 1 | |
| 6 | | | | 4 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 7 | 4 | 9 | 1 | 5 | 3 |
| 5 | 1 | 9 | 8 | 2 | 3 | 6 | 4 | 7 |
| 4 | 3 | 7 | 1 | 5 | 6 | 9 | 8 | 2 |
| 6 | 9 | 2 | 5 | 7 | 8 | 4 | 3 | 1 |
| 3 | 4 | 5 | 6 | 9 | 1 | 2 | 7 | 8 |
| 1 | 7 | 8 | 4 | 3 | 2 | 5 | 6 | 9 |
| 8 | 2 | 3 | 9 | 6 | 5 | 7 | 1 | 4 |
| 7 | 6 | 1 | 2 | 8 | 4 | 3 | 9 | 5 |
| 9 | 5 | 4 | 3 | 1 | 7 | 8 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଅଫିସରେ ହେଲ୍ପ ଡେସ୍କ ରହୁ

ମହାଶୟ,
ବିଭିନ୍ନ ଅଫିସରେ କେଉଁ କାମ ଲାଗି କେତେ ଦିନ ଲାଗିବ, ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଉ। ସେତିକି ଦିନ ମଧ୍ୟରେ ଯଦି କାମ ହୋଇ ନ ପାରୁଛି, ତେବେ କିରାଣିଠାରୁ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ବୃଦ୍ଧ, ଭିନ୍ନକ୍ଷମ ଓ ଅଳ୍ପ ଶିକ୍ଷାଦୀକ୍ଷା ଥିବା ଲୋକ କାଳେ ଠିକ୍ ଭାବରେ ଦରଖାସ୍ତ ଲେଖିପାରୁ ନ ଥିବେ, ସେମାନଙ୍କ ପାଇଁ ପ୍ରତି ଅଫିସରେ ହେଲ୍ପ ଡେସ୍କର ବ୍ୟବସ୍ଥା ରହୁ। ହେଲ୍ପ ଡେସ୍କରେ ବସୁଥିବା ଲୋକ ନିର୍ଭୁଲ୍ ଭାବରେ ଦରଖାସ୍ତଗୁଡ଼ିକୁ ଯାଞ୍ଚ କରିପାରିବେ। ଫଳରେ କୌଣସି କିରାଣି କିମ୍ବା ଅଫିସର ତ୍ରୁଟିଜନିତ ଫାଇଲକୁ ଅଟକାଇ ରଖିବେ ନାହିଁ କିମ୍ବା କାମରେ ବିଳମ୍ବ ହେବ ନାହିଁ। କାଳେ କିରାଣି ବା ଅଫିସରଙ୍କ ବିରୋଧରେ ଅଭିଯୋଗ ହେବ, ସେଥିପାଇଁ ସେମାନେ ସତର୍କତା ଅବଲମ୍ବନ କରିବେ। ହେଲ୍‌ପ ଡେସ୍କର ବ୍ୟବସ୍ଥା କରି ମୂଳରୁ ସବୁ କାମ ନିର୍ଭୁଲ୍‌ଭାବେ କଲେ ବହୁ ପରିମାଣରେ ଦୁର୍ନୀତି କମିଯାଆନ୍ତା ଏବଂ ଲୋକେ ମଧ୍ୟ ଉପକୃତ ହୁଅନ୍ତେ।

- ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତଳିଆ ଅଞ୍ଚଳ ଲୋକେ ଛାନିଆ

■ବଢ଼ୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ
■ନାଖରା ପୋଲ ପାର୍ଶ୍ୱରେ ଫାଟ

ବାରିପଦା,୨୬।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲାରେ ପ୍ରବାହିତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଦେଓ, ଜଳକା (ଜମ୍ବୀରା) ଓ ଗଙ୍ଗାହାର ନଦୀରେ ବନ୍ୟା ଆସିଛି। ଜମ୍ବୀରା ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଥିବାରୁ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଯାଇଛି। ସେହିପରି ଝାଡ଼ଖଣ୍ଡ ରାଜ୍ୟ ଗାଲୁଡିହି ଡ୍ୟାମ୍‌ର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖା ନଦୀ ଜଳପତ୍ତନ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ବନ୍ୟା ଆଶଙ୍କାକୁ ନେଇ ଜିଲା ପ୍ରଶାସନ ସଜାଗ ରହିଛି। ଓଡ୍ରାଫ ଓ ଦମକଳ ବାହିନୀ ନିୟୋଜିତ ରହିଥିବା ବେଳେ ବନ୍ୟା ଭୟରେ ଛାନିଆ ହୋଇପଡ଼ିଥିବା ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଉଛି ।

ସୂଚନାଯୋଗ୍ୟ, ଶୁକ୍ରବାର ଦିନତମାମ ବର୍ଷା ଯୋଗୁ ବିଭିନ୍ନ ନଦୀରେ ବନ୍ୟା ଆସିଛି। ଶନିବାର ଝାଡ଼ଖଣ୍ଡର ଗାଲୁଡିହି ଡ୍ୟାମ୍‌ରୁ ପାଣି ଛଡ଼ାଯାଇଥିବାରୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଜିଲାର ସାରସକଣା ବ୍ଲକ୍ ଅଧୀନ ଶୀର୍ଷା ପଞ୍ଚାୟତର ମେରଦା, ଶୀର୍ଷା ଓ ବେଢ଼ାପାଳ ଗ୍ରାମବାସୀ ପ୍ରଭାବିତ ହେବା ଆଶଙ୍କା କରାଯାଇଛି। ଗୋଟିଏ ଓଡ୍ରାଫ୍ ଟିମ୍ ମୁତୟନ ହୋଇଥିବା ବେଳେ ଜିଲା ପ୍ରଶାସନର ଅଧିକାରୀମାନେ ସ୍ଥିତି ସମୀକ୍ଷା କରିଛନ୍ତି। ସେହିପରି ରାସଗୋବିନ୍ଦପୁର ବ୍ଲକ୍ ଗୋଡ଼ିଘାଟି ପଞ୍ଚାୟତ ଅଧୀନ ଟିକାୟତପୁର ଓ ବନ୍ଧମୁଣ୍ଡି ଗ୍ରାମର ଲୋକେ ଭୟଭୀତ ହୋଇପଡିଥିବା ବେଳେ ବଡ଼ାମପୁରଠାରେ ଥିବା ଜମ୍ବୀରା ନଦୀ ବନ୍ଧରେ ଘାଇ ସୃଷ୍ଟି ହୋଇଛି। ଫଳରେ ହଜାର ହଜାର ହେକ୍ଟର ଧାନଚାଷ ପ୍ରଭାବିତ ହୋଇଛି। ସାନମଣଦା ଗ୍ରାମପଞ୍ଚାୟତର ଖୁଣ୍ଟାପାଳ ଓ ତୋଟାପଡା ଗ୍ରାମର ୭୫୦ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ଜିଲା ଜରୁରିକାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ କହିଛନ୍ତି। ସେହିପରି ଦେଓ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଜାମୁଘାଟର ଅସ୍ଥାୟୀ ପୋଲ ଭାସିଯାଇଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବା ଦ୍ୱାରା ବଡ଼ସାହି ଓ ବେତନଟୀ ବ୍ଲକ୍‌ର ତଳିଆ ଅଞ୍ଚଳଗୁଡ଼ିକ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା କରାଯାଇଛି । ନାଖରା ପୋଲ ପାର୍ଶ୍ୱରେ ଆଡିବନ୍ଧରେ ଫାଟ ସୃଷ୍ଟି ହୋଇଥିବାରୁ ସେଠାରେ ବାଲି ଭର୍ତ୍ତି ଅଖାରେ ନିୟନ୍ତ୍ରଣ କରାଯାଇଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକମାନଙ୍କୁ ସତର୍କ କରାଯାଇଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଜିଲାର କୌଣସି ଗ୍ରାମରେ ବନ୍ୟାଜଳ ପ୍ରବେଶକରି ନ ଥିବା ଜିଲା ଜରୁରିକାଳୀନ ଅଧିକାରୀ ପ୍ରକାଶ କରଛନ୍ତି।


ନାଖରା ପୋଲ ପାର୍ଶ୍ୱ ଆଡ଼ିବନ୍ଧରେ ଫାଟ ସୃଷ୍ଟିହେବାରୁ ବାଲିବସ୍ତା ଦେଇ ମରାମତି କରାଯାଉଛି।

## ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି


ଜିଲାପାଳ ଓ ଏସ୍‌ପି ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ବୁଢ଼ାବଳଙ୍ଗ ଜଳସ୍ତର ବୃଦ୍ଧି

ବୈଶିଙ୍ଗା,୨୬।୭(ରତନ ଦାଶ)

ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଲିପୁରା ପଞ୍ଚାୟତରେ ଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବଢ଼ିଛି। ବନ୍ୟା ସ୍ଥିତି ଦେଖି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ବୈଶିଙ୍ଗା–ବଡ଼ସାହି ମୁଖ୍ୟ ରାସ୍ତାର ନାଖରା ପୋଲର ତଳ ପାର୍ଶ୍ୱରେ ଗତ ବନ୍ୟା ସମୟରେ ଅତଡ଼ା ଖସି ସୃଷ୍ଟି ହୋଇଥିବା ଘାଇ ନିକଟରେ ନଦୀଜଳ ପ୍ରବାହିତ ହେଉଥିବା ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଥି ପାଇଁ ଗତବର୍ଷ ପାଟଲିପୁରା,ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ, ଦେବସ୍ଥଳୀ, ଡେଁଫଉଦା, ଖଣ୍ଡଦେଉଳା ଆଦି ତଳିଆ ଅଞ୍ଚଳର ଗ୍ରାମବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଆଖି ଆଗରେ ରଖି ଶନିବାର ଅପରାହ୍ନ ୩ଟାରେ ଜିଲାପାଳ ହେମକାନ୍ତ ସଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ସହିତ ଜରୁରୀକାଳୀନ ଅଧିକାରୀମାନେ ନାଖରା ସେତୁ ନିକଟରେ ସ୍ଥିତି ଅନୁଧ୍ୟାନ କରିବା ସହିତ ସତର୍କ ରହିବା ପାଇଁ ସ୍ଥାନୀୟ ପାଟଲିପୁରା ସରପଞ୍ଚ ମମତା ନାଏକ , ରାଜସ୍ୱ ନିରୀକ୍ଷକ, ବେତନଟୀ ଓ ବଡ଼ସାହି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ତେବେ ମାଟି ଅତଡ଼ା ଖସି ସେତୁ ପ୍ରତି ବିପଦ ଥିବା ନେଇ ସରପଞ୍ଚ ମମତା ନାଏକଙ୍କୁ ପଚାରିବାରୁ ସ୍ଥିତି ସେତେବେଶୀ ବିପଦଜନକ ନୁହେଁ ବରଂ ପାଣି କମିଯିବା ପରେ ବାଉଁଶରେ ଫ୍ରେମ ଲଗାଇ ବାଲିବସ୍ତା ଦିଆଗଲେ ଏହା ଅଧିକ ସୁରକ୍ଷିତ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବେତନଟୀ ଆର୍ ଆଣ୍ଡ ବି ଏସ୍‌ଡିଓ ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସେ ମଧ୍ୟ ସେତୁ ପ୍ରତି ବିପଦ ନ ଥିବା କହିଛନ୍ତି। ତେବେ ନଦୀର ଉଭୟ ପାଖ ଆଡ଼ିବନ୍ଧ ସୁରକ୍ଷା ପ୍ରକୃତପକ୍ଷେ ଜଳସେଚନ ବିଭାଗର ଦାୟିତ୍ୱ ହୋଇଥିବା ବେଳେ ତାଙ୍କ ବିଭାଗ ପକ୍ଷରୁ ଜରୁରୀକାଳୀନ ପଦକ୍ଷେପ ନିଆଯାଇ ମାଟି ଧସିଥିବା ସ୍ଥାନରେ ବାଲିବସ୍ତା ଦିଆଯାଉଥିବା ଉପଖଣ୍ଡ ଅଧିକାରୀ ଜଣାଇଛନ୍ତି।

## କଇଁସାରୀ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ପାଣି

### ଉଦଳା-ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ

ଉଦଳା,୨୬।୭(ସନ୍ତୋଷ କୁମାର ବାଛିନୀ)

ଶିମିଳିପାଳ ଉପରମୁଣ୍ଡରେ ବର୍ଷା ଜାରି ରହିବା କାରଣରୁ କପ୍ତିପଦା ଉପଖଣ୍ଡର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଦେଓ ନଦୀର ଜଳସ୍ତର ବୃଦ୍ଧି ପାଇବା କାରଣରୁ ଉଦଳା–ବାଲେଶ୍ୱର ରାସ୍ତାର କଇଁସାରୀ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଉଦଳା–ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଅନ୍ୟପଟେ ବର୍ଷା ଜାରି ରହିଥିବାରୁ ଦେଓ ନଦୀ ସମେତ ଅନ୍ୟ ନଦୀଗୁଡ଼ିକ ଫୁଲି ଉଠିଥିବାରୁ ତଳିଆ ଅଞ୍ଚଳ ଲୋକେ ବନ୍ୟା ଆଶଙ୍କାରେ ଭୟଭୀତ ହୋଇ ପଡ଼ିଛନ୍ତି।


କଇଁସାରୀ ଅସ୍ଥାୟୀ ପୋଲ ବନ୍ୟା ଜଳରେ ବୁଡ଼ି ରହିଛି।

## କୁଆମରା-ବଡ଼ସାହି ଯୋଗାଯୋଗ ବିଚ୍ଛିନ୍ନ


ଖଡ଼ିକାପଦା ପୋଲ ଉପରେ ପ୍ରବାହିତ ବନ୍ୟାଜଳ।

ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମହୁଆଳ)/ ବଡ଼ସାହି (ସମ୍ପିତ କୁମାର ରାଉତ),୨୬।୭

### ଗଙ୍ଗାହାର ନଦୀରେ ବନ୍ୟା

■ଅଟକି ରହିଲା ଆମ୍ବୁଲାନ୍ସ
■ଖଡ଼ିକାପଦା ପୋଲ ଉପରେ ୩ ଫୁଟ ପାଣି

ଲଘୁଚାପ ପ୍ରଭାବରେ ଶୁକ୍ରବାର ଦିନ ତମାମ ପ୍ରବଳ ବର୍ଷା ଲାଗି ରହିବା ଯୋଗୁ ଗଙ୍ଗାହାର ନଦୀରେ ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ନାଳୁହା ଓ ଛୋଟ ଛୋଟ ନଦୀଗୁଡ଼ିକ ଫୁଲିବାରେ ଲାଗିଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ନଦୀରେ ବନ୍ୟା ଜଳ ଆସିବା ଯୋଗୁ ଖଡ଼ିକାପଦା ପୋଲ ଉପରେ ଶନିବାର ସକାଳୁ ୩ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରଭାବିତ ହେଉଛି। ଫଳରେ ବଡ଼ସାହି- କୁଆମରା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ତେବେ ଅଧିକ ବନ୍ୟା ଜଳ ଆସୁଥିବାରୁ ନଦୀ କୂଳରେ ବସବାସ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗଙ୍ଗାହାର ନଦୀରେ ବନ୍ୟା ଜଳ ବଢ଼ିବା ସହ ଏହି ନଦୀ ସହ ମିଶିଥିବା ନାଳୁହା ଫୁଲିବାରେ ଲାଗିଛି। ଫଳରେ ଗୋପବନ୍ଧୁ ନଗର ବ୍ଲକର ପଶୁଦା ପଞ୍ଚାୟତର କେତେକ ଗ୍ରାମ ଓ ଚାଷ ଜମି ପ୍ରଭାବିତ ହୋଇଛି। ଖଡ଼ିକାପଦା ତଳେ ଥିବା ବଡ଼ସାହି ବ୍ଲକର ପଟିସାରୀ ପଞ୍ଚାୟତ ମଧ୍ୟ କେତେକ ସ୍ଥାନରେ ବନ୍ୟାଜଳ ପ୍ରବେଶ କରିଛି। ବଡ଼ସାହିରୁ କୁଆମରା ଆସୁଥିବା ୧୦୮ ଆମ୍ବୁଲାନ୍ସ ଖଡିକାପଦା ନିକଟରେ ଦୀର୍ଘ ସମୟ ଅଟକି ରହିଥିଲା। ନଦୀ କୂଳିଆ ଚାଷ ଜମିରେ ବନ୍ୟା ଜଳ ମାଡ଼ି ରହିବା ଯୋଗୁ ରୁଆ ପୋତା କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବା ସହ ଦୁଇ ତିନି ଦିନ ତଳେ ରୁଆ ହୋଇଥିବା ଚାଷ ଜମି ନଷ୍ଟ ହେବାର ସମ୍ଭାବନା ରହିଛି।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः– दिनांक–

**आवश्यक सूचना**

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–23/2025-26/RWD/EE/ RANCHI, PR No. 357666 REO(25-26).D द्वारा दैनिक समाचार पत्र में प्रकाशित हुआ था। जिसे अपरिहार्य कारणवश स्थागित किया जाता है। पुनः निविदा शीघ्र आमंत्रित की जाएगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR 358311 REO(25-26)#D

## ଜମ୍ବୀରା ନଦୀରୁ ମୃତଦେହ ଜବତ

ମୋରଡ଼ା,୨୬।୭(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜମ୍ବୀରା ନଦୀରୁ ପୋଲିସ ଜବତ କରିଛି। ଶୁକ୍ରବାର ପ୍ରବଳ ବର୍ଷା ହୋଇଥିବା ବେଳେ ଜମ୍ବୀରା ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ଶନିବାର ସକାଳେ ମୃତଦେହ ବନ୍ୟା ପାଣିରେ ଭାସି ଆସି ପାଞ୍ଚଗୋଛିଆସ୍ଥିତ ନଦୀ କୂଳରେ ଲାଗିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ।

## କାର୍‌ଗିଲ ବିଜୟ ଦିବସ

ବାଙ୍ଗିରିପୋଷି,୨୬।୭(ସଞ୍ଜୟ କୁମାର ଅଗ୍ରୱାଲ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମ୍ୟାନେଜମେଣ୍ଟ ଆଣ୍ଡ ରୁରାଲ ଡେଭଲପମେଣ୍ଟ କାଉନସିଲ ବାଙ୍ଗିରିପୋଷି ଏବଂ ମେରା ଯୁବ ଭାରତ ବାରିପଦା, ମୟୂରଭଞ୍ଜ ଭାରତ ସରକାର ବାରିପଦା, ମୟୂରଭଞ୍ଜ, ଓଡ଼ିଶା ମିଳିତରେ କଣ୍ଟାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଲତା ପ୍ରଧାନ ଉପସ୍ଥିତ ରହି ଶହୀଦମାନଙ୍କର ନିଷ୍ଠା, ବଳିଦାନ, ତ୍ୟାଗକୁ ଦେଶ ସର୍ବଦା ମନେରଖିବ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସବିନା ସୋରେନ ଏନ.ଏମ୍ ଏବଂ ସି.ସି.ଏଚ ର ଗ୍ରାମ୍ୟ ମୁଖିଆ ନିଧିଆ ନାଏକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏମ.ଆର.ଡି.ସି.ର କୋ ଅର୍ଡିନେଟର ରବିନ୍ଦ୍ର ନାଥ ସେଠୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଙ୍କିତା ଦାସ, ଦ୍ୱିତୀୟ ସ୍ଥାନ ମକରୁ ସୋରେନ, ତୃତୀୟ ସ୍ଥାନ ହାସଲ କରିଥିବା ମନାଲିସା ନାଏକଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ଏମ୍.ଆର.ଡିସି ତରଫରୁ ପାନମଣି ସୋରେନ ଧନ୍ୟବାଦ ଦେଇଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଉଦଳା,୨୬।୭
(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ପାଟଶାଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନ ୧୧ ଟା ସମୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀ ଫାଙ୍କା ପଡ଼ିଥିଲା। ଏହି ପ୍ରଧାନଶିକ୍ଷକ ପଦବୀରେ ସୁମିତା ପଟ୍ଟନାୟକ ଯୋଗ ଦେଇଛନ୍ତି। ଫଳରେ ଅଭିଭାବକ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛ। ନୂତନ ପ୍ରଧାନ ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



ନୂଆ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଉଛି।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ମୋରଡ଼ା,୨୬।୭(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାରଷ୍ଟ୍ରିପରେ ଶନିବାର ୧୪ ଜଣ ଶହୀଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଏୟାରଷ୍ଟ୍ରିପରେ ଯୁଦ୍ଧ ପାଇଁ ଟ୍ରେନିଂ ଦିଆଯାଉଥିଲା । ତେବେ ୧୯୪୫ ମସିହା ଜୁଲାଇ ୨୬ ତାରିଖରେ ଟ୍ରେନିଂ ୟୁନିଟର ଦୁଇଟି ଫାଇଟିଂ ବିମାନ ଏଠାରୁ ଉଡାଣ କରିଥିଲେ ଓ ପଚାଶ କି.ମି. ଦୂର ବେଲଦାଠାରେ ପରସ୍ପରକୁ ଟକ୍କର ଦେବା ଫଳରେ ବିମାନ ଦୁଇଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନରେ ଥିବା ୧୪ ଜଣ ଏୟାରମ୍ୟାନଙ୍କ ମୃତ୍ୟୁ ହୋଇଥିଲା। ତେବେ ୨୦୧୧ ମସିହାରୁ ଏହି ଶହିଦ ଯବାନମାନଙ୍କୁ ପ୍ରତିବର୍ଷ ଶ୍ରଦ୍ଧାଞ୍ଜଳି ଦିଆଯାଇଆସୁଛି । ପୂର୍ବତନ ପାଇଲଟ ତଥା ବିଶେଷଜ୍ଞ ଅନିଲ କୁମାର ଧିର, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ବ୍ରଜ କିଶୋର ଦାସ, ଆଦିତ୍ୟ ପଟ୍ଟନାୟକ, ଅଧ୍ୟାପକ ଅବନୀକାନ୍ତ ଗିରିଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀମାନେ ଯୋଗଦେଇ ଶହୀଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂଗୀତ ଗାନ କରାଯିବା ପରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସୂଚନାଯୋଗ୍ୟ, ଉକ୍ତ ଏୟାରଷ୍ଟ୍ରିପ ଉଡାଣ ଯୋଜନାରେ ସାମିଲ ହୋଇଥିବା ବେଳେ ଏହାର ପୁନଃରୁଦ୍ଧାର ପାଇଁ ସରକାରଙ୍କ ତରଫରୁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଲୋଚନା ଚାଲୁ ରହିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-19-2025, ତା.21.07.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ପଲାସା ମେନ୍ (Main) ଲାଇନ୍‌ରେ ଇଚ୍ଛାପୁରମ୍-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.334 ପରିବର୍ତ୍ତେ ରେଲୱେ କି.ମି.633/5-7 ଠାରେ ରେଲୱେ ଅଂଶ ପାଇଁ ରୋଡ଼ ଓଭର ବ୍ରିଜ୍ (ROB) 1X36.0 ମିଟର କମ୍ପୋଜିଟ୍ ଗର୍ଡର+2X24.0 ମିଟର କମ୍ପୋଜିଟ୍ ଗର୍ଡ଼ର+4X18.75 ମିଟର T-ବିମ୍ ଗର୍ଡର (ବ୍ରିଜ୍ ପ୍ରପର) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5782 ଲକ୍ଷ, EMD (ଟଙ୍କାରେ) : 30,41,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.08.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ/ଆରଏସ୍‌ପି/ ଭୁବନେଶ୍ୱର

PR-67/CI/25-26

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ଆବଶ୍ୟକ କରୁଥିବା ଇସ୍ତାହାର**

**ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୮୨ ସିଆର.ପି.ସି./୮୪ ଦେଖନ୍ତୁ**

ଯେହେତୁ, ମୋ ଇଜିଲାସରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ **ଅକ୍ରମ୍ ଖାନ୍**, **ପିତା:** ଶେଠ୍ ଖାନ୍, **ବାସିନ୍ଦା:** ଗ୍ରାମ- ବ୍ରୁଗାମ, **ଥାନା**- ତେନ୍ତୁଳିଖୁଣ୍ଟି, **ଜିଲ୍ଲା**-ନବରଙ୍ଗପୁର, ଓଡ଼ିଶା **ଏନଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ** ଅଧୀନସ୍ଥ ମାମଲାରେ ଅପରାଧ ଘଟାଇଛନ୍ତି (କିମ୍ବା ଘଟାଇଥିବାର ସନ୍ଦେହ କରାଯାଉଛି) ଏବଂ ସେ ବାବଦରେ ଜାରି କରାଯାଇଥିବା ଗିରଫ ପରୱାନାକୁ ଏହା ଲେଖି ଫେରାଇଦିଆଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍**ଙ୍କର ସନ୍ଧାନ ମିଳୁନାହିଁ ଏବଂ ମୋ ସନ୍ତୁଷ୍ଟିରୂପେ ଏହା ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଫେରାର୍ ହୋଇଯାଇଛନ୍ତି (ଅଥବା ଉକ୍ତ ପରୱାନାକୁ ଏଡ଼ାଇବା ପାଇଁ ନିଜକୁ ଲୁକ୍କାୟିତ ରଖିଛନ୍ତି)।

ଏତଦ୍‌ଦ୍ୱାରା ଇସ୍ତାହାର ଦିଆଯାଉଅଛି କି, **ଏନ୍‌ଡିପିଏସ୍ ଅଧିନିୟମର ଧାରା ୨୦/୬୧/୮୫ ଅଧୀନରେ ମାମଲା ଏଫ୍‌ଆଇଆର୍ ନଂ. ୧୫୮/୨୪, ଥାନା: ଗାଜିପୁର, ପୂର୍ବ ଦିଲ୍ଲୀ**ର ଉକ୍ତ ଅଭିଯୁକ୍ତ **ଅକ୍ରମ୍ ଖାନ୍** ଜଣେ ଅଭିଯୁକ୍ତ ଅଟନ୍ତି ଏବଂ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ **ତା୩୦.୦୮.୨୦୨୫ରିଖ** ସୁଦ୍ଧା ତାଙ୍କୁ କୋର୍ଟରେ ହାଜର ହେବା ଆବଶ୍ୟକ ହେଉଅଛି ।

ଆଦେଶକ୍ରମେ
କୁମାରୀ ମନୁ ଭେଦୱାନ
ଅତିରିକ୍ତ ଦୌରା ଜଜ୍-୦୨, ସ୍ପେଶାଲ ଜଜ୍ (ଏନ୍‌ଡିପିଏସ୍ ଅଧିନିୟମ)
ରୁମ୍ ନଂ. ୩୧୧, କଡ଼କଡ଼ଡୁମା ନ୍ୟାୟାଳୟ, ଦିଲ୍ଲୀ

DP/9774/ED/2025 (Court Matter)

## ‘ମୋ ପୁଅକୁ ହତ୍ୟା କରାଯାଇଛି’

### କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଦାବି କଲେ ମା’

କରଞ୍ଜିଆ,୨୬।୭(କବିତା ମହାନ୍ତ)

କରଞ୍ଜିଆ ବ୍ଲକ ଅଧୀନ ଖଣ୍ଡିଆଧର ଗ୍ରାମର ଅଙ୍ଗନୱାଡ଼ି କର୍ମୀ କବିତା ହେମ୍ବ୍ରମ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ ଲକ୍ଷ୍ମଣ(୨୨)ଙ୍କୁ କେହି ହତ୍ୟାକରି ନିକଟସ୍ଥ କାଜୁ ଜଙ୍ଗଲରେ ଝୁଲାଇ ଦେଇଛନ୍ତି। କରଞ୍ଜିଆ ପୋଲିସ ଠିକ୍ ତଦନ୍ତ କରୁନାହିଁ। ଏଣୁ ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ଦିଆଯାଉ ବୋଲି ସେ ଖବରଦାତାମାନଙ୍କୁ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୨ତାରିଖରେ ଲକ୍ଷ୍ମଣଙ୍କୁ ବାନ୍ତି ଓ ଜ୍ୱର ହେଉଥିଲା। ମା’ କବିତା ତାଙ୍କୁ ନିକଟସ୍ଥ ଟାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ରାତିରେ ମା’ ଓ ପୁଅ ହସ୍ପିଟାଲ ୱାର୍ଡରେ ଶୋଇଥିଲେ। ମା’ ଶୋଇପଡ଼ିବା ପରେ ଲକ୍ଷ୍ମଣ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସକାଳେ କବିତା ତାଙ୍କ ପୁଅକୁ ଖୋଜା ଖୋଜି କରି ପାଇ ନ ଥିଲେ। କିଛି ସମୟ ପରେ ନିକଟସ୍ଥ କାଜୁ ଜଙ୍ଗଲରେ ଲକ୍ଷ୍ମଣଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାକୁ ନେଇ ଟାଟୋ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ତରବାରିଆ ଭାବେ ବ୍ୟବଚ୍ଛେଦ କରି ଶବକୁ ଅନ୍ୟ ଏକ ରାସ୍ତାରେ ନେବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଯାହାକୁ ନେଇ ପୋଲିସ ଗୋପବନ୍ଧୁ ପାତ୍ର ଓ ରିଙ୍କିରାଜ ମହାନ୍ତଙ୍କ ନାମରେ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରିଥିଲା। ତେବେ ପୋଲିସ ତଦନ୍ତରେ ସନ୍ତୁଷ୍ଟ ନ ଥିବା କବିତା କ୍ରାଇମ ବ୍ରାଞ୍ଚ ତଦନ୍ତ ଦାବି କରିଥିବା କହିଛନ୍ତି।

Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department,
Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

**e-Procurement very Short Notice**

e-Tender Reference No .- RCD/FSD /AP/ RAN/07/25-26 Dated **24.07.2025**

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report (DPR) for H.L. bridge over Harmu river between Hindpiri to Nayatoli road in Ranchi District in the state of Jharkhand including its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal if any, including clearance of all stages etc as required from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 75 m (Approx) |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 25,000/- (Rupees Twenty five Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no-120 dated 03.10.2023. |
| 5- | Date and Time of Publishing of Tender on official website | 28.07.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.08.2025, 12.30 PM |
| 7- | Date and Timing of Bid opening | 06.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhawan, 56 set Chowk, Doranda, Ranchi- 834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer, Field Survey Division, A.P
Road Construction Department, Ranchi

PR 358295 (Road) 25-26_D

# ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ: ଜିଲାପାଳ

## ବ୍ଲକ୍ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ
## ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର

ଭଦ୍ରକ,୨୬।୭ (ସନାତନ ରାଉତ)

ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଥିବା ବେଳେ ନଦୀକୂଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା କରାଯାଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦା ଆନିକଟଠାରେ ବୈତରଣୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ଶନିବାର ରାତି ସାଢ଼େ ୮ଟା ସୁଦ୍ଧା ନଦୀର ଜଳସ୍ତର ୧୮.୮୬ ମିଟର ଛୁଇଁଥିଲା। ଜଳସ୍ତର କ୍ରମଶଃ ବଢ଼ିଚାଲିଥିବାରୁ ଜିଲାର ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକରେ ନଦୀକୂଳିଆ ଗ୍ରାମଗୁଡ଼ିକରେ ବନ୍ୟା ଆଶଙ୍କା ରହିଛି। ତେବେ ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି।

ପୂର୍ବାହ୍ନ ୧୧ଟାରେ ସମ୍ପୃକ୍ତ ବ୍ଲକର ବିଡିଓ ଓ ଅନ୍ୟ ଅଧିକାରୀମାନଙ୍କ ସହ ଜିଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ କରାଯାଇଛି। ଯେଉଁ ପଞ୍ଚାୟତଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ରହିଛି, ସେଠାରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ସଚେତନ କରାଯାଇଛି। ସ୍ଥାନୀୟ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ପାଇଁ କୁହାଯାଇଛି। ଧାମନଗର ପାଇଁ ନୋଡାଲ ଅଫିସର ଭାବେ ଜଣେ ଅତିରିକ୍ତ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। କୌଣସି ଧନଜୀବନ ହାନି ନ ହେବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଭଣ୍ଡାରିପୋଖରୀ ବ୍ଲକର ବଳିପୁର ଅଞ୍ଚଳର କିଛି ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ମହଜୁଦ ରଖାଯାଇଥିବା ଜିଲାପାଳ କହିଛନ୍ତି। ସନ୍ଧ୍ୟାରେ ଧାମନଗରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ରିଭ୍ୟୁ ମିଟିଂ ପରେ ଜିଲାପାଳ ଗୌରାଙ୍ଗପୁର ଏସ୍କେପ୍ ଓ କ୍ଷେଣ୍ଟପୁର ପୋଲ ନିକଟରେ ବୈତରଣୀ ନଦୀ ଜଳସ୍ତରର ସ୍ଥିତି ମନ୍ତ୍ରୀଙ୍କ ସହ ଅନୁଧ୍ୟାନ କରିଥିଲେ।


ଧାମନଗର କ୍ଷେଣ୍ଟପୁର ପୋଲ ନିକଟରେ ଜିଲାପାଳ ବୈତରଣୀ ଜଳସ୍ତର ସ୍ଥିତି ଅନୁଧ୍ୟାନ କରୁଛନ୍ତି।


ବୈତରଣୀ ନଦୀ ଉତ୍ତରବାହିନୀ ଘାଟଠାରେ ବନ୍ୟାଜଳ।


ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଆନିକଟଠାରେ ବିଧାୟକ ସଞ୍ଜୀବ ମଲ୍ଲିକ ଅଧିକାରୀଙ୍କ ସହ ଆଲୋଚନ କରୁଛନ୍ତି।

# 'କାର୍‌ଗିଲ ଶହୀଦମାନେ ଚିରସ୍ମରଣୀୟ'



ସଭାରେ ଉପସ୍ଥିତ ଅବସରପ୍ରାପ୍ତ ସୈନିକ ସଂଘ ଓ ଭଗତ ସେନାର କର୍ମକର୍ତ୍ତା।

ଭଦ୍ରକ/ ବାସୁଦେବପୁର,୨୬।୭ (ସନାତନ ରାଉତ/ କାଳିପଦ ରାୟ)

ଭଦ୍ରକ ଜିଲା ଅବସରପ୍ରାପ୍ତ ସୈନିକ ସଂଘ ଓ ଶହୀଦ ଭଗତ ସେନା ପକ୍ଷରୁ ଶନିବାର କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଛି। ସକାଳ୯ଟାରେ ବାଗୁରାଇସ୍ଥିତ ସୈନିକ ସଂଘ କାର୍ଯ୍ୟାଳୟରେ ସଂଘ ଓ ଭଗତ ସେନାର ସଦସ୍ୟମାନେ ଉପସ୍ଥିତ ରହି କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଭେଟେରାନ ରୋହିତ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ସମ୍ପାଦକ ଭେଟେରାନ ଅଶୋକ କୁମାର ପାତ୍ର, ଉପଦେଷ୍ଟା ଭେଟେରାନ ନାରାୟଣ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ସୁରେଶ ନାୟକ, କରୁଣାକର ପରିଡ଼ା, ନିଗମାନନ୍ଦ ତ୍ରିପାଠୀ, ଭଗତ ସେନା ସଦସ୍ୟ ହେମନ୍ତ ମହାପାତ୍ର ପ୍ରମୁଖ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। କାର୍‌ଗିଲ ଯୁଦ୍ଧରେ ବିଜୟ ଆମ ଦେଶ ପାଇଁ ଏକ ବଡ଼ ସଫଳତା ଥିଲା ଏବଂ ଏହି ଯୁଦ୍ଧରେ ଶହୀଦ ହୋଇଥିବା ଯବାନମାନେ ଚିରସ୍ମରଣୀୟ ବୋଲି ସେମାନେ କହିଥିଲେ। ଅବସରପ୍ରାପ୍ତ ସୈନିକ ସଂଘ ଓ ଭଗତ ସେନାର ସଦସ୍ୟମାନେ ସଭାରେ ଉପସ୍ଥିତ ଥିଲେ।

ସେହିପରି ବାସୁଦେବପୁର ପୌରାଞ୍ଚଳ ନିଉଇଣ୍ଠିଆ ସାହିସ୍ଥିତ ସୈନିକ ଭବନଠାରେ ଶନିବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଶିକ୍ଷାବିତ୍ ପ୍ରଫେସର ରମେଶ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ଡା. ଉମାକାନ୍ତ ଖୁଣ୍ଟିଆ ଓ ପାରିଷଦ ମାନସ ରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଥମେ ଶହୀଦମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦେଶମାତୃକାର ସେବା କରୁଥିବା ପ୍ରତ୍ୟେକ ସୈନିକଙ୍କ ପାଇଁ ଦେଶ ଆଜି ସୁରକ୍ଷିତ ବୋଲି ଅତିଥିମାନେ କହିଥିଲେ। ସୈନିକ ସଂଘର ସଭାପତି ଶରତ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନାଥଙ୍କ ପୁସ୍ତକ 'ମନ୍ଥନ' ଉନ୍ମୋଚିତ ହୋଇଥିଲା। ପ୍ରଦୀପ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ।

# ଧାମନଗରରେ ସମୀକ୍ଷାକଲେ ମନ୍ତ୍ରୀ


ମଲ୍ଲିମାହାରା ଏସ୍କେପ ପରିଦର୍ଶନ କରୁଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଧାମନଗର, ୨୬।୭ (ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ସନ୍ଧ୍ୟାରେ ଧାମନଗରରେ ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଅପରାହ୍ନରେ ଯାଜପୁରରେ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରସ୍ଥିତ ମଲ୍ଲିମାହାରା ଏସ୍କେପ ଓ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସ୍କେପ୍ ବୁଲି ଦେଖିଛନ୍ତି। ପରେ ପଧାନି ପଞ୍ଚାୟତର କୋଚିଲା ନଦୀ ମୁହାଣ ସେ ବୁଲି ଦେଖିଥିଲେ। ଏହାପରେ ଧୁଷୁରୀର ଧୋୟା ଅଞ୍ଚଳ ହୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗ୍ ଅଧିକାରୀଙ୍କ ସହ ମନ୍ତ୍ରୀ ବନ୍ୟା ମୁକାବିଲା ନେଇ ସମୀକ୍ଷା କରିଥିଲେ। ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ, ରନ୍ଧାଖାଦ୍ୟ ଓ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ପ୍ରାଣୀଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଗୃହରେ ମହଜୁଦ ରଖିବାକୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ ଓ ଦମକଳ ବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। ଅର୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା ଓ ଆନନ୍ଦପୁର, ଧୁଷୁରୀ, ହସନାବାଦ, ନଦୀଗାଁ ଆଦି ଅଞ୍ଚଳକୁ ବର୍ତ୍ତମାନ ପାଇଁ ଫୋକସ କରିବାକୁ ଅଧିକାରୀଙ୍କୁ ମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ନ୍ତି, ତାହାକୁ ପ୍ରାଥମିକତା ଦେବାକୁ ମନ୍ତ୍ରୀ ଜିଲାପାଳ ଓ ଏସ୍‌ପିଙ୍କୁ କହିଥିଲେ। ସ୍କୁଲ ଘର, ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାରେ ଅସ୍ଥାୟୀ ଭାବେ ଆଶ୍ରୟ ନେବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ୮୦ ବର୍ଷରୁ ଅଧିକ ଦିବ୍ୟାଙ୍ଗ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କୁ ନିଶ୍ଚିତ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସେହିପରି ଆସନ୍ନ ପ୍ରସବା ବିଶେଷକରି ୭ ଦିନରୁ କମ୍ ସମୟ ଥିବା ଗର୍ଭବତୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ଲାଗି ମେଡିକାଲ ଅଫିସରଙ୍କୁ କୁହାଯାଇଛି। ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ମହଜୁଦ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈତରଣୀ, ଗେଙ୍ଗୁଟି ଓ କୋଚିଲା ନଦୀବନ୍ଧର ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କରିବାକୁ ଏସ୍‌ପିଙ୍କୁ କୁହାଯାଇଛି। ସେହିପରି ବନ୍ୟା ସମୟରେ ସାପ କାମୁଡ଼ା ଭୟ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆଣ୍ଟିଭେନମ ମହଜୁଦ ରଖାଯାଇଛି। ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଏସ୍‌ପି ମନୋଜ ରାଉତ, ସିଡିଏମ୍‌ଓ ସୁଧୀର ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇଥିଲେ। ଜଳସମ୍ପଦ ବିଭାଗ ଅଧିକାରୀଙ୍କ ସୂଚନା ଅନୁସାରେ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ହେବାକୁ ଥିବାରୁ ଧାମନଗର ପ୍ରତି ବିପଦ କମ୍ ରହିଛି। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସ୍କେପକୁ ଉଚ୍ଚା କରାଯାଇଥିବାରୁ ଛୋଟ କିମ୍ବା ମଧ୍ୟମ ଧରଣର ବନ୍ୟା ହେଲେ ଗାଁ ଭିତରକୁ ପାଣି ପଶିବ ନାହିଁ।

# ଶହୀଦ ନିରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି

ଚାନ୍ଦବାଲି,୨୬।୭ (କିଷାନ ପାତ୍ର)

କାର୍‌ଗିଲ ଯୁଦ୍ଧରେ ଦେଶମାତୃକା ପାଇଁ ପ୍ରାଣ ବଳି ଦେଇଥିବା ଭଦ୍ରକ ଜିଲାର ଏକମାତ୍ର ଶହୀଦ ନିରଞ୍ଜନ ବେହେରାଙ୍କ ଗାଁ ଚାନ୍ଦବାଲି ବ୍ଲକ ଉତୁକୁଡ଼ା ପଞ୍ଚାୟତର ପାଁଗୁଡ଼ା ଗ୍ରାମରେ ତାଙ୍କ ସ୍ମୃତିପୀଠରେ ଶନିବାର ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଛି। ଅତିରିକ୍ତ ତହସିଲଦାର ଡଳିମଣୀ ଟୁଡୁ ଓ ପୋଲିସ ବିଭାଗ ଶହୀଦ ସ୍ମୃତି, ସମାଧୀ ପୀଠରେ ପହଞ୍ଚି ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭାଜପା ପକ୍ଷରୁ ଉତୁକୁଡ଼ା ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ପୁହାଣଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ନେତା କାହ୍ନୁଚରଣ ବେହେରା, ମତୋ ଜୋନ୍ ସଭାପତି ଚନ୍ଦନ ବଳ, ସମିତିସଭ୍ୟ ଅଭୟ ବଳ, ଯୁବନେତା ବି.ଏମ୍. ବିଶ୍ୱଜିତ ବିଶ୍ୱାଳ, ବିଶ୍ୱମୋହନ ଜେନା, ଗଣେଶ ଦାସ, ସାର୍ଥକ ନାୟକ, ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରାନ୍ତିକାରୀ ଯୁବକ ସଂଘର ସଦସ୍ୟ ବିଳାସ ନାୟକ, ଦିଲୀପ ରାଉତ, ଉଦୟକେତନ ବିଶ୍ୱାଳ, ସମ୍ବିତ ମହାନ୍ତି, ନିତ୍ୟପ୍ରକାଶ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ ଚାନ୍ଦବାଲି ଖଣ୍ଡ ପରିବାର ପକ୍ଷରୁ ଅଭୟ ସାମଲ, ବିପ୍ଳବ ବାରିକ, ଧନଞ୍ଜୟ ତାଡୁ ପ୍ରମୁଖ ସ୍ମୃତିପୀଠରେ ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


କାର୍‌ଗିଲ ଯୁଦ୍ଧରେ ଶହୀଦ ନିରଞ୍ଜନ ବେହେରାଙ୍କ ସମାଧୀରେ ମାଲ୍ୟାର୍ପଣ କରାଯାଉଛି।

# ୧୫୨ ଲିଟର ବିଦେଶୀ ମଦ ଜବତ

## ଅଟୋ ଚାଳକ ଗିରଫ

ଭଦ୍ରକ,୨୬।୭ (ସନାତନ ରାଉତ)

ଭଦ୍ରକ ଟାଉନ ପୋଲିସ ଶନିବାର ଭୋର ସମୟରେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ମଦ ବୋଝେଇ ଅଟୋକୁ ଜବତ କରିବା ସହ ଚାଳକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ ଅଟୋ (ଓଡି ୨୨ ଜି ୪୭୯୮)ରେ ବିଦେଶୀ ମଦ ବେଆଇନ ଚାଲାଣ ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ପୋଲିସ ଭଦ୍ରକ ସହର ଡାହାଣୀଗଡ଼ିଆ ଛକ ନିକଟରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୦ ପେଟିରେ ୧୫୨ଲିଟର ମଦ ଜବତ ହୋଇଥିଲା। ଅଟୋକୁ ଥାନାକୁ ନେବା ସହ ଡ୍ରାଇଭର ଗ୍ରାମାଞ୍ଚଳ ଥାନା ଅଧୀନ ଅର୍ଣ୍ଣପାଳ ଗ୍ରାମର ସହଦେବ ପୃଷ୍ଟି(୨୪)ଙ୍କୁ ଗିରଫ କରଯାଇଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ଏନେଇ ଏଏସ୍‌ଆଇ ଜିତେନ୍ଦ୍ର କୁମାର ସଂଗ୍ରାମ ସିଂହଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୪୩୫/୨୫) ରୁଜୁ ହୋଇଛି। ତେବେ ଏହି ମଦ ଡାହାଣୀଗଡ଼ିଆରୁ ଯାଉଥିବା ବେଳେ କେଉଁଠିକୁ ନିଆଯାଉଥିଲା, ତାହାର ମୁଖ୍ୟ କାର୍ପଟଦାର କିଏ ସେନେଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି।

# ରଞ୍ଜନଙ୍କ ପରିବାରକୁ ମିଳିବ ଅନ୍ତ୍ୟୋଦୟ ଗୃହ

ଧୁଷୁରୀ, ୨୬।୭ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ସାହୁସାହି ଗ୍ରାମର ଅସହାୟ ରଞ୍ଜନ ବେହେରାଙ୍କ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଛି। ତାଙ୍କୁ ଖୁବ୍‌ଶୀଘ୍ର ଆବାସ ଯୋଗାଇ ଦିଆଯିବ ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ସୂଚନା ଦେଇଛନ୍ତି। ଆବାସ ମିଳିବା କଥା ଶୁଣି ରଞ୍ଜନ ଖୁସିବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଗତ ୧୯ ତାରିଖରେ 'ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି ୪ ପ୍ରାଣୀ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଶୁକ୍ରବାର ପାଳସାହି ପିଇଓ ରଞ୍ଜନଙ୍କ ଘରକୁ ଯାଇ ଆବଶ୍ୟକ କାଗଜପତ୍ର ଆଣିଥିଲେ। ଆବାସ ନିର୍ମାଣ ପାଇଁ ପ୍ରଥମ କିସ୍ତି ବାବଦରେ ୪୦ହଜାର ଟଙ୍କା ଖୁବ୍‌ଶୀଘ୍ର ତାଙ୍କୁ ଯୋଗାଇ ଦିଆଯିବ ବୋଲି ପିଇଓ କହିଥିବା ରଞ୍ଜନ ପ୍ରକାଶ କରିଛନ୍ତି। ରଞ୍ଜନଙ୍କ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଥିବାରୁ ଭଦ୍ରକର ମାନବ କଲ୍ୟାଣ ଓ ସେବା ସଙ୍ଗଠନ ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ଜିଲାପାଳ ଓ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲା କଂଗ୍ରେସ


ଧାରଣାସ୍ଥଳରେ ଜିଲାପାଳ ଦିଲୀପ ରାଉତରାଏ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବାସୁଦେବପୁର,୨୬।୭ (ନାରାୟଣ ପ୍ରସାଦ ବାରିକ୍)

ଧାମରା ବନ୍ଦରକୁ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକ ପାଇଁ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ, ଜାମୁଝାଡ଼ି-ଧାମରା ରାସ୍ତା ପ୍ରଶସ୍ତୀକରଣ, ବନ୍ଦରରେ ଆଞ୍ଚଳିକ ନିଯୁକ୍ତି ଆଦି ଦାବିରେ କଂଗ୍ରେସ ପକ୍ଷରୁ ଶୁକ୍ରବାରଠାରୁ ଅହୋରାତ୍ର ଧାରଣା ଦିଆଯାଇଥିଲା। ଜିଲାପାଳ ଦିଲୀପ ରାଉତରାଏ ଓ ବନ୍ଦର କର୍ତ୍ତୃପକ୍ଷ ଧାରଣାକାରୀଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଶୁକ୍ରବାର ରାତିରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣା ପାଇଁ ବନ୍ଦରକୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାତି ୮ଟା ବେଳେ ବ୍ଲକ୍ କନ୍‌ଫରେନ୍ସ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ବିଧାୟକ ଅଶୋକ କୁମାର ଦାସ, ଏସ୍‌ପି ମନୋଜ ରାଉତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ବନ୍ଦର ସିଇଓଙ୍କ ସହ ଭର୍ଚୁଆଲ ମୋଡ୍‌ରେ ଆଲୋଚନା କରିଥିଲେ। ୨ ଘଣ୍ଟାର ଆଲୋଚନା ପରେ ଜିଲାପାଳ ଓ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ରାତି ପ୍ରାୟ ୧୦ଟା ବେଳେ ବନ୍ଦରକୁ ସ୍ୱତନ୍ତ୍ର ରାସ୍ତା, ଡେଡିକେଟେଡ୍ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସଡ଼କ ପରିବହନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ରାସ୍ତାରେ ଦୁର୍ଘଟଣାରେ ୨୦୨୩ରେ ୯ ଜଣ, ୨୦୨୪ରେ ୨ ଓ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୯ ଜଣ ଲୋକଙ୍କ ଜୀବନ ଯାଇଥିବା ଘଟଣାରେ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ଜାମୁଝାଡ଼ିରୁ ଧାମରା ପର୍ଯ୍ୟନ୍ତ ଦୀର୍ଘ ୬୦ କି.ମି. ରାସ୍ତାକୁ ଆଲୋକୀକରଣ କରାଯିବା ସହ ପ୍ରତି ୨୦ କି.ମି. ବ୍ୟବଧାନରେ ସ୍ପିଡ୍‌ବ୍ରେକର କ୍ୟାମେରା ଲାଗିବ। ପୋଲିସ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ଜିଲାପାଳ କହିଥିଲେ।

# କାର୍ଯ୍ୟାଳୟରେ ତାଲା ପକାଇଲେ

## ବିଦ୍ୟାମନ୍ଦିର ନୂତନ କମିଟିକୁ ବିରୋଧ

ତିହିଡ଼ି,୨୬।୭ (ସଞ୍ଜିତ ବଳ)

ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ କମିଟି ଗଠନ ପ୍ରକ୍ରିୟାକୁ ବିରୋଧ କରି ପୂର୍ବତନ କମିଟିର କେତେକ କର୍ମକର୍ତ୍ତା ଓ ଅଭିଭାବକ ଶନିବାର ମଧ୍ୟାହ୍ନରେ ସ୍କୁଲ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ପୂର୍ବ କମିଟିର କାର୍ଯ୍ୟକାଳ ଆସନ୍ତା ମାସ ୩ ତାରିଖରେ ଶେଷ ହେବାକୁ ଥିବାବେଳେ ରାତିଅଧିଆ ତରବରିଆ ଭାବେ କେଉଁ ସ୍ୱାର୍ଥରେ କମିଟି ଗଠନ କରାଯାଇଛି, ସେନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଏହି ବିଦ୍ୟାମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଆସନ୍ତା ମାସ ଶେଷ ହେବାକୁ ଥିବାରୁ ପୂର୍ବତନ କମିଟିର କେତେଜଣ କର୍ମକର୍ତ୍ତାଙ୍କ ସହ ଅଭିଭାବକ ଶୁକ୍ରବାର ପ୍ରଧାନ ଆଚାର୍ଯ୍ୟଙ୍କୁ ଭେଟିଥିଲେ। କମିଟି ଗଠନରେ ଥିବା ନିୟମ ଓ ବିଧିବ୍ୟବସ୍ଥାକୁ ଆଧାର କରି ଏବଂ ଶିଶୁ ବିଦ୍ୟାମନ୍ଦିର ସହ ଜଡ଼ିତ ଅଭିଭାବକ, ପୂର୍ବତନ କମିଟି କର୍ମକର୍ତ୍ତାଙ୍କୁ ନେଇ ନୂତନ କମିଟି ଗଠନ କରିବାକୁ ସେମାନେ ଲିଖିତ ଭାବେ ପ୍ରଧାନଆଚାର୍ଯ୍ୟଙ୍କୁ ଜଣାଇଥିଲେ। ନୂତନ କମିଟିକୁ ଶୃଙ୍ଖଳିତ କରିବାକୁ ଶିକ୍ଷା ବିକାଶ ସମିତି ବିଧିବ୍ୟବସ୍ଥାକୁ ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ମନୋଜ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ସେଠୀ, ମନୋଜ ସେନାପତି, ଅମୂଲ୍ୟ କୁମାର ସେନାପତି, ପ୍ରିୟବ୍ରତ ପାଢ଼ୀ, ଉମାକାନ୍ତ ଦାସ, ନିରଞ୍ଜନ ବାରିକ, ପ୍ରତାପ ଜେନା ପ୍ରମୁଖ ନିବେଦନ କରିଥିଲେ। ତେବେ ଶିଶୁ ବିଦ୍ୟାମନ୍ଦିରରେ କମିଟି ଗଠିତ ହୋଇସାରିଥିବା ଜାଣିବା ପରେ ସେମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୂର୍ବତନ କମିଟି କର୍ମକର୍ତ୍ତାଙ୍କ ଅଗୋଚରରେ ତରବରିଆ ଭାବେ ନୂତନ କମିଟି ଗଠିତ ହୋଇଥିବା ସେମାନେ ଅଭିଯୋଗ କରିବା ସହ ଶନିବାର ଶିଶୁ ବିଦ୍ୟାମନ୍ଦିରକୁ ଯାଇ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ନିୟମାନୁଯାୟୀ କମିଟି ଗଠନ କରା ନ ଗଲେ ସେମାନେ ତାଲା ଖୋଲିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଶନିବାର ପ୍ରଧାନଆଚାର୍ଯ୍ୟ ଛୁଟିରେ ଥିବାବେଳେ ଭାରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ସନ୍ତୋଷ କୁମାର ଜେନାଙ୍କୁ ପଚାରିବାରୁ ନୂତନ କମିଟି ଗଠନ ପ୍ରକ୍ରିୟାକୁ ବିରୋଧ କରି କାର୍ଯ୍ୟାଳୟରେ ତାଲା ପକାଇଥିବା କେତେଜଣ ଅଭିଭାବକ ଓ ପୂର୍ବତନ କମିଟିର କର୍ମକର୍ତ୍ତା ସୂଚନା ଦେଇଥିବା ସେ କହିଛନ୍ତି।



ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କାର୍ଯ୍ୟାଳୟରେ ତାଲା ପକାଯାଇଛି।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଆଲୋଚନା

## ଜିଲାପାଳଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ଓ ବିଧାୟକ

ଭଦ୍ରକ,୨୬।୭ (ରବିନାରାୟଣ ଖିଲାର)

ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶୁକ୍ରବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଜିଲାରେ ପଡ଼ିରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ଆଲୋଚନା କରିଛନ୍ତି। ଭଦ୍ରକ ପୌରାଞ୍ଚଳରେ ବିସ୍ଥାପିତ ହୋଇଥିବା ଦୋକାନୀମାନଙ୍କ ଥଇଥାନ, କାନ୍ତକବିଙ୍କ ପୀଠକୁ ଭଦ୍ରକ-ଚାନ୍ଦବାଲି ତାରିଣୀ ଛକଠାରୁ ପ୍ରସ୍ତାବିତ ବାଇପାସ୍ ରୋଡ୍, ୧୬ ନଂ. ଜାତୀୟ ରାଜପଥର ଗେଲପୁରଠାରୁ ହଳଦୀଡିହ ବାଇପାସ୍ ଭାୟା ଭଦ୍ରକାଳୀ ପର୍ଯ୍ୟନ୍ତ ବାଇପାସ୍ ରୋଡ୍, ଭଦ୍ରକ-ଚାନ୍ଦବାଲି ରାସ୍ତାର ସାଳନ୍ଦୀ କଲୋନୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ୪ଥାକିଆ ରାସ୍ତା ନିର୍ମାଣ, ଇଚ୍ଛାପୁର-ବାସୁଦେବପୁର, ପଦ୍ମପୁର-ବିରସ ରାସ୍ତାର ଉନ୍ନତୀକରଣ, ରାଜଘାଟ ଛକଠାରୁ ଡାହାଣୀଗଡିଆ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ ବାବଦରେ ଆଲୋଚନା ହୋଇଥିଲା। ସେହିପରି ଏଡ଼ତାଳ ଆର୍‌ଆଇ ଅଫିସ, ବାସୁଦେପୁର ସବ୍ ରେଜିଷ୍ଟ୍ରି ଅଫିସ୍ ନିର୍ମାଣ, ବାସୁଦେବପୁର ସହରାଞ୍ଚଳରେ ଉଭୟ ପାର୍ଶ୍ୱରେ ଡ୍ରେନେଜ ନିର୍ମାଣ, ଦୋବଲ ବଜାରଠାରେ ନିର୍ମିତ ପୋଲର ଉଭୟ ପାର୍ଶ୍ୱ ସଂଯୋଗୀକରଣ, ନୂତନ ଜିଲା ହସ୍ପିଟାଲ ଓ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣାଧୀନ ହଷ୍ଟେଲ କାର୍ଯ୍ୟ ସାରିବା, କାନ୍ତକବିଙ୍କ ପୀଠକୁ ୫୦ଲକ୍ଷ ପୂର୍ବ ଅନୁଦାନ ବିନିଯୋଗ, ସୁଗୋ ଏଡ଼ତାଳ ବାଳିକା ବିଦ୍ୟାଳୟକୁ ୪୫ଲକ୍ଷ ପୂର୍ବ ଅନୁଦାନ ବିନିଯୋଗ କରାଯିବା ଆଦି ପ୍ରସଙ୍ଗ ରହିଥିଲା। ଭଦ୍ରକ-ଆରଡ଼ି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିବା, ଦୋଳସାହି-ବୋଡ଼କ ରାସ୍ତା ସମ୍ପୂର୍ଣ୍ଣ ହେବା, ଜାତୀୟ ରାଜପଥର ଗେଲପୁର ଏବଂ ମାଳଦା ଛକଠାରେ ବାମପାର୍ଶ୍ୱ ରାସ୍ତା ସଂଯୋଗୀକରଣ, ଭଦ୍ରକ କେନ୍ଦୁଆପଦା ରେଳ ଷ୍ଟେଶନର ନିର୍ମାଣାଧୀନ ୧୧୮, ୧୧୯, ୧୨୫ ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟର ଅଗ୍ରଗତି, ବାସୁଦେବପୁର କପାଗଡିଆ ଛକଠାରେ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷିତ ରଖିବା, ବାସୁଦେବପୁର ସହର ଦେଇ ଅଦାନୀ ପୋର୍ଟକୁ ମାଲବାହୀ ଗାଡ଼ି ଯାତାୟାତର ସମୟ ନିର୍ଘଣ୍ଟ, ଜିଲାରେ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି, ପଦ୍ମପୁରଠାରେ ୩୩/୧୧ କେଭି ସବ୍‌ଷ୍ଟେଶନରୁ ୫ ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ, ବାସୁଦେବପୁର ଏବଂ ଧାମନଗର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କେନ୍ଦ୍ର କାର୍ଯ୍ୟକ୍ଷମ, ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଆଦି ନେଇ ପୂର୍ବତନ ଏମ୍‌ପି ମଣ୍ଡଳ ଓ ପୂର୍ବତନ ବିଧାୟକ ମଣ୍ଡଳ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ପଳଶା ପଞ୍ଚାୟତର ଉଚବାଲି ରେଳ ଧାରଣାରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଝୁମୁରା ବ୍ଲକ୍ ବସନ୍ତପୁର ପଞ୍ଚାୟତର ଜଳିପଦା ଗାଁର କନ୍ଦା ଦେହୁରୀ(୭୦)। ସେ ଭଉଣୀ ଘର ଯୋଡ଼ା ବ୍ଲକ୍ ବଳଦା ପଞ୍ଚାୟତର ବଳଦା ଗାଁକୁ ଯାଇଁ ୭ ଦିନ ହେବ ନିଖୋଜ ଥିଲେ। ଶନିବାର ରେଳ ଧାରଣାରେ ମୃତଦେହ ମିଳିଥିଲା। ରେଳବାଇ ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।



# ଅବିଶ୍ରାନ୍ତ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

■କୂଳ ଲଙ୍ଘୁଛି ବୈତରଣୀ, ଦେଓ
■୩ ପୋଲ ଉପରେ ବର୍ଷାଜଳ ପ୍ରବାହିତ

ପାଟଣା,୨୬।୭(ବୀର କିଶୋର ଦାଶ)


ପାଟଣା ପରମେଶ୍ୱର ଶିବ ମନ୍ଦିର ଶିଡିରେ ବୈତରଣୀ ବନ୍ୟାପାଣି ପ୍ରବାହିତ ହେଉଛି।

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ଲଘୁଚାପ ଜନିତ ଅବିଶ୍ରାନ୍ତ ବର୍ଷା ଯୋଗୁ ଜନ ଜୀବନ ପ୍ରଭାବିତ ହୋଇଛି। ବୈତରଣୀ ଓ ଦେଓନଦୀ ଫୁଲୁଥିବାରୁ ତଳିଆ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଥିସହ ୩ ନାଳ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଗମନାଗମନ ପ୍ରଭାବିତ ହୋଇଛି।
ପ୍ରକାଶ ଯେ, ଗତ ୨୪ ଘଣ୍ଟା ମଧ୍ୟରେ ପାଟଣାରେ ୭୬.୪ମିଲି ମିଟର ବୃଷ୍ଟିପାତ ହୋଇଥିବା କେନ୍ଦ୍ରୀୟ ଜଳ ଆୟୋଗ କର୍ମଚାରୀ ସୁଶାନ୍ତ ମହାନ୍ତ କହିଛନ୍ତି। ଫଳରେ ପାଟଣା ଦେଇ ପ୍ରବାହିତ ବୈତରଣୀ ଓ ସାହାରପଡ଼ା ଦେଇ ପ୍ରବାହିତ ଦେଓ ନଦୀରେ ଜଳ ସ୍ରୋତ ବୃଦ୍ଧି ପାଇଛି। ବୈତରଣୀ ନଦୀରେ ୩୧୦.୨୦ଘନ ମିଟର ଜଳ ପ୍ରବାହିତ ହେଉଛି। ପରମେଶ୍ୱର ମନ୍ଦିର ସନ୍ନିକଟରେ ନଦୀ ପାଣି ବିଲ ଖମାରକୁ ପ୍ରବେଶ କରିଥିବା ବେଳେ ଦେଓ ନଦୀ ଉଭୟ ସାହାରପଡ଼ା ଓ କରଞ୍ଜିଆ ପାର୍ଶ୍ୱ ଆଦର୍ଶ ଶ୍ମଶାନ ଘାଟ ଦେଇ ବିଲକୁ ପଶିଯାଇଛି। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ଓ ସାହାରପଡ଼ା ତହସିଲଦାର ଲୀଳାବତୀ ନାୟକ ପ୍ରବାହିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସାହାରପଡ଼ା ବ୍ଲକ୍ କପୁଣ୍ଡିପଇଦା ନାଳ ପୋଲ ଉପରେ ୩ ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ପାଟଣା ମୁଖ୍ୟାଳୟରୁ କପୁଣ୍ଡି, ମିରିଗିଖୋଜି, କୁଣ୍ଡଳା, ବନବୀର-ଠାକୁରମୁଣ୍ଡା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିଭଳି କୁମୁଳା ବାହାଳୀ ତେଲ ନଦୀ ପୋଲ ଉପରେ ୩ ଫୁଟର ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଦାମାହୁଦାଠାରୁ ଠାକୁରମୁଣ୍ଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପାଟଣା ବ୍ଲକ୍ ନୂଆପଡ଼ା ଦେଇ ପ୍ରବାହିତ ସୀତା ନଦୀର ପୋଲ ଉପରେ ୬ ଫୁଟର ପାଣି ପ୍ରବାହିତ କାରଣରୁ ପାଟଣାରୁ ଢେଙ୍କିକୋଟ, ଘଟଗାଁକୁ ଗମନାଗମନ ବ୍ୟାଘାତ ହୋଇଛି। କପୁଣ୍ଡି ପଇଦା ନାଳ ପୋଲ ଉପରେ ଏକ ଉଚ୍ଚ ପୋଲ ନିର୍ମାଣ ପାଇଁ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ ଦାବି କରିଛନ୍ତି।

### ବର୍ଷାରେ ୭ ଘର ଭାଙ୍ଗିଲା

ଲଗାଣ ବର୍ଷା ଯୋଗୁ ସାହାରପଡ଼ା ବ୍ଲକ୍ ମାଛଗଡ ପଞ୍ଚାୟତର ମାଛଗଡ ଗାଁର ଆନନ୍ଦ ମହାନ୍ତ, ସାହେବ ମହାନ୍ତ, ରାଇଡିହା ଗ୍ରାମର ମଦନ ନାଏକ, କମାରମରା ଗାଁର ଜେଠୁ ମହାନ୍ତ, ଦୁଧିନାଳୀ ଗ୍ରାମ ରଗଙ୍ଗାଧର ମୁଣ୍ଡାଙ୍କ ଘରର କାନ୍ଥ ପଡିଯିବାରୁ ଘରର ଆଜବେଷ୍ଟସ ଭାଙ୍ଗି ଯାଇଛି। ଘରେ ଥିବା ଧାନ, ଚାଉଳ ଓ ଆସବାବ ପତ୍ର ବର୍ଷାପାଣିରେ ନଷ୍ଟ ହୋଇଯାଇଛି। ଖୁଣ୍ଟାପଡା ପଞ୍ଚାୟତ ଗୁଣ୍ଡୁରି ପଶି ଗ୍ରାମର ରଞ୍ଜିତା ନାଏକଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶି ଯାଇଛି। ସେହିଭଳି ପାଟଣା ତହସିଲ ଅନ୍ତର୍ଗତ ଟାଙ୍ଗାରପଡ଼ା ଗ୍ରାମରେ ଏକ ଘର ଭାଙ୍ଗିଯାଇଛି ବୋଲି ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି। ଘର ଭାଙ୍ଗିଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ କଂଗ୍ରେସ ବରିଷ୍ଠ ନେତା ବିନୋଦ ବିହାରି ନାଏକ ଦାବି କରିଛନ୍ତି।

## କାନ୍ଥ ଭୁଶୁଡ଼ି ଦମ୍ପତି ଗୁରୁତର




ଚମ୍ପୁଆ,୨୬।୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ କାଞ୍ଚିଆଶୂଳା ଛକ ନିକଟରେ ଜଳବନ୍ଧି ରହିଥିବା ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଦମ୍ପତି ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ୬୫ ବର୍ଷୀୟ ବେଣୁଧର ଦାସ ଓ ତାଙ୍କ ପତ୍ନୀ କାନ୍ତ ଦାସ(୫୫) ଖାଇସାରି ଘରେ ଶୋଇଥିଲେ। କାନ୍ଥ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା। ଅନ୍ୟ ଘରେ ଶୋଇଥିବା ପୁଅ ଶୁଶାନ୍ତ ଓ ବୋହୂ ଆସି ବାପା, ମା'ଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଚମ୍ପୁଆ ତହସିଲଦାର ସଜତ ମାର୍କେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

## ଛେଳି ଚରାଇବାକୁ ଯାଇ ନଦୀରେ ଫସିଲେ

ଉଦ୍ଧାରକଲା ଦମକଳ ବାହିନୀ

ବଉଳା, ୨୬।୭(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆମ୍ଭୋ ପଞ୍ଚାୟତର ଲଇଛଣପୁର ଗ୍ରାମରେ ଛେଳି ଚରାଳି ବୈତରଣୀ ପାଣିରେ ଫସି ରହିଥିଲେ। ଦମକଳ ବାହିନୀ ଉଦ୍ଧାର କରିଥିବା ଜଣାପଡ଼ିଛି। ଗ୍ରାମର କେତେଜଣ ସକାଳେ ବୈତରଣୀ ନଦୀ ପାର ହୋଇ ଏକ ଟାପୁକୁ ଛେଳି ଚରାଇବାକୁ ଯାଇଥିଲେ। ମଧ୍ୟାହ୍ନରେ ଜଳସ୍ତର ବୃଦ୍ଧିହେବାରୁ ସେମାନେ ଆସିପାରି ନ ଥିଲେ। ହାଟଡ଼ିହୀ ଦମକଳ ବାହିନୀ, ବିଡ଼ିଓ ରଞ୍ଜନ ପରିଡ଼ା, ଉପଜିଲାପାଳ ନୀଳମାଧବ ସୁନା ପହଞ୍ଚି ଫସିରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ।

## ୩.୨୦ ସେକେଣ୍ଡରେ ୫୪୩ ଲୋକ ସଭା କ୍ଷେତ୍ରର ନାମ କହୁଛନ୍ତି

### ବିକ୍ରମଙ୍କ ବିଶ୍ୱ ରେକର୍ଡ

ବଉଳା/ ବଞ୍ଚୋ/ଛେନାପଦି, ୨୬।୭
(ଦୁର୍ଗା ପ୍ରସାଦ ଆୟଚ/ ପ୍ରଦୋଷ କୁମାର ବିଶ୍ୱାଳ/ ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମର ବିକ୍ରମ ଦେବ ରାଉତରାୟ ୨ଟି ୱାର୍ଲ୍ଡ ରେକର୍ଡ କରିଛନ୍ତି। ବିକ୍ରମ ଦେବ ୫ ମିନିଟ୍‌ରେ ଦେଶର ୫୪୩ଟି ଲୋକ ସଭା କ୍ଷେତ୍ରର ଅବସ୍ଥିତିକୁ ମାନଚିତ୍ରରେ ଚିହ୍ନଟ କରିପାରିଥିଲେ। ସେହିପରି ୩ ମିନିଟ୍ ୨୦ ସେକେଣ୍ଡ ମଧ୍ୟରେ ଭାରତର ୫୪୩ଟି ଲୋକସଭାର ନାମ ପ୍ରାଞ୍ଜଳ ଭାବେ କହିପାରିଥିଲେ। ଏନେଇ ତାଙ୍କୁ ୱାର୍ଲ୍ଡ ରେକର୍ଡ ଇଣ୍ଡିଆ ତରଫରୁ ତାଙ୍କ ନାମ ଘୋଷଣା କରାଯିବା ସହ ତାଙ୍କୁ ସ୍ୱିକୃତୀ ପ୍ରଦାନ କରାଯାଇଥିଲା। ତାଙ୍କର ଏଭଳି ରେକର୍ଡକୁ ନେଇ ଜିଲାବାସୀ ଗର୍ବ ଅନୁଭବ କରିବା ସହିତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଭାଜପା ନେତା ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବରିଷ୍ଠ ଶିକ୍ଷାବିତ୍ ମଧୁସୂଦନ ଜେନା, ବିଭିନ୍ନ ଅଞ୍ଚଳର ବରିଷ୍ଠ ବ୍ୟକ୍ତି, ବୁଦ୍ଧିଜିବୀ, ଶିକ୍ଷାବିତ୍ ଏବଂ ତାଙ୍କ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ନୂତନ ସଂଗ୍ରହାଳୟ ସ୍ଥାପନ ପ୍ରସ୍ତାବ


ସଭାରେ ଉପସ୍ଥିତ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ।

ତାରିଣୀ ମନ୍ଦିର ବିକାଶ ପ୍ରକଳ୍ପ ନେଇ ଦ୍ୱିତୀୟ ଗ୍ରାମସଭା

ଘଟଗାଁ,୨୬।୭(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଘଟଗାଁ ମା' ତାରିଣୀ ମନ୍ଦିର ସମ୍ମନିତ ବିକାଶ ପ୍ରକଳ୍ପ ପାଇଁ ଦ୍ୱିତୀୟ ଗ୍ରାମସଭା ଉପରଡିହା ପଞ୍ଚାୟତ ତରଫରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୀମାଲତା ନାଏକଙ୍କ ସଭାପତିତ୍ୱରେ ଅତିଥିଭାବେ ଜିଲା ଅତିରିକ୍ତ ଜିଲାପାଳ ରବିନ୍ଦ୍ର ପ୍ରଧାନ, କେନ୍ଦୁଝର ଓବିସିସିର ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଜେନା, ତହସିଲଦାର ଚାରୁଲତା ସିଂହ, ସମିତି ସଭ୍ୟ ପାର୍ବତୀ ବାର୍ଲା ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଖଗେଶ୍ୱର ବରାଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨୪୦ କୋଟି ଅନୁଦାନ ସମ୍ପର୍କରେ କହିଥିଲେ। ଜିଲା ଭୂଅର୍ଜନ ଅଧିକାରୀ କିରାଣୀ କୁମାର ନାଏକ ଜମି ହରାଉଥିବା ୫୫ ଜଣଙ୍କ ନାମ ଘୋଷଣା କରିଥିଲେ। ଓବିସିସି ନିର୍ବାହୀଯନ୍ତ୍ରୀ ଚିନ୍ମୟ କୁମାର ଜେନା ପ୍ରକଳ୍ପର ସମ୍ପର୍କରେ ସୂଚନା ଦେଇଥିଲେ। ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ତଥା ଜମି ହରାଉଥିବା ଶିକ୍ଷାବିତ୍ ଶରତ ଚନ୍ଦ୍ର ପଟ୍ଟନାୟକ ନୂତନ ପ୍ରକଳ୍ପରେ ଏକ ମ୍ୟୁଜିୟମ ପାଇଁ ପ୍ରସ୍ତାବ ରଖିଥିଲେ। ୮୦ରୁ ୯୦ ବର୍ଷ ତଳେ ମା'ଙ୍କ ଅବସ୍ଥିତି ଓ ପରବର୍ତ୍ତୀ ସମୟରେ ଏହାର କ୍ରମବିକାଶ ଧାରାରେ ବିବରଣୀ ରଖିବା ପାଇଁ କହିଥିଲେ। ଖବରଦାଦା ଭୀମସେନ ବଳ ମନ୍ଦାର ଫୁଲ ବଗିଚା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଉପରଡ଼ିହା ଗ୍ରାମବାସୀ, ଏମ୍‌ପିଙ୍କ ପ୍ରତିନିଧି ଅଖିଳ କୁମାର ପାତ୍ର, ଭାଜପା ନେତା ସତ୍ୟମ ଦେହୁରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିତ୍ରସେନ ମହାନ୍ତ, ଏଡିଓ ଜଗନ୍ନାଥ ପାତ୍ର, ଯୋଗାଣ ସହାୟକ ସାନ୍ତନୁ ବେହେରା, ଧରଣୀଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଢେଙ୍କିକୋଟ୍‌ରେ କାର୍ଗିଲ ବିଜୟ ଦିବସ

ଢେଙ୍କିକୋଟ୍,୨୬।୭(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍‌ଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ପିଡବ୍ଲୁଡି ଡାକ ବଙ୍ଗଳାରେ କାର୍ଗିଲ ବିଜୟ ଦିବସ ପାଳନ ହୋଇଯାଇଛି। ଘଟଗାଁ ବ୍ଲକ୍ ଅଧୀନରେ ଥିବା ୨୭ ପଞ୍ଚାୟତ ଅଧୀନ ଗ୍ରାମାଞ୍ଚଳରେ ଦେଶ ପାଇଁ ଜୀବନ ସହ ସଂଗ୍ରାମ କରି ଅବସର ନେଇଥିବା ସେନା କର୍ମଚାରୀଙ୍କ ଦ୍ୱାରା ଗଠିତ ଉତ୍କଳ ସେନା ନିବୃତ୍ତ ସେନାନୀ ସଂଘ ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଥିଲା। ସଂଘର ସଭାପତି ଦୋଳଗୋବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ମୁଖ୍ୟ ବକ୍ତାଭାବେ ଢେଙ୍କିକୋଟ ଅଞ୍ଚଳର ବରିଷ୍ଠ ନାଗରିକ ବୈଲୋଚନ ବେହେରା, ସମ୍ମାନୀୟ ଅତିଥିଭାବେ ସାମାଜିକକର୍ମୀ ପ୍ରଫୁଲ୍ଲ କୁମାର ସିଂହ, ଭରତଚନ୍ଦ୍ର ସାହୁ, ଏସ୍‌କେ ଜାବେର, ଏମ୍‌ଡି ଫଜିଲ କରିମ ଯୋଗଦେଇ ଯୁଦ୍ଧରେ ଶହୀଦ ହୋଇଥିବା ସେନାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୀପ ପ୍ରଜ୍ୱଳନ କରିଥିଲେ। ଅପରାହ୍ନ ୫ ଟାରେ ଘଟଗାଁଠାରେ ମା' ତାରିଣୀଙ୍କ ପାଳା ମଣ୍ଡପଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ମା' ତାରିଣୀ ମନ୍ଦିରରେ ପହଞ୍ଚି ମାଆଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି। ଘଟଗାଁ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନା ଯୋଗଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଭୋଳାନାଥ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା ଡାକରା

ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱତନ୍ତ୍ରତା ରକ୍ଷା ପ୍ରସଙ୍ଗ

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଧରଣୀଧର କଲେଜର ସ୍ୱତନ୍ତ୍ରତା ରକ୍ଷା ଦାବି ହୋଇଆସୁଛି। ବିଶ୍ୱ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରୂପେ ପୃଥକ କରିବା ସହ ବର୍ତ୍ତମାନର ଓଏସ୍‌ଡି କୁଳପତିଙ୍କ ବହିଷ୍କାର ଦାବିରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ୩ ଦିନ ଗଣଧାରଣା ଡାକରା ଦିଆଯାଇଛି। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟରେ ପ୍ରଚାରପତ୍ର ବଣ୍ଟନ କରାଯାଇଛି। ଏତଦ୍ ବ୍ୟତୀତ ପୂର୍ବରୁ ଦାବିକୁ ପୂରଣ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଏମ୍‌ପି ଓ ସମସ୍ତ ବିଧାୟକଙ୍କୁ ମଧ୍ୟ ସ୍ମାରକପତ୍ର ଦିଆଯାଇଛି। ବରିଷ୍ଠ ନାଗରିକ ଓ ପୁରାତନ ଛାତ୍ର ସଂଘ ତରଫରୁ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ମଧ୍ୟ ସ୍ମାରକ ପତ୍ର ଦିଆଯାଇଛି। ଖବରଦାଦା ସମ୍ମିଳନୀ ମାଧ୍ୟମରେ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରସଙ୍ଗରେ ସରକାରଙ୍କ ନିଷ୍କ୍ରିୟତା ଓ ଉଦାସୀନତା ପ୍ରତିବାଦରେ ସୁରକ୍ଷା ମଞ୍ଚ ତରଫରୁ ଜୁଲାଇ ୨୯, ୩୦, ୩୧ ତାରିଖ ୩ ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମଞ୍ଚର ଆବାହକ ତଥା କେନ୍ଦୁଝର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଚକ୍ରଧର ସାହୁ ସୂଚନା ଦେଇଛନ୍ତି। କେନ୍ଦୁଝର ଅସ୍ମିତା ରକ୍ଷା ପାଇଁ ଜିଲାର ପୁରାତନ ଛାତ୍ର ସଂଘ, ବିଭିନ୍ନ ରାଜନୈତିକ ଦଳ, ବରିଷ୍ଠ ନାଗରିକ ମଞ୍ଚ, ସିଟିଜେନ୍ ଫୋରମ, ଜନଜାତି ସମ୍ପ୍ରଦାୟ ସାଂସ୍କୃତିକ ସଂଗଠନ, ଯୁବ ଛାତ୍ର ସଂଗଠନର ସ୍ୱାଭିମାନୀ ସଦସ୍ୟମାନେ ଗଣଧାରଣାରେ ସାମିଲ ହୋଇ ସଫଳ କରିବା ପାଇଁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

## ଭାଜପାର ୭ ମଣ୍ଡଳ ସଭାପତିଙ୍କ ନାମ ଘୋଷିତ

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଭାଜପା ବାକି ରହିଯାଇଥିବା ୭ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭଦ୍ରା ସାହି ମଣ୍ଡଳର ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ବଡ଼ବିଲର ପରିମଳ ଚାଟାର୍ଜି, ବାମେବାରୀର ସୁପାଇ ଟୋପନୋ, ଭଣ୍ଡାର ବୀରେନ୍ଦ୍ର କୁମାର ବେହେରା, ଢେଙ୍କିକୋଟ୍‌ର ରଞ୍ଜିତ କୁମାର ନାୟକ, ନରଣପୁର ରତିରଞ୍ଜନ ସାହୁ, କେନ୍ଦୁଝର ନଗର ମଣ୍ଡଳରୁ ଅସିତ ନନ୍ଦନ ମହାନ୍ତିଙ୍କୁ ନୂତନ ସଭାପତିଭାବେ ନାମ ଘୋଷଣା କରାଯାଇଛି। ଏହି ନୂତନ ସଭାପତିଙ୍କ ନେତୃତ୍ୱରେ ଆଗାମୀ ଦିନରେ ସଂଗଠନ ଏହି ମଣ୍ଡଳଗୁଡ଼ିକରେ ସଶକ୍ତ ହେବ ବୋଲି କେନ୍ଦୁଝର ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି।

## ପଡ଼ିଆରୁ ଗଳିତ ମୃତଦେହ ଜବତ

ବଡ଼ବିଲ,୨୬।୭ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାରାକୋଲ୍ହସ୍ଥିତ ରୁଙ୍ଗଟା ପ୍ଲାଣ୍ଟ ସମ୍ମୁଖ ପଡ଼ିଆରୁ ଶୁକ୍ରବାର ପୋଲିସ ଏକ ଗଳିତ ମୃତଦେହକୁ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବେଲକୁଣ୍ଡି ଗ୍ରାମର କୈଳାସ ବାନରା ନାମକ ବ୍ୟକ୍ତି ରୁଙ୍ଗଟା ପ୍ଲାଣ୍ଟରୁ ଡ୍ୟୁଟି ସାରି ଫେରୁଥିବାବେଳେ ପ୍ଲାଣ୍ଟ ସମ୍ମୁଖ ପଡିଆରେ ଏକ ଗଳିତ ମୃତଦେହ ଦେଖିଥିଲେ। ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ମୃତବ୍ୟକ୍ତିଙ୍କ ଉଚ୍ଚତା ୫ ଫୁଟ ୭ ଇଞ୍ଚ, ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫/୨୫)ରୁଜୁ କରି ଆଗାମୀ ୯୬ ଘଣ୍ଟା ପାଇଁ ମୃତଦେହ ଚିହ୍ନଟ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷିତ ରଖିବ ବୋଲି କହିଛି।

# ରାସ୍ତା ଉପରେ କୁଢ଼କୁଢ଼ ଆବର୍ଜନା

ଯୋଡ଼ା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଯୋଡ଼ା,୨୬।୭(ମାନସ ମହାନ୍ତି)


ଗଦା ହୋଇପଡ଼ିଥିବା ଅଳିଆ।

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନେ ସ୍ୱଚ୍ଛ ସହରର ମାନ୍ୟତା ପାଇ ପୁରସ୍କୃତ ହୋଇଥିବା ଯୋଡ଼ା ପୌରପାଳିକା ବର୍ତ୍ତମାନ ଦୁର୍ଗନ୍ଧ ମୟ ପରିବେଶର ସହର ପାଲଟିଛି। ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅବର୍ଜନା ଜମା ହୋଇରହିଛି। ଅନେକ ସ୍ଥାନରେ ଡ୍ରେନ୍ ପାଣି ରାସ୍ତାରେ ଭାସୁଥିବା ଦେଖାଯାଇଛି।
ପ୍ରକାଶ ଯେ, ୧୪ ଗୋଟି ୱାର୍ଡକୁ ନେଇ ଗଠିତ ଯୋଡ଼ା ପୌରପାଳିକାରେ ୫୫ ହଜାର ଲୋକ ବସବାସ କରୁଛନ୍ତି। ଖଣି ଏବଂ ଶିଳ୍ପ ପରିବେଷ୍ଟିତ ଏହି ସହରରେ ପ୍ରାୟ ପ୍ରଦୂଷିତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅବାର୍ଜନା ଜମା ହୋଇଥିବା ବେଳେ ସଫେଇ ହେଉ ନ ଥିବାରୁ ଡ୍ରେନ୍ ପୋତି ହୋଇ ଘର ଭିତରେ ବର୍ଷା ପାଣି ପଶିଯାଉଛି ବୋଲି ବର୍ଷାରାଣୀ ପାତ୍ର, ରାଜେଶ ଓରାମ, ନଟବର ନାଗ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି। ବୁଦା ଲତା, ଅନାବନା ଗଛ ସଫେଇ ହେଉନାହିଁ। ସହରରେ ମଶା ତେଲ, ବ୍ଲିଚିଂ ପାଉଡର, ସହର ଆବଶ୍ୟକ ମୁତାବିକ ଦିଆଯାଉନାହିଁ। ସେହିପରି ମଶା ଧୂଆଁ ମେସିନ ପୌରପାଳିକାରେ ଥାଇ ମଧ ଏହାର ବ୍ୟବହାର ହେଉନାହିଁ। ବଡୁ ହଟ୍ଟିସ୍ଥିତ ମାଇକ୍ରୋ କମ୍ପୋଷ୍ଟ କାରଖାନାରେ ପରିଚାଳନା ଗତ ସମସ୍ୟା ଯୋଗୁ ପରିବେଶ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାର୍ଚ୍ଚ ୨୦୨୫ ପୂର୍ବରୁ ୪୦ ଜଣ ସଫେଇ ଶ୍ରମିକ ସଫେଇ କାର୍ଯ୍ୟ କରୁଥିଲେ। ୨୦୨୫ ମାର୍ଚ୍ଚ ପରେ ମାତ୍ର ୧୭ ଜଣ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। କିଛି ସଫେଇ ଶ୍ରମିକ କହିଛନ୍ତି, ସରକାର ଧାର୍ଯ୍ୟ କରିଥିବା ମଜୁରୀ ୪୬୨ ଟଙ୍କା ପରିବର୍ତ୍ତେ ସେମାନଙ୍କୁ ୪୫୦ ଟଙ୍କା ଦିଆଯାଉଛି। ଡ୍ରେନ୍ ସଫା ହେଉ ନ ଥିବାରୁ ସାପ ଘର ଭିତରେ ପଶିଯାଉଛନ୍ତି। ନିକଟରେ ବୁଲା ସାହିଠାରେ ଏକ ଅଜଗର ସାପ ପଶି ଆସିଥିବା ବେଳେ ୯ ନଂ. ୱାର୍ଡରେ ଏକ ବିଷଧର ବଡ଼ ସାପ ପଶି ଆସିଥିଲା। ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ପୂର୍ବରୁ ଯୋଡ଼ା ପୌରପଳିକା ସ୍ୱଚ୍ଛ ଯୋଡ଼ା ସହର ପାଇଁ ସମ୍ମାନିତ ହୋଇଥିଲା। ବର୍ତ୍ତମାନ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୬ ନଂ. ୱାର୍ଡର ପରିମଳ ବ୍ୟବସ୍ଥା ଏପରି ହୋଇଛି ଯେ, ଡ୍ରେନ ପାଣି ରାସ୍ତାକୁ ଚାଲି ଆସିଛି। ଏଥିପ୍ରତି ପଦକ୍ଷେପ ନେବାକୁ ଯୋଡ଼ା ପୌର ଅଧ୍ୟକ୍ଷ ଓ ଯୋଡ଼ା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ କହିଛନ୍ତି, ସହରର ପରିମଳ ବ୍ୟବସ୍ଥା ଉପରେ ଦୃଷ୍ଟି ଦିଆଯାଉଛି। କେହି କାର୍ଯ୍ୟରେ ଅବହେଳା କରୁଥିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଭିଯୋଗର ସତ୍ୟତାକୁ ନେଇ ସନ୍ଦେହ

■ଡ଼ଅଁର ସମିତି ସମ୍ପାଦକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା
■କ୍ଷତ ଚିହ୍ନ ନାହିଁ କି ପ୍ରତ୍ୟକ୍ଷଦର୍ଶୀ ନାହାଁନ୍ତି

ହାଟଡିହୀ,୨୬।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡ଼ଅଁର ସେବା ସମବାୟ ସମିତି ସମ୍ପାଦକ ଉମାକାନ୍ତ ନାୟକଙ୍କୁ କଳିଙ୍ଗା- ମୁଦୁଲିପଦା ରାସ୍ତାର ଅଚ୍ୟୁତ ଦାସଙ୍କ ଘର ନିକଟରେ ପୂର୍ବାହ୍ନ ୧୧ଟାରେ ଗାଳି ଗୁଲଜ ସହ ଆକ୍ରମଣ ଏବଂ ଅଫିସ କାଗଜ ପତ୍ର ଛଡ଼ାଇ ନିଆଯାଇଥିବା ନେଇ ଗତ ୨୪ ତାରିଖରେ ନନ୍ଦିପଦା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୨୧୬/୨୫) ରୁଜୁ କରିଛି। ପୋଲିସ ଅଭିଯୁକ୍ତଙ୍କ କବଳରୁ ସମ୍ପାଦକଙ୍କୁ ଉଦ୍ଧାର କରିଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି ।
ଅଭିଯୋଗରେ ଉକ୍ତ ସମିତିର ସଭାପତି ଅକ୍ଷୟ ଧଳ, ତାଙ୍କ ପୁଅ ଅମରେନ୍ଦ୍ର ଧଳ ଏବଂ ଅନ୍ୟ ଦୁଇ ଜଣ ଯୁବକ ପ୍ରତାପ ରାଉତ, ସନ୍ତୋଷ ସାମଲଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଘଟଣାର ପରଦିନ ଲ୍ୟାମ୍ପସ ଏବଂ ସମିତି କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଧମକ ଦେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ । ଏପରିକି କେନ୍ଦୁଝର ଡିଆରସିଏସ ମଧ୍ୟ ଚିଠି ନଂ. ୨୭୬୮/୨୫।୭।୨୦୨୫ରେ କାର୍ଯ୍ୟାନୁଷ୍ଠାନ ପାଇଁ ନନ୍ଦିପଦା ଥାନାକୁ ଅବଗତ କରାଇଥିଲେ। ସମିତିର କେତେଜଣ କର୍ମଚାରୀ କାର୍ଯ୍ୟ ବନ୍ଦ କରିଥିବା ଜିଲା ସମ୍ପାଦକ ସଂଘ ଉପସଭାପତି ଶରତ ସେଠୀ କହିଛନ୍ତି। ତେବେ ସମିତି ସମ୍ପାଦକଙ୍କ ଅଭିଯୋଗର ସତ୍ୟତାକୁ ନେଇ ସନ୍ଦେହ ଉପୁଜିଥିବା ବେଳେ ଘଟଣାର ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି କି ସମିତି ସମ୍ପାଦକଙ୍କ ଶରୀରରେ କ୍ଷତ ଚିହ୍ନ ନ ଥିବା ଜଣାପଡ଼ିଛି । ଫଳରେ ଏପରି ଅଭିଯୋଗ ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ଚର୍ଚ୍ଚା ହେଉଛି।
ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ଉଭୟ ପକ୍ଷ ଯୁକ୍ତିତର୍କ ଲାଗିଥିବା ବେଳେ ପୋଲିସ ଗାଡ଼ି ସେହି ରାସ୍ତାରେ ଯାଉଥିଲା। ଯୁକ୍ତିତର୍କରୁ ଉଭୟଙ୍କୁ ନିବୃତ୍ତ କରିଥିଲା। ସମ୍ପାଦକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି। କିନ୍ତୁ ଅଦ୍ୟାବଧି ଘଟଣାର କେହି ପ୍ରତ୍ୟକ୍ଷଦର୍ଶୀ ନାହାଁନ୍ତି। ସେହିପରି ସମ୍ପାଦକଙ୍କୁ ମେଡିକାଲ ନେଇ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ ବୋଲି ମେଡିକାଲ ରିପୋର୍ଟରୁ ସ୍ପଷ୍ଟ ହୋଇଛି।
ସଭାପତି ଅକ୍ଷୟ ଧଳ କହିଛନ୍ତି, ସମିତି ସମ୍ପାଦକ ମିଛ ଅଭିଯୋଗ କରିଛନ୍ତି। ମୋ ପାଖରୁ ଟଙ୍କା ଧାର ନେଇ ଫେରାଉ ନ ଥିବା ଏବଂ ସମିତି ସମ୍ପର୍କିତ ମାମଲା ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ତାହାକୁ କେନ୍ଦ୍ର କରି ଏପରି ମିଥ୍ୟା ଅଭିଯୋଗ କରିଥିବା କହିଛନ୍ତି। ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ସେ ଯେଉଁ ଅଭିଯୋଗ କରିଛନ୍ତି ତାହା ସତ୍ୟ ଅଟେ। ତେବେ ଘଟଣା ଦିନ ସମ୍ପାଦକ ଉମାକାନ୍ତ ସମିତି କାର୍ଯ୍ୟାଳୟକୁ କେତେବେଳେ ଯାଇଥିଲେ, କେତେବେଳେ କାର୍ଯ୍ୟାଳୟରୁ ବାହାରିଥିଲେ ଏବଂ କାର୍ଯ୍ୟାଳୟରୁ କ'ଣ ସବୁ ସାଥିରେ ନେଇଥିଲେ ସେ ସବୁର ରହସ୍ୟ ସମିତିର ସିସି କ୍ୟାମେରାରୁ ସ୍ପଷ୍ଟ ହୋଇ ପାରିବ ବୋଲି ମତ ପ୍ରକାଶ ପାଉଛି।

## ଜଳକା ବନ୍ୟା



ଜଳ ଘେରରେ ଥିବା ବସ୍ତା ଥାନା।


ଗାନ୍ଧୀଛକଠାରେ ବିଦ୍ୟୁତ୍ ଷ୍ଟ୍ରକଚର ପରିସରରେ ବନ୍ୟାଜଳ।


ବନ୍ୟାଜଳରେ ଭାସିଯାଉଥିବା ତଳିକୁ ଜଣେ ଚାଷୀ ଉଦ୍ଧାର କରୁଛନ୍ତି।

# ବସ୍ତା ଥାନା ଭିତରେ ପଶିଲା ପାଣି

## ଗାନ୍ଧିଛକ ମଥାନୀ ଚଟାଣ ଉପରେ ୨ ଫୁଟ୍‌ର ପାଣି

ବସ୍ତା(ହରିଶଙ୍କର ପାଢୀ)/ଗାନ୍ଧିଛକ(ଦିଲୀପ ପଣ୍ଡା), ୨୬।୭-ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟା ସ୍ଥିତି ଭୟଙ୍କର ହୋଇଛି। ଉପରମୁଣ୍ଡ ମୟୂରଭଞ୍ଜର ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦା, ଚିତ୍ରଡ଼ା ଆଦି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଇଛି। କୁଡ଼ିଆ, ବାହାର୍ଦ୍ଦା, ମଥାନି, ବାସୁଚକୁରାଇ, ଦୁଧହଂସା, ରାଉତପଡ଼ା, ସଦାନନ୍ଦପୁର, ପତ୍ରଝଡ଼ା, ଦରଡ଼ା, ବ୍ରାହ୍ମଣଦା ପଞ୍ଚାୟତର ବିଭିନ୍ନ ଗାଁର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି।

ଅପରପକ୍ଷରେ ବସ୍ତା ଥାନା, ଏସଡିପିଓ ଅଫିସ, ଅବକାରୀ ଥାନା ପରିସରକୁ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗାନ୍ଧୀଛକସ୍ଥିତ ଇଲେକ୍ଟ୍ରିକ୍ ଷ୍ଟ୍ରକ୍ଚର୍ ବନ୍ୟାଜଳ ଲହଡ଼ି ମାରୁଥିବାରୁ ଅସ୍ଥାୟୀ ଭାବେ ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଛି। ଗାନ୍ଧୀ ଛକଠାରୁ ବସ୍ତା ଗାଁ ମଧ୍ୟ ଦେଇ ଯାଇଥିବା ରାସ୍ତା ଏବଂ ମଥାନୀ ଚଟାଣ ଉପରେ ୨ ଫୁଟ୍‌ର ବନ୍ୟା ପାଣି ପ୍ରବାହିତ ହେଉଛି। ବନ୍ୟାପାଣି ଘେରରେ ଥିବା ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଘରୁ ବାହାରିବା ସମ୍ଭବ ହେଉନାହିଁ। ବିଗତ ବନ୍ୟାଜଳରେ ଚାଷ ଜମି ସମ୍ପୂର୍ଣ୍ଣ କ୍ଷତି ହେବା ପରେ ଚାଷୀ ଆଉଥରେ ଅଣ୍ଟା ଭିଡ଼ି ଚାଷ ପ୍ରସ୍ତୁତ କରୁଥିବା ବେଳେ ବର୍ତ୍ତମାନର ବନ୍ୟାଜଳ ଚାଷୀଙ୍କର ମନୋବଳକୁ ସମ୍ପୂର୍ଣ୍ଣ ଭାଙ୍ଗିଦେଇଛି। ଲୋକଙ୍କ ଘରେ ପାଣି ପଶିଯିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି ଓ କିଛି ଲୋକ ସ୍କୁଲ ଗୃହରେ, ଅଙ୍ଗନୱାଡି କେନ୍ଦ୍ରର ଓ ମିଶନ ଶକ୍ତି କେନ୍ଦ୍ରରେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ଗୃହପାଳିତ ପ୍ରାଣୀ ମଧ୍ୟ ଏହି ବନ୍ୟାରେ ପ୍ରଭାବିତ ହେଉଛନ୍ତି। ଏଣୁ ସରକାର ଲୋକଙ୍କୁ ରିଲିଫ ସହାୟତା ଓ ଚାଷୀଙ୍କୁ ଚାଷପୋଯୋଗୀ ସହାୟତା ଯୋଗାଇ ଦେବା ପାଇଁ ସାଧରଣରେ ଦାବି ହେଉଛି।

# ଛାତିଏ ପାଣିରେ ପଶି ଶବ ନେଲେ

## ମଶାଣିକୁ ରାସ୍ତା ନାହିଁ

ଜଳେଶ୍ୱର, ୨୬।୭(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ସୁଗୋ ପଞ୍ଚାୟତର ବାଣିଦା ଗ୍ରାମ ୧୪ନଂ. ୱାର୍ଡରେ ଶ୍ମଶାନଘାଟକୁ ଯିବା ପାଇଁ ରାସ୍ତାଟିଏ ନ ଥିବାରୁ ବର୍ଷାଦିନେ ଲୋକେ ଶବ ସତ୍କାର ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ଛାତିଏ ପାଣିରେ ପଶି ଶ୍ମଶାନକୁ ଯାଉଛନ୍ତି। ଏଭଳି ଏକ ଘଟଣା ଦେଖିଥିଲା। ଏହି ୱାର୍ଡର ପାର୍ବତୀ ମହାନ୍ତି ନାମ୍ନୀ ମହିଳାଙ୍କ ବୟସାଧିକ୍ୟ ଯୋଗୁ ମୃତ୍ୟୁ ହୋଇଥିଲା। ତାଙ୍କର ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିବାର ଲୋକେ ତାଙ୍କୁ ଗାଁ ମଶାଣିକୁ ନେଇଥିଲେ। କିନ୍ତୁ ପ୍ରବଳ ବର୍ଷା ହେତୁ ଶବ ସଂସ୍କାର କରିବାକୁ ନେବା ପାଇଁ ଲୋକଙ୍କୁ ଛାତିଏ ପାଣିରେ ପଶିଯିବାକୁ ପଡ଼ିଥିଲା। ଅପରପକ୍ଷରେ ଶବ ପୋଡ଼ିବା ସ୍ଥାନ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ। ତେଣୁ ସେଠାରେ ଶବ ପୋଡ଼ିବା ପାଇଁ ବହୁ ଅସୁବିଧା ଭୋଗିବାକୁ ପଡିଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ଶବ ପୋଡ଼ିବା ସମୟରେ ସାପର ଭୟ ମଧ୍ୟ ରହିଛି। ତେଣୁ ଗ୍ରାମବାସୀ ଆଗରୁ ଗାଁ ମଶାଣିକୁ ଯିବା ପାଇଁ ଏକ ପୋଲ ନିର୍ମାଣ ସହିତ ଏକ ଶ୍ମଶାନ ଗୃହ ନିର୍ମାଣ ପାଇଁ ଦାବି କରିଥିଲେ। ଏନେଇ ସରପଞ୍ଚ ଏବଂ ସଦସ୍ୟଙ୍କୁ ବହୁବାର ନିବେଦନ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ନା ଶବଦାହ ଗୃହଟିଏ ନିର୍ମାଣ ହେଲା, ସେଠାକୁ ଯିବା ପାଇଁ ରାସ୍ତା ମଧ୍ୟ ହୋଇପାରିଲା ନାହିଁ। ତେଣୁ ଗ୍ରାମବାସୀ ପ୍ରତାପ ଚନ୍ଦ୍ର ମହାନ୍ତି, ମଦନ ମହାନ୍ତି, ସୁକୁମାର ଦାସ, ରାଜୁ ଦାସ, ବ୍ରଜସୁନ୍ଦର ଦାସ, ଦିନେଶ ମହାନ୍ତି, ସୁଧାକର ପାତ୍ର, ଗୌରୀଶଙ୍କର ମହାନ୍ତି ପ୍ରମୁଖ ଗ୍ରାମବାସୀ ଗ୍ରାମରେ ତୁରନ୍ତ ଏକ ଶବଦାହ ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି। ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ।

ଏନେଇ ପଞ୍ଚାୟତ ସଦସ୍ୟା ଅନୀତା ମହାନ୍ତିଙ୍କୁ ପଚାରିବାରୁ ମଶାଣି ଗୃହକୁ ଯିବା ପାଇଁ ପୋଲ ପାଇଁ ଖୁବ୍‌ଶୀଘ୍ର ପ୍ରୋଜେକ୍ଟ ଦିଆଯିବ। ସେହିପରି ଶବଦାହ ଗୃହ ନିର୍ମାଣ ପାଇଁ ପ୍ରୋଜେକ୍ଟ ଦିଆସରିଛି ଏବଂ ଖୁବ୍‌ଶୀଘ୍ର ଏହା ନିର୍ମାଣ ହେବ।


ପାଣିରେ ପଶି ଶବକୁ ସଂସ୍କାର ପାଇଁ ନିଆଯାଉଛି।

# ବନ୍ୟା ମୁକାବିଲା: ଭିସିରେ ସମୀକ୍ଷା କଲେ ଜିଲାପାଳ

ବାଲେଶ୍ୱର, ୨୬।୭(ବାଞ୍ଛାନିଧି ଦେ)

ବାଲେଶ୍ୱରରେ ଜିଲାରେ ପ୍ରବାହିତ ଜଳକା ନଦୀରେ ବନ୍ୟା ଦେଖାଦେଇଛି। ସେହିପରି ଜଳସମ୍ପଦ ବିଭାଗର ପୂର୍ବାନୁମାନ ଅନୁଯାୟୀ ସୁବର୍ଣ୍ଣରେଖା ନଦୀର ଜଳସ୍ତର ରାତି ସୁଦ୍ଧା ବିପଦ ସଙ୍କେତ ଅତିକ୍ରମ କରିପାରେ। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକର ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ସଜାଗ ତଥା ସତର୍କ ରଖାଯାଇଛି। ଅପରପକ୍ଷରେ ବୁଢ଼ାବଲଙ୍ଗ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶନିବାର ବନ୍ୟା ପରିସ୍ଥିତି ନେଇ ବସ୍ତା, ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ସମସ୍ତ ଅଧିକାରୀ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରିଛନ୍ତି। ବସ୍ତା ବ୍ଲକରେ ନିର୍ଦ୍ଦିଷ୍ଟ ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଛନ୍ତି। ସମସ୍ତ ଅଧିକାରୀଙ୍କୁ ପ୍ରଭାବିତ ଲୋକଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସୁବିଧା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିସ୍ଥାପିତ ଲୋକଙ୍କ ସହାୟତା ପାଇଁ ବାହାର୍ଦ୍ଦା ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କୁଚା ସ୍କୁଲ, ପୁନସିଟା ସ୍କୁଲ ଓ ପେଗରପଡ଼ା ସ୍କୁଲରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଡାକ୍ତରୀ ଦଳଙ୍କ ଦ୍ୱାରା ଚିକିତ୍ସା ସେବା ଓ ଜରୁରୀ ଔଷଧ ପ୍ରଦାନ କରାଯାଉଛି। ତଳିଆ ଅଞ୍ଚଳ ଓ ସମ୍ଭାବ୍ୟ ବିପଦପୂର୍ଣ୍ଣ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା, ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହି ବନ୍ୟା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ ଓ ସହଯୋଗ ନିମନ୍ତେ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଧାୟିକା


ବନ୍ୟା ପ୍ରପୀଡ଼ିତଙ୍କ ସହ ବିଧାୟକା ସୁବାସିନୀ ଯେନା ଆଲୋଚନା କରୁଛନ୍ତି।

ବାଲେଶ୍ୱର, ୨୬।୭(ବାଞ୍ଛାନିଧି ଦେ)

ଉପରମୁଣ୍ଡରେ ଲଗାଣ ବର୍ଷା ଫଳରେ ଶୁକ୍ରବାର ରାତିରେ ଅଚାନକ ଭାବରେ ଜଳକା ନଦୀରେ ବନ୍ୟା ଆସି ବସ୍ତା ବ୍ଲକର ୮ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଶନିବାର ମଥାନୀଠାରେ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ତଳିଆ ଅଞ୍ଚଳ ପାଣି ଘେରରେ ରହିଛି। ବହୁ ଜନଜୀବନ ପ୍ରଭାବିତ ହୋଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା ବିଭିନ୍ନ ପଞ୍ଚାୟତ ଗସ୍ତ କରି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସହିତ ସମସ୍ୟା ସମ୍ପର୍କରେ ଆଲୋଚନା କରି ସେମାନଙ୍କୁ ରନ୍ଧାଖାଦ୍ୟ ଏବଂ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ। ପୂର୍ବଥର ଏବଂ ଚଳିତଥର ବନ୍ୟାରେ ଚାଷୀଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବନ୍ୟା ଛାଡ଼ିବା ପରେ ଖୁବ୍‌ଶୀଘ୍ର ସରକାରୀ ସ୍ତରରେ ସର୍ଭେ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ବିଧାୟିକା ଜେନା ଦାବି କରିଛନ୍ତି।

# ବନ୍ୟାଜଳ ନିଷ୍କାସନରେ ବାଧକ ଗୁଆଁଖାଳ ଚେକ୍‌ଡ୍ୟାମ୍



ବାଲିଆପାଳ, ୨୬।୭(ଗୋପାଳ ଚନ୍ଦ୍ର ସାହୁ)

ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ଗୋଟିଏ ମାସରେ ୪ଥର ବନ୍ୟା ଆସି ଲୋକଙ୍କୁ ହନ୍ତସନ୍ତ କରିସାରିଲାଣି। ଗୋଟାଏ ବନ୍ୟା ଜଳ ନ ଛାଡୁଣୁ ଅନ୍ୟ ଏକ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହୁଛି। ଫଳରେ ପନିପରିବାଠାରୁ ଆରମ୍ଭ କରି ନଳିତା ବୁଣା ଧାନ ଓ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସୁବର୍ଣ୍ଣରେଖା ନଦୀ ବନ୍ୟାଜଳ ନିଷ୍କାସନ ପାଇଁ ଗୁଆଁଖାଳ ଏକମାତ୍ର ଭରସା। ମାତ୍ର ଏହି ଗୁଆଁଖାଳ ଉପରେ ନିର୍ମିତ ଚେକ୍‌ଡ୍ୟାମ ବନ୍ୟାଜଳ ନିଷ୍କାସନରେ ବାଧକ ସାଜିଛି।

ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ଚରବସ୍ତ କାଳରୁଇ ଗ୍ରାମ ସୀମାରେ ଥିବା ଗୁଆଁଖାଳରେ ଚାଷୀଙ୍କ ହିତ ସାଧନା ନିମନ୍ତେ ନିର୍ମିତ ଚେକ୍‌ଡ୍ୟାମ ଏବେ ଚାଷୀଙ୍କ ଶତ୍ରୁ ପାଲଟିଛି। ସୁବର୍ଣ୍ଣରେଖାର ନଦୀରୁ ବନ୍ୟା ଜଳ ଯେତେ ଶୀଘ୍ର ମାଡିଯାଉଛି ସେତେ ଶୀଘ୍ର ଜଳ ନିଷ୍କାସନ ହୋଇପାରୁନାହିଁ। କାରଣ ଏହି ଖାଳ ଉପରେ ବାଲିଆପାଳ, ପଞ୍ଚରୁଖି, ଚୌଧୁରୀକୁଦ, ଚାରବସ୍ତକଳରୁଇ, ବିଷ୍ଣୁପୁର, ସୁଙ୍ଗମୁହଁ, ସାହାବନ୍ଦର, ଜାମକୁଣ୍ଡା ଆଦି ଅଞ୍ଚଳର ଜଳ ନିଷ୍କାସନ ନିର୍ଭର କରିଥାଏ। ମାତ୍ର ଗୁଆଁ ଖାଳର ତଳମୁଣ୍ଡ ଜମକୁଣ୍ଡା ଲକ୍‌ଠାରେ ଥିବା ମାଇନର ଇରିଗେଶନ୍ ପ୍ରୋଜେକ୍ଟ (ଚେକ୍‌ଡ୍ୟାମ୍) ଚାଷୀଙ୍କ ଉପକାର ପାଇଁ ନିର୍ମାଣ କରାଯାଇଥିଲା। ଯାହାଦ୍ୱରା ଚାଷୀ ବର୍ଷା ଅଭାବ ସମୟରେ ସଞ୍ଚିତ ମଧୁର ଜଳ କ୍ଷେତରେ ବ୍ୟବହାର କରିପାରିବେ। ମାତ୍ର ସେହି ଚେକ୍‌ଡ୍ୟାମ୍ ବହୁତ ଛୋଟ ହେବା ସହିତ ହୋମ୍‌ପାଇପ୍ ଦ୍ୱାରା ନିର୍ମାଣ କରାଯାଇଥିବାରୁ ଶୀଘ୍ର ଜଳନିଷ୍କାସନ ହୋଇପାରୁନାହିଁ। ଏହାର କୌଣସି ମରାମତି ନ ହେବାରୁ ସମସ୍ତ ହୋମ୍ ପାଇପରେ ଲାଗିଥିବା ଗେଟ୍ ସମ୍ପୂର୍ଣ୍ଣ ଖୋଲା ଯାଇପାରୁ ନ ଥିବା ସହିତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଜାମକୁଣ୍ଡାରୁ ବିଷ୍ଣୁପୁର ରାସ୍ତା ଅନ୍ତର୍ଭୁକ୍ତ ହେବା ଫଳରେ ରାସ୍ତାର ଉଚ୍ଚତା ବୃଦ୍ଧି ହେବାରୁ ଜଳ ନିଷ୍କାସନ ସହଜରେ ହୋଇପାରୁନାହିଁ। ସେଥିପାଇଁ ବନ୍ୟାଜଳ ଜମିରୁ ଶୀଘ୍ର ନିଷ୍କାସନ ହୋଇପାରୁନାହିଁ।

# ମା’ କୋଳକୁ ଫେରିଲା ୨ବର୍ଷର ଶିଶୁକନ୍ୟା


ଖଇରା ପୋଲିସ ଶିଶୁକନ୍ୟାକୁ ଆଈ ସରସ୍ୱତୀଙ୍କୁ ହସ୍ତାନ୍ତର କରୁଛନ୍ତି।

ଖଇରା, ୨୬।୭(ଉତ୍କଳବନ୍ଧୁ ପଣ୍ଡା)

ଖଇରା ପୋଲିସର ପ୍ରଚେଷ୍ଟା ପରେ ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ଗ୍ରାମର ମୌନାବତୀ ଓଝା ତାଙ୍କର ୨ବର୍ଷର ଶିଶୁକନ୍ୟାକୁ ଫେରି ପାଇଛନ୍ତି । ମୌନାବତୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦହିସିଂ ଗ୍ରାମରେ ବିବାହ କରିଥିଲେ । ସ୍ୱାମୀ କହ୍ନେଇ ଓଝାଙ୍କ ସହ ମନୋମାଳିନ୍ୟ ପରେ ଗର୍ଭବତୀ ଥିବା ମୌନାବତୀ ନିଜର ପ୍ରଥମ କନ୍ୟା ସନ୍ତାନ(୨ବର୍ଷ)କୁ ଧରି କିଛି ଦିନ ତଳେ ସୁନ୍ଦରପୁର ବାପଘରକୁ ପଳାଇ ଆସିଥିଲେ। ଜୁଲାଇ ୨୧ରେ ଖଇରା ମେଡିକାଲରେ ମୌନବତୀଙ୍କର ପୁତ୍ର ସନ୍ତାନ ଜାତ ହୋଇଥିଲା । ଘଟଣାକ୍ରମେ ମୌନାବତୀଙ୍କର ସ୍ୱାମୀ, ଶ୍ୱଶୁର ନବଜାତକକୁ ଦେଖିବାକୁ ଖଇରା ମେଡିକାଲ ଆସିଥିବା ବେଳେ ୨ବର୍ଷର ନାତୁଣୀକୁ ଚକୋଲେଟ ଦେବା ବାହାନାରେ ସଙ୍ଗରେ ଧରି ଦହିସିଂ ପଳାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ମୌନାବତୀଙ୍କ ମା’ ସରସ୍ୱତୀ ଓଝା ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସଞ୍ଜିବଲୋଚନ ଖୁଣ୍ଟିଆ ଏକ ଟିମ ସହ ଶନିବାର ଭଦ୍ରକ ଯାଇ ଗ୍ରାମାଞ୍ଚଳ ଥାନା ପୋଲିସ ସହଯୋଗରେ ଦହିସିଂ ଗ୍ରାମକୁ ଯାଇ ୨ବର୍ଷର କନ୍ୟାକୁ ଉଦ୍ଧାର କରିଥିଲେ। ଶନିବାର ସନ୍ଧ୍ୟାରେ ଉକ୍ତ କନ୍ୟାସନ୍ତାନକୁ ମା’ ମୌନାବତୀ ଓ ଆଈ ସରସ୍ୱତୀକୁ ହସ୍ତାନ୍ତର କରିଛନ୍ତି।

# ଖରିଫ ଧାନ ସଂଗ୍ରହ, ଚାଷୀ ପଞ୍ଜୀକରଣ ନିୟମାବଳୀ ପରିବର୍ତ୍ତନ ଦାବି

## ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର, ୨୬।୭(ବାଞ୍ଛାନିଧି ଦେ)

ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ଓ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାର ଆଣିଥିବା ନୂତନ ନିୟମାବଳୀର ପରିବର୍ତ୍ତନ ପାଇଁ ବିଜେଡି ପକ୍ଷରୁ ଦାବି ହୋଇଛି। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶୁକ୍ରବାର ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ହିତ ଦୃଷ୍ଟିରୁ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରାଯିବା ନ ହେଲେ ଏହାକୁ ବାତିଲ୍ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବ୍ଲକ ଅଧକ୍ଷ ସୁନୀତା ବେହେରା, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଅଜୟ କୁମାର ସାମଲ, ସିମନ ଦାସମହାପାତ୍ର, ସଞ୍ଜୀବ କୁମାର ଦାସ, ଶୁଭମ୍‌ସାଇ ମହାପାତ୍ର, ଅଞ୍ଜନ ଦଣ୍ଡପାଟ, ଶାନ୍ତନୁ ଦାସ, ଗୌରାଙ୍ଗ ପାଢ଼ୀ, ବିଦ୍ୟାସ୍ମିତା ମହାଳିକ, ରଞ୍ଜିତା ମହାପାତ୍ର, ରୋଜି ପଟ୍ଟନାୟକ, ଆଶ୍ରିତା ତରାଇଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଜୁଲାଇ ୧୯ ତାରିଖଠାରୁ ଅଗଷ୍ଟ ୮ତାରିଖ ପର୍ଯ୍ୟନ୍ତ ଫର୍ମ ବଣ୍ଟନ କରାଯିବ ଏବଂ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କ ନାମ ପଞ୍ଜିକରଣ କରାଯିବ। ଉକ୍ତ ପଞ୍ଜୀକରଣ ପାଇଁ ପ୍ରକାଶିତ ନିୟମାବଳୀ ଓ ଅସଙ୍ଗତି ମୂଳକ ନିର୍ଦ୍ଦେଶନାମା ଚାଷୀମାନଙ୍କର ସହଜ ପଞ୍ଜୀକରଣ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଛି।

# ତହସିଲ ପକ୍ଷରୁ ପଥର ବୋଝେଇ ଡମ୍ପର ଜବତ

ସୋର, ୨୬।୭(ଜନ୍ମେଜୟ ମିଶ୍ର): ସୋର ତହସିଲ ପକ୍ଷରୁ ଶନିବାର ତହସିଲଦାର ଦୈତାରୀ ମଲିକ ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରେ ଚଢାଉ କରି ବାଗୁଡି ପଥର ଖାଦାନରୁ ପଥର ବୋଝେଇ କରି ଆସୁଥିବା ଏକ ଡମ୍ପର(ନଂ. ଓଆର ୧୬ ଡି ୫୭୩୪)କୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଏହାସହ ସୋର ଥାନା ଜିମା ଦେଇଛନ୍ତି।

# ତାଳପଡ଼ାରେ ବିଶ୍ୱ ଲୁଣାଜଙ୍ଗଲ ସଂରକ୍ଷଣ ଦିବସ


ହେନ୍ତାଳ ଗଛ ଲଗାଯାଇଥିବା ସ୍ଥାନରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

ବାଲେଶ୍ୱର, ୨୬।୭( ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଡ଼ା ଗ୍ରାମ ନିକଟବର୍ତ୍ତୀ ଜାମୁକା ନଦୀମୁହାଣରେ ଶନିବାର ବିଶ୍ୱ ଲୁଣା ଜଙ୍ଗଲ ସଂରକ୍ଷଣ ଦିବସ ପାଳିତ ହୋଇଛି। ଗତ ୧ ବର୍ଷ ଧରି ଏଠାରେ ଲୁଣା ଜଙ୍ଗଲ ସୃଷ୍ଟିର ପ୍ରୟାସ ଓ ଏହାର ସଫଳ ଉପଲବ୍ଧିକୁ ଗ୍ରାମବାସୀ, ସହଯୋଗୀ ସଙ୍ଗଠନ ଏକତ୍ର ପାଳନ କରିଥିଲେ। ଗତବର୍ଷ ଏହି ଦିନରେ ଇକୋ ୱାକ, ଗ୍ଲୋଏକ୍ସ ଫାଉଣ୍ଡେଶନ, ରୋସିଆ ଓ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ଦ୍ୱାରା ଆରମ୍ଭ ହୋଇଥିଲା। ୧ ବର୍ଷ ମଧ୍ୟରେ ୫ଟି ପ୍ରଜାତିର ୬, ୦୦୦ରୁ ଅଧିକ ହେନ୍ତାଳ ଗଛର ପ୍ରତିରୋପଣ କରାଯାଇଥିବା ଯୁବ ପରିବେଶବିତ୍ ଜଲେନ୍ଦ୍ର ମହାଳିକ କହିଛନ୍ତି। ଓୟୁଏଟିରେ ଯୁଗ୍ମ ନିର୍ଦ୍ଦେଶକ ଡ. ଉମାଶଙ୍କର ନାୟକ, ତାଳପଡ଼ା ସରପଞ୍ଚ ହରେନ୍ଦ୍ର ମଲ୍ଲିକ, ଗ୍ଲୋଏକ୍ସ ଫାଉଣ୍ଡେଶନର ଦିବ୍ୟକାନ୍ତ ନାୟକ, ମୋହିତ ଚୌଧୁରୀ, ଆର୍‌ଓଏଚ୍ଏଫ ସଙ୍ଗଠନର ସ୍ୱସ୍ତିକ ଦେ ଓ ସସ୍ମିତା ମାଝି, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

# ବିହାରରୁ ମାରଣାସ୍ତ୍ର କିଣି ଓଡ଼ିଶାରେ ବିକ୍ରି

■ ୫ ବନ୍ଧୁକ, ୧୩ ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ସହ ୩ ମୋବାଇଲ ଜବତ

■ ବେଆଇନ ଅସ୍ତ୍ରଶସ୍ତ୍ର ସହ ୬ ଅଭିଯୁକ୍ତ ଗିରଫ

କଟକ, ୨୬।୭ (କାର୍ତ୍ତିକ ସାହୁ)



ଗିରଫ ଅଭିଯୁକ୍ତ ଓ ଜବତ ଅସ୍ତ୍ରଶସ୍ତ୍ର।

ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ୬ଜଣଙ୍କୁ ଶନିବାର ଗିରଫ କରିଛି। ସେମାନଙ୍କ ନିକଟରୁ ୫ଟି ବନ୍ଧୁକ, ୧୩ଟି ଜୀବନ୍ତ ଗୁଳି, ଗୋଟିଏ ସ୍କୁଟି ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଯୋବ୍ରା ମାଟିଆ ମଙ୍ଗଳା ଛକର କାଦୁଆ ଓରଫ ଦେବଦତ୍ତ ସିଂ ବେହେରା(୨୬), ଯୋବ୍ରା ମହ୍ଲାସାହିର ରାଜା ଓରଫ ପୀୟୁଷ ରେଡ୍ଡୀ (୨୦), ଯୋବ୍ରା ନଦୀକୂଳସାହିର ନନ୍ଦ ଓରଫ ବିଜୟ ରାଓ (୩୬), ଯୋବ୍ରା ନୂଆସାହିର ହାପି ଓରଫ ଜ୍ୟୋତିରଞ୍ଜନ ନାୟକ (୨୩), ବିଦୁ ଓରଫ ବୈଦ୍ୟନାଥ ବେହେରା (୨୨) ଓ ଯୋବ୍ରା ତଳସାହିର ତପୁ ଓରଫ ତପନ ସେଠୀ (୨୦)। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। କାଦୁଆ ନାମରେ ୪ଟି, ରାଜା ନାମରେ ୩ଟି, ନନ୍ଦ ନାମରେ ୧୪ଟି ଓ ବିଦୁ ନାମରେ ଗୋଟିଏ ମାମଲା ରହିଛି। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା (ନଂ.୧୭୬/୨୦୨୫) ରୁଜୁ ହୋଇଛି। ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା କଟକ ଡିସିପି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, କାଦୁଆଙ୍କ ନିକଟରେ ବେଆଇନ ଅସ୍ତ୍ରଶସ୍ତ୍ର ରହିଥିବା ନେଇ ମାଲଗୋଦାମ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ସନ୍ଧ୍ୟାରେ କାଦୁଆଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗୋଟିଏ ୭.୬୫ ମିମି ପିସ୍ତଲ ଓ ୫ ରାଉଣ୍ଡ ଗୁଳି ଜବତ ହୋଇଥିଲା। ପଚରାଉଚୁରା ବେଳେ କାଦୁଆ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର ଆଣୁଥିବା ସ୍ୱୀକାର କରିଥିଲେ। ସେ ବିହାରରୁ ୬ଟି ବନ୍ଧୁକ କିଣିଥିବା ବେଳେ ସହ ତନ୍ମଧ୍ୟରୁ ୫ଟି ବିକ୍ରି କରିଦେଇଥିବା ପୋଲିସ ନିକଟରେ ମାନିଥିଲେ। ଏହି ମାରଣାସ୍ତ୍ରଗୁଡ଼ିକ ଅସାମାଜିକ କାର୍ଯ୍ୟକଳାପ ଘଟାଇବା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିବା ପୋଲିସ ଅବଗତ ହୋଇଥିଲା। କାଦୁଆଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଥିଲା।

# ପାରିବାରିକ କଳହ: ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣିଲେ ସ୍ୱାମୀ

ହରଭଙ୍ଗା, ୨୬।୭ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ପୁରୁଣାକଟକ ଥାନା ପଛପଟ ବସ୍ତିରେ ପାରିବାରିକ କଳହରୁ ଶୁକ୍ରବାର ରାତିରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ କୁନି ଗୁରୁ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ସାଜନ ପ୍ରଧାନ (୩୮)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୁରୁଣାକଟକ ଥାନାରେ ଏକ ମାମଲା (ନଂ.୧୧୪/୨୫) ରୁଜୁ କରି ଅଧିକ ତଦନ୍ତ ଚାଲିଛି।

ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଢୁକୁଲୁଣ୍ଡା ଗ୍ରାମର ସାଜନ ନିକଟସ୍ଥ ଲୋକାପଡା ଗ୍ରାମର କୁନିଙ୍କୁ ୧୦ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଉଭୟ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ବିବାହ ପରେ ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରି ଚଳୁଥିଲେ। କିଛିବର୍ଷ ହେଲା ଉଭୟ ବାହାର ରାଜ୍ୟରୁ ଫେରିଆସି ପୁରୁଣାକଟକ ଥାନା ପଛପଟ ବସ୍ତିରେ ଘର ରହିଆସୁଥିଲେ। ଗତ ଶୁକ୍ରବାର ରାତିରେ ପାରିବାରିକ କହଳରୁ ସାଜନ ଏକ ଟାଙ୍ଗିଆରେ କୁନିଙ୍କୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୁଣାକଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ କୁନିଙ୍କ ମୃତ୍ୟୁ ହୋଇଥିଲା। ଏପଟେ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ହାଣିବା ପରେ ଥାନାରେ ଆତ୍ମସମର୍ପଣ କରିଥିଲେ।

# ଗୁଣି ସନ୍ଦେହରେ ହାତଗୋଡ଼ ବାନ୍ଧି ମାଡ଼

## ମାମଲା ରୁଜୁ କଲା ପୋଲିସ

ଦିଗପହଣ୍ଡି, ୨୬।୭ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲାର ଗ୍ରାମାଞ୍ଚଳଗୁଡ଼ିକରେ ଅନ୍ଧବିଶ୍ୱାସ ଥମିବାର ନାଁ ଧରୁନି। ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର ଜଣେ ବ୍ୟକ୍ତି ଗୁଣି କରୁଥିବା ସନ୍ଦେହ କରି ଗ୍ରାମର କେତେଜଣ ତାଙ୍କ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଆକ୍ରୋଶର ଶିକାର ହୋଇଥିବା କେ.ପଞ୍ଚାନନ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମାଡ଼ ମାରିଥିବା ଅଭିଯୋଗରେ ଗ୍ରାମର ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗ୍ରାମର ଜଣେ ଯୁବତୀଙ୍କ ଦେହ ଖରାପ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରୋଗ ନିରୂପଣ ନ ହେବାରୁ ତାଙ୍କୁ କେହି ଗୁଣି କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଯୁବତୀଙ୍କ ଉପରେ ତନ୍ତ୍ରବିଦ୍ୟା ପ୍ରୟୋଗ କରୁଥିବାରୁ ଏପରି ହୋଇଛି ବୋଲି ଗ୍ରାମ ନିକଟର ଜଣେ ତନ୍ତ୍ର ସାଧକ କହିଥିଲେ। ପରେ ଯୁବତୀଙ୍କ ପରିବାର ଓ ସମ୍ପର୍କୀୟ ପଞ୍ଚାନନଙ୍କୁ ସନ୍ଦେହ କରି ଗତ ବୁଧବାର ରାତିରେ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ଏ ନେଇ ନଂ.୨୬୨/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ୧ କୋଟି ୮୦ ଲକ୍ଷର ଗିଫ୍ଟ କାର୍ଡ ଲୁଟ୍

ତାଳଚେର, ୨୬।୭ (ମନୋଜ ନନ୍ଦ)

## ତାଳଚେରସ୍ଥିତ ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଯାଉଥିଲା

ଖଣି କର୍ମଚାରୀଙ୍କୁ ବଣ୍ଟନ ପାଇଁ ଗାଡ଼ିରେ ନିଆଯାଉଥିବା ୧ କୋଟି ୮୦ ଲକ୍ଷ ୬୦ ହଜାର ଟଙ୍କାର ଗିଫ୍ଟ କାର୍ଡକୁ ଲୁଟି ନିଆଯାଇଛି। ଅନୁଗୋଳ ଜିଲା କୋଶଳା-କୁମୁଣ୍ଡା ରାସ୍ତାର ତାଳଚେର ଗୋପାଳପ୍ରସାଦ ଥାନା ବଡ଼କାଠିଆ ଜଙ୍ଗଲଠାରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଏହି ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ.୧୯୬/୨୫ରେ ମାମଲା ରୁଜୁ କରାଯାଇ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣି କାର୍ଯ୍ୟାଳୟରୁ ଛେଣ୍ଡିପଦା ଭିପିଆର୍ କମ୍ପାନୀ ଅଧିକାରୀ ବି. ବିନୋଦ କୁମାର ଏକ ବୋଲେରୋରେ ୨୪୦୮ଟି ଗିଫ୍ଟ କାର୍ଡ ଧରି ଛେଣ୍ଡିପଦା କୋଇଲା ଖଣିକୁ ଯାଉଥିଲେ। ପ୍ରତ୍ୟେକ ଗିଫ୍ଟ କାର୍ଡର ମୂଲ୍ୟ ୭୫୦୦ ଟଙ୍କା। ତେବେ ଖଣି ଅଧିକାରୀ କୋଶଳା-କୁମୁଣ୍ଡା ରାସ୍ତାର ବଡ଼କାଠିଆ ଜଙ୍ଗଲ ନିକଟରେ ହୋଇଥିବା ବେଳେ ହଠାତ୍ ଏକ ସ୍କର୍ପିଓରେ ୩/୪ ଜଣ ଲୁଟେରା ଆସି ବୋଲେରୋକୁ ଅଟକାଇଥିଲେ। ଲୁଟେରାମାନେ ଖଣି ଅଧିକାରୀଙ୍କୁ ଧମକ ଦେବା ସହ ମାଡ଼ ମାରି ସମସ୍ତ ଗିଫ୍ଟ କାର୍ଡ ଲୁଟି ନେଇ ପଳାଇଥିଲେ। ଖବରପାଇ ଗୋପାଳପ୍ରସାଦ ଓ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସଂକ୍ରାନ୍ତରେ ଗୋପାଳପ୍ରସାଦ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।




କର୍ମଚାରୀଙ୍କ ପାଇଁ ନିଆଯାଉଥିବା ଗିଫ୍ଟ କାର୍ଡ।




ଗିଫ୍ଟ କାର୍ଡ ନେଇ ଯାଉଥିବା ବୋଲେରୋ।

# ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

କେନ୍ଦୁଝର/ଛେନାପଦି, ୨୬।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ପୋଲିସ ଶନିବାର ଚକ୍ରଧରପୁର ଆୟୁଷ ଚିକିତ୍ସାଳୟର ସରକାରୀ କ୍ୱାର୍ଟର୍ସରେ ଜଣେ ଡାକ୍ତରଙ୍କ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଡା. ବିଭୁପ୍ରସାଦ ନାୟକଙ୍କ ସ୍ତ୍ରୀ ରୋଜିନା ନାୟକ (୨୫)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି। ଘର କବାଟ ଭିତରପଟୁ ବନ୍ଦ ଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିବା ବେଳେ ପରିବାର ଲୋକେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଆନନ୍ଦପୁର ଥାନା ଅନ୍ତର୍ଗତ ହାଟଡ଼ିହୀ ବ୍ଲକ୍ ଇଞ୍ଚଳ ଗ୍ରାମର ଡା. ବିଭୁପ୍ରସାଦଙ୍କ ବିବାହ ବର୍ଷେ ପୂର୍ବେ ଆନନ୍ଦପୁର ଥାନା ତରଭା ଗ୍ରାମର ପଞ୍ଚାନନ ନାୟକଙ୍କ ଝିଅ ରୋଜିନାଙ୍କ ସହିତ ହୋଇଥିଲା। ବିବାହ ବେଳେ ୫.୫୦ ଲକ୍ଷ ଟଙ୍କା ଦାବି ମୁତାବକ ଯୌତୁକ ଦେଇଥିଲେ। ଅଧିକ ଯୌତୁକ ଦାବି କରି ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ଏଣୁ ତାଙ୍କୁ ସେମାନେ ମାରି ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ପଞ୍ଚାନନ କରିଛନ୍ତି। ଅନ୍ୟପକ୍ଷେ ଦମ୍ପତିଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଥିଲା। ଏ ନେଇ ଡାକ୍ତର ବିଭୁପ୍ରସାଦ ଘରେ ରହୁ ନ ଥିଲେ। ଶୁକ୍ରବାର ସ୍ତ୍ରୀ ମେଡିକାଲ ଯାଇ ଖୋଜାଖୋଜି କରିପାଇ ନ ଥିଲେ। କ୍ୱାର୍ଟର୍ସ ଫେରିବା ପରେ ଶନିବାର ସକାଳେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୩୦/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଘରୁ ଡାକିନେଇ ବେକ କାଟିଦେଲେ ସାଙ୍ଗ

ଉଦଳା, ୨୬।୭ (ସନ୍ତୋଷ କୁମାର ବାଛିନୀ)

## ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଢ଼ୋ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସାଙ୍ଗଙ୍କୁ ଘରୁ ଡାକିନେଇ ବିଲ ହିଡ଼ରେ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ଗୁରୁତର କରିଛନ୍ତି ଅନ୍ୟ ଜଣେ ସାଙ୍ଗ। ଗୁରୁତର ସାଙ୍ଗ ଜଣକ ହେଲେ ଯତିନ୍ଦ୍ର ପାତ୍ର। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୦୫/୨୫) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ସାଙ୍ଗ ପ୍ରଶାନ୍ତ ଦଳେଇ ଫେରାର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯତିନ୍ଦ୍ର ଘରେ ଥିବା ବେଳେ ପ୍ରଶାନ୍ତ ତାଙ୍କୁ ଡାକି ନେଇଥିଲେ। ତେବେ କିଛି ସମୟ ପରେ ଯତିନ୍ଦ୍ର ଗୁରୁତର ଅବସ୍ଥାରେ ଗାଁ ନିକଟସ୍ଥ ବିଲ ହିଡ଼ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ଯତିନ୍ଦ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ପ୍ରଶାନ୍ତ ଘରୁ ଡାକିନେଇ ଆକ୍ରମଣ କରିଥିବା ଯତିନ୍ଦ୍ରଙ୍କ ଭାଇ ରାଜେନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନାହିଁ।

Business

# ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ନୂଆ ମାଇଲଖୁଣ୍ଟ

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଲାଇସେନ୍ସ ପ୍ରଦାନ

ଭୁବନେଶ୍ୱର, ୨୬।୭




ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜାତୀୟ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଏବଂ ଜାତୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ସହଭାଗିତାରେ କମ୍ପାନୀ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରାକୃତିକ ଏଗ୍ରିଗେଟ୍ସଗୁଡ଼ିକର ବିକଳ୍ପ ସ୍ୱରୂପ ପ୍ରକ୍ରିୟାକୃତ ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହିତକରି ଦୀର୍ଘସ୍ଥାୟୀ ଭିତ୍ତିଭୂମି ବିକାଶ ଦିଗରେ ଏକ ନୂଆ ମାଇଲଖୁଣ୍ଟ ସହ ପରିବର୍ତ୍ତନକାରୀ ପଦକ୍ଷେପରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଫଳରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦେଶର ପ୍ରଥମ କମ୍ପାନୀ ଭାବେ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରକ୍ରିୟାକୃତ ଷ୍ଟିଲ ସ୍ଲାଗ୍ ଏଗ୍ରିଗେଟ୍ସ ଉତ୍ପାଦନ କରିବା ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ପ୍ରମୁଖ ଜାତୀୟ ଗବେଷଣା ପ୍ରତିଷ୍ଠାନ ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇଠାରୁ ଷ୍ଟିଲ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ପାଇଁ ଏକ ପ୍ରତିଷ୍ଠିତ ଲାଇସେନ୍ସ ହାସଲ କରିଛି।

ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆକୁ ସଡ଼କ ନିର୍ମାଣରେ ଆବଶ୍ୟକ ଉପାଦାନ ଏବଂ ବ୍ୟବହାର ପାଇଁ ହାଜିରାସ୍ଥିତ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ କାରଖାନାରେ ପ୍ରକ୍ରିୟାକୃତ ଇଏଏଫ୍ ଷ୍ଟିଲ୍ ସ୍ଲାଗ୍ ଏଗ୍ରିଗେଟ୍ସ ବିକାଶ ପାଇଁ ଷ୍ଟିଲ୍ ସ୍ଲାଗ୍ ଭେଲରାଇଜେଶନ ଟେକ୍ନୋଲୋଜି ଲାଇସେନ୍ସର ପ୍ରମାଣପତ୍ର ମିଳିଛି। ସିଏସ୍‌ଆଇଆର୍-ସିଆର୍‌ଆର୍‌ଆଇର ବରିଷ୍ଠ ତଥା ପ୍ରମୁଖ ବୈଜ୍ଞାନିକ ଏବଂ ଏହି ପ୍ରଯୁକ୍ତିବିଦ୍ୟାର ଉଦ୍ଭାବକ ସତୀଶ ପାଣ୍ଡେ କହିଛନ୍ତି, ଷ୍ଟିଲ୍ ସ୍ଲାଗ୍ ସଡ଼କ ପ୍ରଯୁକ୍ତିବିଦ୍ୟା ଭାରତର ସଡ଼କ ଭିତ୍ତିଭୂମି ପାଇଁ ଏକ କ୍ରାନ୍ତିକାରୀ ପଦକ୍ଷେପ ହେବ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସେଲ୍ସ ଓ ମାର୍କେଟିଂ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଆମେ ଏହି ଅନନ୍ୟ ପ୍ରଯୁକ୍ତିବିଦ୍ୟାର ଲାଇସେନ୍ସ ହାସଲ କରିବାରେ ପ୍ରଥମ କମ୍ପାନୀ ହୋଇଥିବାରୁ ଗର୍ବିତ ଅଛୁ। ଏହି ବିକାଶ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବର୍ଜ୍ୟରୁ ବୈଭବ' ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରୁଛି।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡସ୍' ଦ୍ୱାରା ସ୍ୱୀକୃତିପ୍ରାପ୍ତ ହାଜିରାଠାରେ ସମ୍ଭବତଃ ବିଶ୍ୱର ପ୍ରଥମ ଷ୍ଟିଲ୍ ସ୍ଲାଗ୍ ସଡ଼କ ସଫଳତାର ସହ ନିର୍ମାଣ କରିବାରେ ଆମର ପୂର୍ବ ସମ୍ପୃକ୍ତିକୁ ଏହା ତ୍ୱରାନ୍ୱିତ କରାଉଛି।

# ଆଇକ୍ୟୁଓଓର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୬।୭

ଆଇକ୍ୟୁଓଓର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଜେଡ୍୧୦ଆର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଜେଡ୍ ସିରିଜରେ କ୍ୟାମେରା, କାର୍ଯ୍ୟଦକ୍ଷତା ଏବଂ ଡିଜାଇନ ଏକ ସମ୍ପୂର୍ଣ୍ଣ ଲୋଡେଡ୍ ଅଭିଜ୍ଞତା ପ୍ରଦାନ କରିଥାଏ। ଏ ସମ୍ପର୍କରେ ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ଆମର ନୂତନ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଇକ୍ୟୁଓ ଜେଡ୍୧୦ଆର୍ ସହ ଆମେ ଏକ ପାୱାର ହାଉସ୍ ନିର୍ମାଣ କରିଛୁ, ଯାହା ସେମାନଙ୍କ ସୃଜନଶୀଳତା ସହ ତାଳଦେବା ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏଥିରେ ଭାରତର ସବୁଠାରୁ ପତଳା କ୍ୱାଡ୍-କର୍ଭଡ୍ ଆମୋଲଏଡ୍ ଡିସ୍‌ପ୍ଲେ ଅନ୍ତର୍ଭୁକ୍ତ ରହିଛି। ୧୨୦ ଏଚ୍‌ଜେଡ୍ ରିଫ୍ରେସ୍ ରେଟ୍ ଏବଂ ଏକ ଇମର୍ସିଭ୍ ଭିଜୁଆଲ୍ ଅଭିଜ୍ଞତା ପାଇଁ ୧୮୦୦ ନିଟ୍ସ ପିକ୍ ଉଜ୍ଜ୍ୱଳତା ସାମିଲ ରହିଛି। ବିଶେଷ କରି ଏହା ମେଡିଆଟେକ୍ ଡାଇମେନ୍‌ସିଟି ୭୪୦୦ ୫ଜି ପ୍ରୋସେସର୍ ଏବଂ ଏକ ଦୃଢ଼ ୭.୫ଏଲ+ ଏନ୍‌ଟୁଟୁ ସ୍କୋର ଦ୍ୱାରା ପରିଚାଳିତ ହେଉଛି।

# ଜୟଆଲୁକ୍କାସ୍‌ରେ ଜ୍ୱେଲସ୍ ଅଫ୍ ଜୟ ମହୋତ୍ସବ




ଭୁବନେଶ୍ୱର, ୨୬।୭

ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ଉତ୍ସବ ତଥା ସ୍ୱତନ୍ତ୍ର ସେଲ୍‌ସ 'ଜ୍ୱେଲସ୍ ଅଫ୍ ଜୟ' ମହୋତ୍ସବର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସେଲ୍ ୨୦୨୫ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍ ପକ୍ଷରୁ ବିଶେଷ ରିହାତି ଓ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ମହୋତ୍ସବ ଅଫରଗୁଡିକ ସହ ଉତ୍ସବମୟ ଅବସରକୁ ପ୍ରକୃତରେ ସ୍ମରଣୀୟ କରିବାକୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଉଛି। ସେହିଭଳି ଏହି ବିଶେଷ ଉତ୍ସବର ଅଂଶ ଭାବେ ଗ୍ରାହକମାନେ ହୀରା ଏବଂ ଅନକଟ ହୀରାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏହା ବ୍ୟତୀତ ୧,୦୦,୦୦୦ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସୁନା ଏବଂ ମୂଲ୍ୟବାନ୍ ପଥର କ୍ରୟ ଉପରେ ଗ୍ରାହକମାନେ ଗୋଟିଏ ୫ଗ୍ରାମ ରୁପା ବାର୍ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ଏହି ମହୋତ୍ସବକୁ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ପର୍ବଗୁଡ଼ିକ ଆନନ୍ଦ, ପରିବାର ଏବଂ ସୁନ୍ଦର ସ୍ମୃତି ବିଷୟରେ ହିଁ ସମୃଦ୍ଧ ହୋଇଥାଏ। ଜୟଆଲୁକ୍କାସ୍‌ରେ ଆମେ ଆମର ଗ୍ରାହକମାନଙ୍କୁ ଅସାଧାରଣ ଅଫର ଏବଂ ଚମତ୍କାର ଉତ୍ସବ ସଂଗ୍ରହ ସହ ଅଧିକ ଔଜଲ୍ୟ ଧାରଣ କରିବାର ଅଧିକ କାରଣ ଦେଇ ଏହି ଋତୁକୁ ପାଳନ କରୁଛୁ। ଏହି ଅତ୍ୟନ୍ତ ମନଲୋଭା ଡିଲ୍ ହାତଛଡ଼ା କରନ୍ତୁ ନାହିଁ, ଆନନ୍ଦର ଏହି ଉତ୍ସବର ଅଂଶ ହେବା ପାଇଁ ୨୦୨୫ ଅଗଷ୍ଟ ୧୭ ମଧ୍ୟରେ ଆପଣଙ୍କର ନିକଟତମ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ପଦାର୍ପଣ କରନ୍ତୁ। ଅଳଙ୍କାରିତ ମନ୍ଦିର-ପ୍ରେରିତ ସଂଗ୍ରହରୁ ଆରମ୍ଭକରି ସର୍ବନିମ୍ନ ଦୈନନ୍ଦିନ ବ୍ୟବହାର୍ଯ୍ୟ ଗହଣା ପର୍ଯ୍ୟନ୍ତ, ବିଭିନ୍ନ ପ୍ରକାର ଅଳଙ୍କାର, ଗ୍ରାହକମାନେ ଏହି ସିଜନରେ ବାଛିବା ପାଇଁ ସୁଯୋଗ ପାଇପାରିବେ। ଚଳିତ ବର୍ଷର ଉତ୍ସବଗୁଡିକ ପାଳନ ସକାଶେ ପରିବାର ପାଇଁ ଅଳଙ୍କାର ସଂଗ୍ରହ କରିବାର ଏହା ହିଁ ଉପଯୁକ୍ତ ସମୟ ବୋଲି କୁହାଯାଉଛି।

# ପିଡବ୍ଲ୍ୟୁଏନ୍‌ଏସ୍‌ଏଟିର ୪ର୍ଥ ସଂସ୍କରଣ

ଭୁବନେଶ୍ୱର, ୨୬।୭

ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଫିଜିକ୍ସୱାଲା ନ୍ୟାଶନାଲ ସ୍କଲାରଶିପ କମ୍ ଆଡ୍‌ମିଶନ ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି- ୨୦୨୫)ର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଟେଷ୍ଟ (ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫) ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ପରିଚାଳିତ ହେବ। ବିଶେଷକରି ଦେଶର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାକୁ ଏହା ଅଧିକ ପହଞ୍ଚଯୋଗ୍ୟ କରିବାକୁ ଚେଷ୍ଟା କରୁଛି। ଅନ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରମାନେ ୨୦୨୫ ଅକ୍ଟୋବର ୧ରୁ ୧୫ ମଧ୍ୟରେ ପରୀକ୍ଷା ଦେଇପାରିବେ। ସେହିପରି ଅଫ୍‌ଲାଇନ ମୋଡ୍ ଚୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ପିଡବ୍ଲ୍ୟୁ ବିଦ୍ୟାପୀଠ ଓ ପାଠଶାଳା ସେଣ୍ଟରଗୁଡିକରେ ୨୦୨୫ ଅକ୍ଟୋବର ୫ରୁ ୧୨ ମଧ୍ୟରେ ପରୀକ୍ଷା ପରିଚାଳନା କରାଯିବ ବୋଲି ପିଡବ୍ଲ୍ୟୁ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିପରି ଏହି ଟେଷ୍ଟ ପରୀକ୍ଷା ପାଇଁ ପଞ୍ଜୀକରଣ ଫି ମାଗଣା ରହିଛି। ଏପରିକି ଏହା ୫ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲା ରହିଛି। ଏଥିସହ ଉଭୟ ପିସିଏମ୍ ଓ ପିସିବି ଷ୍ଟ୍ରିମ୍‌ରେ ଦ୍ୱାଦଶ ଶ୍ରେଣୀ ସମ୍ପୂର୍ଣ୍ଣ କରିସାରିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଏହି ପରୀକ୍ଷା ଦେଇପାରିବେ। ପରୀକ୍ଷାର ଫଳାଫଳ ୨୦୨୫ ଅକ୍ଟୋବର ୨୫ରେ ଘୋଷଣା କରାଯିବ। ଏ ସମ୍ପର୍କରେ ଫିଜିକ୍ସୱାଲାର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଅନେକ ଛାତ୍ରୀଛାତ୍ର କ୍ଷମତା ଅଭାବରୁ ନୁହେଁ, ବରଂ ଆର୍ଥିକ ପ୍ରତିବନ୍ଧକ ଯୋଗୁ ନିଜ ସ୍ୱପ୍ନ ପୂରଣ କରିପାରୁନାହାନ୍ତି। ପିଡବ୍ଲ୍ୟୁଏନ୍‌ଏସ୍‌ଏଟି-୨୦୨୫ ତାହାକୁ ପରିବର୍ତ୍ତନ କରିବା ପାଇଁ ଆମର ଏକ ପ୍ରୟାସ ରହିଛି। ପ୍ରତ୍ୟେକ ପିଲା ଏକ ଉଚିତ ସୁଯୋଗ ପାଇବାକୁ ଯୋଗ୍ୟ ଏବଂ ଏହି ପଦକ୍ଷେପ ମାଧ୍ୟମରେ ଆମେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରୁଛୁ।

# ଶିଳ୍ପ ଅଭିବୃଦ୍ଧିରେ ନାଲ୍‌କୋର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୬।୭ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ର କର୍ପୋରେଟ କାର୍ଯ୍ୟାଳୟକୁ ନିକଟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପରିଦର୍ଶନ କରିଥିଲେ। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପସିଂହ କମ୍ପାନୀର ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଡ. କମ୍ଭମପାଟି ନାଲ୍‌କୋର ବରିଷ୍ଠ ଅଧିକାରୀଙ୍କ ସହ କମ୍ପାନୀର ପରିଚାଳନା ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏପରିକି ଓଡ଼ିଶାରେ ମୁଖ୍ୟାଳୟ ଥିବା ଏକମାତ୍ର କେନ୍ଦ୍ରୀୟ ନବରତ୍ନ ଲୋକ ଉଦ୍ୟୋଗ ଭାବେ ନାଲ୍‌କୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଆଗେଇନେବାରେ ଏହାର ଅବଦାନ ପାଇଁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ସେହିଭଳି ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟପାଳ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ଜରିଆରେ ଏକ ଚାରା ରୋପଣ କରିଥିଲେ। ଅପରପକ୍ଷରେ 'ବିକଶିତ ଭାରତ' ଦିଗରେ କମ୍ପାନୀର ପ୍ରୟାସ ଏବଂ ଅବଦାନ ନିମନ୍ତେ ସେ ଅଭିବାଦନ ଜଣାଇଥିଲେ।

# ପ୍ରଥମ ତ୍ରୈମାସରେ ୪,୫୪୧କୋଟିର ନେଟ୍ ଲାଭ

ଭୁବନେଶ୍ୱର, ୨୬।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ତ୍ରୈମାସିକ ଆର୍ଥିକ ଫଳାଫଳରେ ବ୍ୟାଙ୍କ ୪,୫୪୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ସେହିପରି ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ୨୦୨୫ ଜୁନ୍ ଶେଷ ସୁଦ୍ଧା ୧୫% ଅଭିବୃଦ୍ଧି ହାରରେ ୮,୨୩୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଣ ସୁଧ ଆୟରେ ୨,୨୨୬ କୋଟି ଟଙ୍କା ବୃଦ୍ଧି ଘଟିଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାରରେ ୧୭.୬୧% ବୃଦ୍ଧି ଘଟିଛି। ବ୍ୟାଙ୍କର ପ୍ରୋଭିଜନ କଭରେଜ ରେସିଓ ୯୩.୧୮% ରହିଛି। ଦେଶ ମଧ୍ୟରେ ବ୍ୟାଙ୍କର ଜମା ୫.୫% ବୃଦ୍ଧି ପାଇ ୪,୭୩,୬୩୭ କୋଟି ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ଜମାରେ ୧୪.୮% ବୃଦ୍ଧି ଘଟି ଏହା ୨,୩୧,୩୫୧ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୨.୨୮ % ହ୍ରାସ ପାଇଥିବାବେଳେ ନେଟ୍ ଏନ୍‌ପିଏ ହାରରେ ୦.୬୦% ହ୍ରାସ ପାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ

**ନୂଆଦିଲ୍ଲୀ,୨୬।୭**

ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଭାରତର ନିର୍ବାଚନ କମିଶନ (ଇସିଆଇ) ଶୁକ୍ରବାର ରାଜ୍ୟ ସଭାର ମହାସଚିବ ପି.ସି. ମୋଦିଙ୍କୁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ କରିଛନ୍ତି। ସେହିପରି ରାଜ୍ୟ ସଭାର ଯୁଗ୍ମ ସଚିବ ଗରିମା ଜୈନ ଓ ନିର୍ଦ୍ଦେଶକ ବିଜୟ କୁମାରଙ୍କୁ ସହକାରୀ ରିଟର୍ଣ୍ଣି ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଆଇନ ମନ୍ତ୍ରଣାଳୟ ସହ ପରାମର୍ଶ କରି ଏବଂ ରାଜ୍ୟ ସଭା ଉପାଧ୍ୟକ୍ଷଙ୍କ ସହମତି କ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଅସୁସ୍ଥତା କାରଣ ଦର୍ଶାଇ ଜଗଦୀପ୍ ଧନ୍‌କର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ଏହି ପଦବୀରେ ନିର୍ବାଚନ ଆବଶ୍ୟକ ପଡ଼ିଛି। ସମ୍ବିଧାନର ଅନୁଚ୍ଛେଦ ୩୨୪ ଏବଂ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ, ୧୯୫୨ ତଥା ୧୯୭୪ରେ ପ୍ରଣୀତ ଆନୁଷଙ୍ଗିକ ନିୟମ ଅନୁଯାୟୀ ଇସିଆଇ ଭାରତର ଉପରାଷ୍ଟ୍ରପତିଙ୍କ ନିର୍ବାଚନ ପରିଚାଳନା କରିଥାନ୍ତି। ଗତଥର ଉପରାଷ୍ଟ୍ରପତି ନିର୍ବାଚନରେ ଲୋକ ସଭାର ମହାସଚିବ ରିଟର୍ଣ୍ଣିଂ ଅଫିସର କାର୍ଯ୍ୟ ତୁଲାଇଥିଲେ।

# ପୂର୍ବରୁ ଜାତି ଜନଗଣନା କରାଇ ନ ପାରିବା ମୋ ଭୁଲ୍: ରାହୁଲ

**ନୂଆଦିଲ୍ଲୀ,୨୬।୭**



ରାହୁଲ ଗାନ୍ଧୀ

ପୂର୍ବରୁ ଜାତି ଜନଗଣନା କରାଇ ନ ପାରିବା ତାଙ୍କ ଭୁଲ୍ ଥିଲା ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ୱୀକାର କରିଛନ୍ତି। ଏପରି କି ଅନ୍ୟ ପଛୁଆ ବର୍ଗ (ଓବିସି)ଙ୍କ ସ୍ୱାର୍ଥରକ୍ଷା ପାଇଁ ଯେତିକି କରିବା କଥା ସେ ସେତିକି କରିପାରି ନ ଥିବା ମାନିଛନ୍ତି। ଏଥିସହ ଅତୀତର ଭୁଲ୍‌କୁ ଏବେ ସୁଧାରିବେ ବୋଲି ରାହୁଲ ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଓବିସିମାନଙ୍କ 'ଭାଗୀଦାରି ନ୍ୟାୟ ସମ୍ମେଳନ'କୁ ସମ୍ବୋଧିତ କରି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି, ତେଲଙ୍ଗାନାରେ ଜାତିଗତ ଜନଗଣନା ଏକ ରାଜନୈତିକ ଭୂକମ୍ପ, ଯାହାକି ଦେଶରେ ବଡ଼ ଝଟକା ଆଣିବ। ସେ ୨୦୦୪ରୁ ରାଜନୀତି କରୁଛନ୍ତି। ୨୧ ବର୍ଷ ବିତିଗଲାଣି। ଯେତେବେଳେ ସେ ପଛକୁ ଚାହିଁ ଆତ୍ମବିଶ୍ଳେଷଣ କରନ୍ତି, ସେ କେଉଁଠି ଠିକ୍ କରିଛନ୍ତି ଓ କେଉଁ ସ୍ଥାନରେ ଝୁଣ୍ଟିଛନ୍ତି ଦେଖନ୍ତି, ଦୁଇ ତିନୋଟି ବଡ଼ ପ୍ରସଙ୍ଗକୁ ଦେଖିପାରନ୍ତି। ତାହା ହେଲା– ଜମି ଅଧିଗ୍ରହଣ ବିଲ୍, ଏମ୍‌ଜିଏନ୍‌ଆର୍‌ଇଜିଏ, ଖାଦ୍ୟ ବିଲ୍, ଆଦିବାସୀଙ୍କ ପାଇଁ ଅଧିକାର ଆଦି ତାଙ୍କର ଉଚିତ କାର୍ଯ୍ୟ ବୋଲି ରାହୁଲ ମନେକରନ୍ତି। ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ କଥା ଉଠିଲେ ସେ ଭଲ ନମ୍ବର ପାଇବା ଉଚିତ। ମହିଳାଙ୍କ ପ୍ରସଙ୍ଗରେ ମଧ୍ୟ ଭଲ ମାର୍କ ପାଇବେ। କିନ୍ତୁ ସେ

**ଭାଗୀଦାରି ନ୍ୟାୟ ସମ୍ମେଳନ**

**ମୋଦି ବଡ଼ ଶୋ, ତାଙ୍କ ଦମ୍ ନାହିଁ**

ପଛକୁ ଚାହିଁ ଦେଖିଲେ ଗୋଟିଏ ବିଷୟରେ ପଛେଇ ଯାଇଥିବା ଓ ଭୁଲ୍ କରିଥିବା ମନେକରନ୍ତି। ତାହା ହେଉଛି ଓବିସି ବର୍ଗଙ୍କୁ ଯେଭଳି ଭାବେ ସୁରକ୍ଷା ଦେବା କଥା ସେପରି ସୁରକ୍ଷା ଦେଇପାରି ନାହାନ୍ତି। ୧୦–୧୫ ବର୍ଷ ପୂର୍ବେ ସେ ଓବିସିଙ୍କ ସମସ୍ୟାଗୁଡ଼ିକୁ ଭଲ ଭାବେ ବୁଝି ନ ପାରିବା ଏହାର କାରଣ ବୋଲି ରାହୁଲ ଦର୍ଶାଇବା ସହ ଆଗକୁ ଏହି ଭୁଲ୍ ସୁଧାରିବେ ବୋଲି କହିଛନ୍ତି।

ଏହି ଅବସରରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିବାକୁ ଯାଇ କହିଛନ୍ତି, ମିଡିଆ ମୋଦିଙ୍କ ଛବିକୁ ବାସ୍ତବତାଠାରୁ ବହୁ ଉର୍ଦ୍ଧ୍ୱକୁ ନେଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ସବୁ କିଛି କେବଳ ଶୋ'। ତାଙ୍କଠାରେ ଦମ୍ ନାହିଁ। ମୋଦି ଏକ ବଡ଼ ପ୍ରହସନ। ତାଙ୍କୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇଛି। ମୋଦିଙ୍କ ସହ ୨–୩ ଥର ଗୋଟିଏ ରୁମ୍‌ରେ ବସିବା ପରେ ତାଙ୍କ ନିକଟରେ ଦମ୍ ନ ଥିବା ବିଷୟ ସେ ଜାଣିପାରିଛନ୍ତି। ଭାରତୀୟ ଅମଲାତନ୍ତ୍ରରେ ବଞ୍ଚିତ ଓ ନିଷ୍ପେଷିତ ବର୍ଗଙ୍କ ନିମ୍ନ ପ୍ରତିନିଧିତ୍ୱ ପାଇଁ ମଧ୍ୟ ରାହୁଲ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଦଳିତ, ପଛୁଆ ବର୍ଗ, ଆଦିବାସୀ ଓ ସଂଖ୍ୟାଲଘୁ ମିଶିଲେ ଦେଶ ଜନସଂଖ୍ୟାର ୯୦% ହେବ। କିନ୍ତୁ ବଜେଟ ପ୍ରସ୍ତୁତି ପରେ ହଲୱା ବଣ୍ଟାଯିବା ବେଳକୁ ସେମାନେ ୯୦ ପ୍ରତିଶତ ପ୍ରତିନିଧିତ୍ୱ ପାଉନାହାନ୍ତି। ଏହା ହେଉଛି ସେହି ୯୦% ଜନସଂଖ୍ୟା, ଯାହାକି ଦେଶର ଉତ୍ପାଦନଶୀଳତାର ଶକ୍ତି ପାଲଟିଥାଏ। ଅନ୍ୟପକ୍ଷେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ଭାଜପା ବିଭାଜନବାଦୀ ଓ ଦୁର୍ଭାଗ୍ୟଜନକ କହି ନିନ୍ଦା କରିଛି।

# ନିମ୍ନମାନର ଖାଦ୍ୟ: ଆଇଆର୍‌ସିଟିସିକୁ ମିଳିଛି ୬,୬୪୫ ଅଭିଯୋଗ

**ନୂଆଦିଲ୍ଲୀ,୨୬।୭**

୨୦୨୪–୨୫ ଆର୍ଥିକ ବର୍ଷରେ ଇଣ୍ଡିଆନ୍ ରେଲୱେଜ୍ କ୍ୟାଟରିଂ ଆଣ୍ଡ ଟ୍ୟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି)କୁ ଟ୍ରେନ୍ ଯାତ୍ରୀଙ୍କଠାରୁ ନିମ୍ନମାନର ଖାଦ୍ୟ ସମ୍ପର୍କିତ ୬,୬୪୫ ଅଭିଯୋଗ ମିଳିଛି। ସେଥିରୁ ୧,୩୪୧ ମାମଲାରେ ଖାଦ୍ୟ ଯୋଗାଣକାରୀଙ୍କୁ ଜରିମାନା କରାଯାଇଥିବା ଶୁକ୍ରବାର ପାର୍ଲାମେଣ୍ଟକୁ କେନ୍ଦ୍ର ସରକାର ଅବଗତ କରାଇଛନ୍ତି। ରାଜ୍ୟ ସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ଏକ ପ୍ରଶ୍ନର ଲିଖିତ ଜବାବରେ କହିଛନ୍ତି, ଟ୍ରେନ୍‌ରେ ନିମ୍ନମାନର ଖାଦ୍ୟକୁ ନେଇ ମିଳିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୨,୯୯୫ ମାମଲାରେ ସପ୍ଲାୟର୍ସଙ୍କୁ ଚେତାବନୀ ଦେଇ ଛାଡ଼ିଦିଆଯାଇଛି। ୧,୫୪୭ ମାମଲାରେ ଉପଯୁକ୍ତ ପରାମର୍ଶ ଦିଆଯାଇଥିବାବେଳେ ୭୬୨ ମାମଲାରେ ଅନ୍ୟ ପ୍ରକାର ପଦକ୍ଷେପ ନିଆଯାଇଛି। ସିପିଆଇ(ଏମ୍) ଏମ୍‌ପି ଜନ୍ ବ୍ରିଟାସ୍ ଟ୍ରେନ୍‌ଗୁଡ଼ିକରେ ଉପଯୁକ୍ତ ମାନର ହୋଇ ନ ଥିବା ଖାଦ୍ୟ ଏବଂ ଯୋଗାଣ ପାଇଁ ଠିକାରେ ନେଉଥିବା କମ୍ପାନୀଗୁଡ଼ିକୁ ମଞ୍ଜୁରୀରେ ସ୍ୱଚ୍ଛତା ପ୍ରସଙ୍ଗ ଉଠାଇଥିଲେ।

# ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ମୃତ୍ୟୁ

**ନୂଆଦିଲ୍ଲୀ,୨୬।୭(ପି.ଟି.)**



ଭାରତରେ ୨୦୧୯ରୁ ୨୦୨୩ ମଧ୍ୟରେ ହାତୀ ଆକ୍ରମଣରେ ୨,୮୬୯ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ସଭାରେ ଶୁକ୍ରବାର ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ସିପିଏମ୍ ସଦସ୍ୟ ଜନ୍ ବ୍ରିଟାଶଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ଓଡ଼ିଶାରେ ସର୍ବାଧିକ ୬୨୪ ଜଣ ପ୍ରାଣ ହରାଇଥିବାବେଳେ ଝାଡ଼ଖଣ୍ଡରେ ୪୭୪ ଜଣ, ପଶ୍ଚିମବଙ୍ଗରେ ୪୩୬ ଜଣ, ଆସାମରେ ୩୮୩ ଜଣ ଏବଂ ଛତିଶଗଡ଼ରେ ୩୦୩ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ତାମିଲନାଡୁ ଓ କର୍ଣ୍ଣାଟକରେ ଯଥାକ୍ରମେ ୨୫୬ ଜଣ ଏବଂ ୧୬୦ ଜଣ ପ୍ରାଣ ହରାଇଛନ୍ତି। ପ୍ରତିବର୍ଷ ହାତୀ ଆକ୍ରମଣଜନିତ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ୨୦୧୯–୨୦ରେ ମୃତ୍ୟୁସଂଖ୍ୟା ୫୯୫ ଥିବାବେଳେ ୨୦୨୩–୨୪ରେ ଏହା ୬୨୯କୁ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ୨୦୨୦ରୁ ୨୦୨୪ ମଧ୍ୟରେ ବାଘ ଆକ୍ରମଣରେ ୩୭୮ ଜଣଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ସର୍ବାଧିକ ୨୧୮ ଜଣ ବାଘ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ଉତ୍ତର ପ୍ରଦେଶରେ ୬୧ ଏବଂ ମଧ୍ୟପ୍ରଦେଶରେ ୩୨ ଜଣଙ୍କ ଜୀବନ ଯାଇଛି।

# ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ବ୍ୟବସ୍ଥାଗତ ବିଫଳତାର ପ୍ରତିଫଳନ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୬।୭(ପି.ଟି.)**

ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣା ବଢ଼ୁଥିବାବେଳେ ଏହା ବ୍ୟବସ୍ଥାଗତ ବିଫଳତା, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ସାରା ଦେଶରେ ଶିକ୍ଷାର୍ଥୀ ଆତ୍ମହତ୍ୟା ରୋକିବା ଲାଗି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହଟାଙ୍କ ଖଣ୍ଡପୀଠ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ୨୦୨୨ରେ 'ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟା' ନାମରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଅତ୍ୟନ୍ତ ଦୁଃଖଦ ଚିତ୍ର ଦର୍ଶାଉଛି। ମନସ୍ତାତ୍ତ୍ୱିକ ବ୍ୟଗ୍ରତା, ଅତ୍ୟଧିକ ପାଠପଢ଼ା ଚାପ, ସାମାଜିକ ଲାଞ୍ଛନା ଏବଂ ସଂସ୍ଥାଗତ ସମ୍ବେଦନହୀନତା ଏହିସବୁ ଆତ୍ମହତ୍ୟାର ମୁଖ୍ୟ କାରଣ, ଯାହାକୁ ନଜର ଅନ୍ଦାଜ କରାଯାଉଛି। ଉକ୍ତ ସମସ୍ୟାଗୁଡ଼ିକର ପ୍ରତିକାର କରାଯାଇପାରିଲେ ଏତେ ସଂଖ୍ୟାରେ କଅଁଳ ଜୀବନ ଅକାଳରେ ଝଡ଼ିଯାଇ ନ ଥାନ୍ତା। ଏହା ବ୍ୟବସ୍ଥାଗତ ବିଫଳତାର ପ୍ରତିଫଳନ ବୋଲି ଖଣ୍ଡପୀଠ କହିଛନ୍ତି। ୨୦୨୨ରେ ଭାରତରେ ମୋଟ ୧,୭୦,୯୨୪ଟି ଆତ୍ମହତ୍ୟା ଘଟିଥିବାବେଳେ ସେଥିରୁ ୭.୬ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୩,୦୪୪ ଛାତ୍ର ଆତ୍ମହତ୍ୟା। ସେଥିରୁ ପରୀକ୍ଷାରେ ଫେଲ୍ ହେବା କାରଣ ପାଇଁ ୨,୨୪୮ ଜଣ ଜୀବନ ହାରିଥିବା ଜଣାପଡ଼ିଛି। ଗତ ୨ ଦଶନ୍ଧି ମଧ୍ୟରେ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ୨୦୦୧ରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ୫,୪୨୫ ଥିବାବେଳେ ୨୦୨୨ରେ ତାହା ୧୩,୦୪୪ରେ ପହଞ୍ଚିଛି।

# ମା'ଙ୍କ ମୃତ୍ୟୁରେ ମ୍ରିୟମାଣ ମେଧାବୀ ଛାତ୍ରଙ୍କ ଆତ୍ମହତ୍ୟା

**ସୋଲାପୁର,୨୬।୭**

ମହାରାଷ୍ଟ୍ରର ସୋଲାପୁରରେ ଜଣେ ୧୬ ବର୍ଷୀୟ ମେଧାବୀ ଛାତ୍ର ମା'ଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି। ଶିବଶରନ ଉଟାଲି ତାଲକୋଟିଙ୍କ ମାଆ ୩ ମାସ ପୂର୍ବେ ଜଣ୍ଡିସ୍‌ରେ ପ୍ରାଣ ହରାଇଥିଲେ। ଶିବଶରନ ଶୁକ୍ରବାର ତାଙ୍କ ମାମୁଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ସୁଇସାଇଡ୍ ନୋଟ୍‌ରେ ସେ ଲେଖିଛନ୍ତି, ପୂର୍ବଦିନ ମା' ତାଙ୍କୁ ସ୍ୱପ୍ନରେ ଦେଖାଦେବା ସହ ପାଖକୁ ଆସିବା ପାଇଁ କହିଥିଲେ। ସେଥିପାଇଁ ମୁଁ ମରିବା ପାଇଁ ନିଷ୍ପତ୍ତି ନେଲି ବୋଲି ଶିବଶରନ ଲେଖିଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୨ ପ୍ରତିଶତ ନମ୍ବର ରଖିଥିବା ଶିବଶରନ ଡାକ୍ତର ହେବାକୁ ଚାହୁଁଥିଲେ ଓ ଏନ୍‌ଇଇଟି ପରୀକ୍ଷା ଲାଗି ପ୍ରସ୍ତୁତି ଚଳାଇଥିଲେ।


## OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA

OHPC
ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/20/2025-26, DATED 22.07.2025**

**No.CAD-1228:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Construction of pre-cast RCC cover slab including repair of cable trench and placing of new casted slab over cable trench from Power House to 220 KV Switchyard boundary wall at UIHEP, Mukhiguda | 20,88,805/- (Excluding GST) | 20,900/- | 'C' & 'B' Class Contractor registered with State Govt./ Central Govt./ MES/ Railways | 6,000/-+ GST @18% = 7,080/- | Six (06) Calendar Months |

Availability of tender document in the portal: From 26.07.2025 (10.00 Hrs) to 06.08.2025 (upto 13.00 Hrs.).
Last date & time of submission of tenders in the portal: 06.08.2025 upto 13.00 Hrs.
The date & time of opening of the bid: 06.08.2025 at 16.30 Hrs. (Only Technical Bid).
The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-04008/11/0036/2526 **Sd./- Unit Head, UIHEP, Mukhiguda**



## झारखण्ड सरकार
## राजस्व, निबंधन एवं भूमि सुधार विभाग

**प्रेस विज्ञप्ति**

संचिका संख्या– 13/नि॰वि॰संशोधन–28/2017–189/नि0 रांची, दिनांक–25.07.2025

एतद् द्वारा सभी निबंधित संस्थाओं को सूचित किया जाता है कि निबंधित संस्थाओं से संबंधित विवरणी यथा–वार्षिक प्रतिवेदन, कार्यकारिणी सूची, अंकेक्षण प्रतिवेदन तथा फार्म एच0 तथा अन्य संबंधित दस्तावेज विभागीय पोर्टल https://enibandhan.jharkhand.gov.in में अपलोड करने हेतु यूजर आई॰डी॰ तथा पासवर्ड उपलब्ध कराने के लिए विभागीय पोर्टल https://enibandhan.jharkhand.gov.in दिनांक–**26.07.2025** से **05.08.2025** तक खुले रहेंगे।

अतः अनुरोध है कि निबंधित संस्थाओं द्वारा यूजर आई॰डी॰ तथा पासवर्ड प्राप्त करने हेतु निर्धारित अवधि के अन्तर्गत ऑनलाईन आवेदन समर्पित करना सुनिश्चित करेंगे।

निर्धारित अवधि के पश्चात पुनः अवधि विस्तार नहीं किया जाएगा।

ह0/–
(श्वेता कुमारी)
उप निबंधन महानिरीक्षक
राजस्व, निबंधन एवं भूमि सुधार विभाग, झारखण्ड, रांची

PR 358224 Registration(25-26)#D



## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गढ़वा

**मुख्यमंत्री ग्राम सड़क योजना**
**अल्पकालीन ई–निविदा आमंत्रण सूचना**
ई–निविदा संख्या – 09/RI/2024-25/RWD/GARHWA दिनांक – 25.07.2025

1. कार्य का विवरण :–

| क्र0 | प्रखण्ड | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि: अंक में (लाख में) | प्राक्कलित राशि: अक्षर में | कार्य समाप्ति की अवधि |
|---|---|---|---|---|---|---|
| 1 | केतार | RWD/GARHWA/ 20/2024-25 (2ND Call) | ग्राम योगियावीर में मुख्य पथ से चिकनही होते हुए योगियावीर पूरब टोला स्कूल तक पथ निर्माण कार्य। (2.250 कि0मी0) | 332.941 | तीन करोड़ बत्तीस लाख चौरानबे हजार एक सौ रूपये। | 15 (पन्द्रह) महीना |

2. वेबसाईट पर निविदा प्रकाशन की तिथि :– 31.07.2025
3. ई–निविदा प्राप्ति की अंतिम तिथि एवं समय :– 11.08.2025 अपराह्न 5:00 बजे तक।
4. निविदा खोलने की तिथि एवं समय :–13.08.2025 पूर्वाह्न 11:30 बजे।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रा0का0वि0 कार्य प्रमंडल, गढ़वा।
6. ई–निविदा प्रकोष्ठ का दूरभाष सं0: 06561–299963

विस्तृत जानकारी के लिए वेबसाईट www.jharkhandtenders.gov.in पर देखा जा सकता है।

कार्यपालक अभियंता
ग्रामीण कार्य विभाग,
कार्य प्रमण्डल, गढ़वा

PR 358236 (Rural Work Department) 25-26 (D)



## OFFICE OF THE MUNICIPAL COUNCIL: SUNDARGARH

Email: sundargarhm.hud@od.gov.in
**Notice No.1657/ Dt.23.07.2025**

No.C-755: The Executive Officer, on behalf of Sundargarh Municipality, invites online bids under Double Cover System (Two-Bid System i.e. Technical Bid & Financial Bid) from repute firms/ agencies in conformity with the detailed tender notice for "Supply of 10 no's Light Commercial Vehicle (LCV) to Sundargarh Municipality for garbage collection".
For detailed technical specifications, terms & conditions etc., please visit www.tendersodisha.gov.in.

**Sd./- Executive Officer**
**Sundargarh Municipality**

OIPR-13130/11/0035/2526



## OFFICE OF THE DEAN & PRINCIPAL PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ

AT-RANGAMATIA, PO-LAXMIPOSI, PIN-757 107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

**NOTICE INVITING TENDER**
**Reference No.3825/ I-33-PRMMCH-2025 / Dated.21.07.2025**

**No.E-257** : Sealed tenders are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM Medical College official website (www.dmetodisha.gov.in, www.mayurbhanj.odisha.gov.in & www.prmmch.nic.in ) from dt.21.07.2025. The last date of submission of bid documents is dt.12.08.2025 by 5.30 PM.

**Sd./- Dean & Principal, PRMMCH, Baripada**

OIPR-10120/11/0025/2526



## ODISHA UNIVERSITY OF TECHNOLOGY AND RESEARCH
GHATIKIA, P.O.:MAHALAXMI VIHAR, BHUBANESWAR-751029

Notice No. OUTR/Housekeeping/2025-26/14 Date: 23.07.2025

**No.KK-150: E-Tenders are invited** under two bid systems from Well-established and financially sound proprietorship/ Partner Firm/ Private Limited/ Limited Company/ Registered Agencies for "Outsourcing of Agency for providing cleaning and Housekeeping Services" **in OUTR, Bhubaneswar"**
Date of available in Tenders Odisha Portal: 24.07.2025 at 06.00 P.M.
Last date and time of submission of Bid: 19.08.2025 upto 6.00 P.M.
For details: Please visit: http://tendersodisha.gov.in & http://www.outr.ac.in
For any query please contact: Prof. Bhabani Sankar Sa, Phone No-8249242624, Email: bhabaniplanning@outr.ac.in.

OIPR-16005/11/0104/2526 **REGISTRAR**



GOVERNMENT OF ODISHA No.B-321

## OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE

e-mail ID : supenger_rbjyp@yahoo.co.in

**INVITATIONS FOR BIDS (IFB)**
**BID IDENTIFICATION NO. C.C.E.J.C (R&B) - 06/2025-26**

**No. 2734** **Date : 16.07.2025**

1. Nature of the work : **BUILDING WORKS**
2. Total No. of Works : 04 (Four) Nos.
3. Tender cost : **Rs.1.21 to 2.45 Crs.**
4. Period of completion : 07 (Seven) to 11 (Eleven) Calendar Months
5. Cost of Bid Document : Rs. 10,000/-
6. Bid Security (EMD) : **Rs.1.21 Lacs to 2.45 Lacs** as per column no.06 of IFB
7. Class of Contractor : **"B", "A" Class** as per cl. No. 05 of TCN & according to Financial Eligibility.
8. Date & time of availability of bid Document in the portal : From 12.00 hours of 28.07.2025 to 17.00 hours of 11.08.2025
9. Last date / Time for receipt of bids in the Portal : 17.00 hours of 11.08.2025
10. Opening date of Bid : 10.00 hours of 12.08.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**

**Sd./- Chief Construction Engineer**
**Jeypore (R&B) Circle, Jeypore**

OIPR-34108/11/0030/2526



No.A-425

## GOVERNMENT OF ODISHA DEPARTMENT OF WATER RESOURCES
## Office of the Additional Chief Engineer, Drainage Circle, Balasore

Email id : sedcbls@yahoo.com

**"e" PROCUREMENT NOTICE NO. ACEDCBLS-07/2025-26**

| | | | |
|---|---|---|---|
| 1 | Name of work | : | Drainage works (Under D.I.P. Scheme) |
| 2 | Total No. of Project | : | 1 No. of Individual work |
| 3 | Estimated cost of individual works | : | Rs.3,36,52,156/- (Excluding G.S.T) |
| 4 | Period of completion | : | 11 (Eleven) Calendar months |
| 5 | Bid Identification Number | : | ACEDCBLS/DDBLS-01-07/2025-26 |
| 6 | Date & Time of availability of Bid document in the Portal | : | From Dt.28.07.2025 at 10.00 hours to Dt.11.08..2025 at 17.00 hours |
| 7 | Date of Opening of technical bid | : | Dt.12.08.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 8 | Date of Opening of Financial bid | : | To be uploaded in portal |
| 9 | Class of Contractor | : | "A" Class |
| 10 | Date of Lottery (if required) | : | To be notified |
| 11 | Procurement Officer/Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersorissa.gov.in

**Sd./- Additional Chief Engineer**
**Drainage Circle, Balasore**

OIPR-32190/11/0021/2526


## ODISHA PUBLIC SERVICE COMMISSION CUTTACK

**NOTICE**

**No. 5374 / P.S.C., Dt. 25.07.2025**
**1E-14-2024/25 (DR-II)**

**Assistant Agriculture Officer**
**(Advertisement No.06 of 2024-25)**

**No.D-148** : In continuation to this Office Notice No. 5143/PSC, dtd. 18.07.2025, it is for information of all provisionally shortlisted candidates that the **Document Verification and Interview** for recruitment to the post of **Assistant Agriculture Officer** in pursuant to Advertisement No. 06 of 2024-25 will be held from **18.08.2025 to 22.08.2025** at the Office of OPSC, 19,Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of Candidates |
|---|---|---|---|
| 18.08.2025 | 08.30 A.M. | 10.30 A.M. | 100002, 100011, 100067, 100070, 100090, 100136, 100166, 100173, 100243, 100263, 100266, 100319, 100342, 100344, 100345, 100354, 100362, 100363, 100373, 100382, 100398, 100399, 100411, 100428, 100432, 100533, 100539, 100573, 100574, 100608, 100674, 100698 & 100700 **= 33 Candidates** |
| | 12.30 P.M. | 02.30 P.M. | 100718, 100731, 100737, 100754, 100776, 100825, 100832, 100834, 100856, 100858, 100863, 100871, 100884,100892, 100910, 100911, 100920, 100928, 100938, 100945 & 100951 **= 21 Candidates** |
| 19.08.2025 | 08.30 A.M. | 10.30 A.M. | 100966, 101003, 101009, 101049, 101050, 101058, 101084, 101096, 101099, 101104, 101123, 101131, 101134, 101137, 101139, 101152, 101190, 101198, 101202, 101221, 101222, 101235, 101253, 101296, 101350, 101361, 101366, 101373, 101382, 101398, 101439, 101442 & 101449 **= 33 Candidates** |
| | 12.30 P.M. | 02.30 P.M. | 101453, 101466, 101483, 101484, 101510, 101523, 101525, 101538, 101563, 101577, 101579, 101580, 101617, 101622, 101623, 101626, 101664, 101683, 101690, 101693 & 101698 **= 21 Candidates** |
| 20.08.2025 | 08.30 A.M. | 10.30 A.M. | 101706, 101737, 101740, 101741, 101763, 101778, 101802, 101804, 101834, 101881, 101905, 101913, 101916, 101919, 101935, 101952, 101970, 101980, 101985, 101990, 102027, 102061, 102075, 102092, 102109, 102118, 102145, 102162, 102163, 102168, 102171, 102225 & 102226 **= 33 Candidates** |
| | 12.30 P.M. | 02.30 P.M. | 102231, 102244, 102254, 102265, 102271, 102277, 102279, 102290, 102298, 102311, 102314, 102345, 102354,102394, 102430, 102431, 102462, 102463, 102464, 102495 & 102502 **= 21 Candidates** |
| 21.08.2025 | 08.30 A.M. | 10.30 A.M. | 102510, 102527, 102602, 102630, 102631, 102655, 102677, 102737, 102746, 102748, 102766, 102783, 102803, 102818, 102821, 102828, 102861, 102878, 102881, 102918, 102925, 102941, 102942, 102956, 102970, 102994, 103014, 103034, 103045, 103049, 103102, 103138 & 103155 **= 33 Candidates** |
| | 12.30 P.M. | 02.30 P.M. | 103186, 103187, 103224, 103277, 103286, 103320, 103325, 103345, 103365, 103400, 103453, 103457, 103463, 103471, 103500, 103529, 103533, 103534, 103572, 103629 & 103648 **= 21 Candidates** |
| 22.08.2025 | 08.30 A.M. | 10.30 A.M. | 103659, 103709, 103784, 103786, 103795,103807, 103811, 103831, 103850, 103863, 103878, 103884, 103887, 103947, 103956, 103980, 103983, 104048, 104095, 104127,104143, 104147, 104148, 200074, 200081, 200086, 200112, 200117, 200149, 200174, 200291, 200391, 200399, 200477, 200491, 200523, 200528 & 200554 **= 38 Candidates** |

**N.B. -** The candidates are required to report at the office of the Commission **30 minutes before** the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the date of submission of Online Application Form by the Candidate).**

1. Hard Copy of Online Application form mentioning **Roll No** at the **Top Right-hand Corner.** (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/OTP etc through OPSC e-Chayan Portal via www.opscechayan.in)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **HSC or Equivalent Certificate** in support of declaration of age.
4. Intermediate / +2 Examination Certificate issued by the concerned Board/Council;
5. Bachelor's of Science Degree in Agriculture/Horticulture Certificate issued by the recognized University/Institution.
6. Mark Sheets in support of all the Examinations (H.S.C to Bachelor's Degree in Agriculture/Horticulture) including fail marks, if any, issued by the concerned Board/Council/University/Institution as the case may be;
7. Conversion Certificate/ Conversion Formula in case of award of "grade marks" from the concerned University indicating the actual equivalent percentage of marks and the conversion formula, wherever applicable.
8. Caste Certificate in support of claim as **SEBC/ST/SC** whichever applicable. (which has been uploaded with online Application Form)
9. Required Odia Test Pass Certificate from the competent authority.
10. Permanent Disability Certificate (indicating percentage of permanent disability i.e. **40% and more);**
11. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. Identity Card of Sports persons issued by the Director of Sports Odisha.
13. Any proof of identity.
14. No Objection Certificate issued by the Competent Authority/Head of Office; wherever applicable.
15. Any other documents as per Para-11 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC).

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0283/2526 **Sd./- Secretary**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାହାଣୀ କପ୍ ଫୁଟ୍‌ବଲ: ଫାଇନାଲରେ କଟକ

**ରାଜକନିକା,୨୬ା୭ (ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**



ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଓଡ଼ିଶା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ତଥା କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ରାଜକନିକା ଆର୍.ଏନ.ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ୬୪ତମ ଆନ୍ତଃଜିଲା ସିନିୟର ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ର ଶନିବାର ସେମିଫାଇନାଲ ମ୍ୟାଚ କଟକ ବନାମ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୫-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି ।

ପୂର୍ବତନ ବିଧାୟକ ତଥା ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିବରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ମୁଖ୍ୟବକ୍ତା ଭାବେ ଫାଓର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ଦିଲ୍ଲୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼ାଇ, ଆଳି ନିର୍ବାଚନମଣ୍ଡଳୀ ସ୍ତରୀୟ ନେତା ତଥା ଜିଲା ଭାଜପା ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲି, ଫାଓ'ର ଉପସଭାପତି ସହଦେବ ରାଉତ, ଟିଆଣ୍ଡଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ୍ ଏହସାନ, ଗଙ୍ଗାଧର ବେହେରା, ରଶ୍ମି ରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ। କଟକ ଦଳର ଦୀନବନ୍ଧୁ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ରେଫରି ଭାବେ ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ ପରିଚାଳନା କରିଥିବା ବେଳେ, ଦିଲ୍ଲୀପ ରାଉତ ମ୍ୟାଚ କମିଶନର ଦାୟିତ୍ୱ ସମ୍ପାଦନ କରିଥିଲେ। ଆସୋସିଏସନ ପକ୍ଷରୁ ଉପସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ସମ୍ପାଦକ ଡ.ଫକୀର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗରେ ୧୬ ଦଳ



ଟୁର୍ନାମେଣ୍ଟ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୬ା୭ (ତପନ ସ୍ୱାଇଁ)**

ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଅକ୍ଟୋବର ୨୨ରୁ ୫ ଦିନ ଧରି ଘାଟିକିଆ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେବ। ଏଥିରେ୧୬ଟି ଦଳ ଭାଗ ନେବେ। କର୍ପୋରେଟ ପ୍ରଫେଶନାଲଙ୍କ ମଧ୍ୟରେ ଖେଳୁଆଡ ମନୋଭାବ, ଟିମୱାର୍କ ଓ ବନ୍ଧୁତ୍ୱର ପ୍ରସାର ଏହି ଟର୍ନାମେଣ୍ଟର ମୂଳ ଉଦ୍ଦେଶ୍ୟ। ଏହା ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜନ ହେବ। ଖେଳାଳି ନିଲାମ ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି। ମ୍ୟାଚ ୧୦ ଓଭର ବିଶିଷ୍ଟ ଏବଂ ଟେନିସ ବଲରେ ଖେଳାଯିବ। ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ଟ୍ରଫି ସହ ୧ ଲକ୍ଷ ୫୦ ହଜାର ଓ ରନରଅପ ଦଳକୁ ୮୦ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତି ମ୍ୟାଚର ପ୍ଲେୟର ଅଫ ଦ ମ୍ୟାଚ ସହିତ ପରାଜିତ ଦଳର ଶ୍ରେଷ୍ଠ ଖେଳାଳି ଆର୍ଥିକ ପୁରସ୍କାର ରାଶି ପାଇବେ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗର ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପ ସଭାପତି ଆଶିଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସେମିଫାଇନାଲରୁ ସାତ୍ୱିକ-ଚିରାଗ ଯୋଡ଼ିଙ୍କ ବିଦାୟ

**ଚାଇନା ଓପନ ବ୍ୟାଡ୍‌ମିଣ୍ଟନ**

**ଚାଙ୍ଗଝୋ, ୨୬ା୭ (ପି.ଟି.)**

ଚାଇନା ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି ଭାରତ ଟପ୍ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି। ଶନିବାର ସେମାନେ ଦ୍ୱିତୀୟ ସିଡ୍ ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କଠାରୁ ହାରିଯାଇଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ପୁଣି ଥରେ ବିଶ୍ୱର ୨ ନମ୍ବର ମାଲେସୀୟ ଯୋଡ଼ିଙ୍କୁ ହରାଇବାରେ ବିଫଳ ହୋଇଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନ ଓ ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା ଆରୋନ ଓ ସୋ'ଙ୍କଠାରୁ ସାତ୍ୱିକ ଓ ଚିରାଗ ୧୩-୨୧, ୧୭-୨୧ରେ ପରାସ୍ତ ହୋଇଛନ୍ତି। ଦୁଇ ଯୋଡ଼ିଙ୍କ ମଧ୍ୟରେ ଏହା ହେଉଛି ୧୪ତମ ଭେଟ। ହେଡ୍ ଟୁ ହେଡ୍ ରେକର୍ଡରେ ମାଲେସୀୟ ଯୋଡ଼ି ଆଧିପତ୍ୟ ବିସ୍ତାର କରିଛନ୍ତି। ସୂଚନାଯୋଗ୍ୟ, ଆରୋନ ଓ ସୋ ଟୋକିଓ ଅଲିମ୍ପିକ୍ସ କ୍ୱାର୍ଟରଫାଇନାଲରେ ମଧ୍ୟ ଏହି ଭାରତୀୟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଚଳିତ ସିଜନରେ ସାତ୍ୱିକ-ଚିରାଗ ଯୋଡ଼ିଙ୍କ ପ୍ରଦର୍ଶନ ଭଲ ରହିଛି। ଏହା ପୂର୍ବରୁ ସେମାନେ ଇଣ୍ଡିଆ ଓପନ, ସିଙ୍ଗାପୁର ଓପନ ଓ ମାଲେସିଆ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଓଡ଼ିଶାର ସୁତଭ୍ୟଙ୍କୁ ଡବଲ ଟାଇଟଲ

**ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ**



ପୁରସ୍କାର ସହ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୬ା୭ (ତପନ ସ୍ୱାଇଁ)**

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ (ଟିଏସ୭) ଟେନିସ (୧୪ ଓ ୧୬ ବର୍ଷରୁ କମ୍) ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଶନିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ସୁତଭ୍ୟ କର୍ମକାର ଡବଲ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା, ଆସାମ ଆଦି ୫ ରାଜ୍ୟରୁ ୫୨ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସୁତଭ୍ୟ ୬-୪, ୭-୫ ସେଟ୍‌ରେ ପଶ୍ଚିମବଙ୍ଗର ସୟଦ ଫୈଜାନ ହୁସେନଙ୍କୁ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ଫୈଜାନଙ୍କ ଯୋଡ଼ି ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଓ ସୁୟାଶ ପଟ୍ଟନାଏକଙ୍କୁ ୬-୨, ୬-୨ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷ ୭-୫, ୬-୦ରେ ଆସାମର ଚନ୍ଦ୍ରା ମହାନ୍ତିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ସଞ୍ଜୀପ ପଣ୍ଡା ଓ ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଇତି ପ୍ରଧାନ ଟୁର୍ନାମେଣ୍ଟ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।

**ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍**

# ତନ୍‌ଭି, ଭେନାଲାଙ୍କୁ ବ୍ରୋଞ୍ଜ ପଦକ

**ସୋଲୋ (ଇଣ୍ଡୋନେସିଆ), ୨୬ା୭ (ପି.ଟି.)**

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ବ୍ୟକ୍ତିଗତ ଚାମ୍ପିୟନଶିପ୍‌ରେ ଭାରତର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍‌ଭି ଶର୍ମା ଓ ଭେନାଲା କାଲାଗୋଟ୍ଲା ପ୍ରଭାବୀ ଅଭିଯାନ ବ୍ରୋଞ୍ଜ ପଦକ ସହ ଶେଷ ହୋଇଛି। ଟୁର୍ନାମେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ଐତିହାସିକ ସଫଳତା। ଇଭେଣ୍ଟର ଗୋଟିଏ ସଂସ୍କରଣରେ ଦୁଇ ମହିଳା ସିଙ୍ଗଲ୍ସ ଖେଳାଳି ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ସେମିଫାଇନାଲରେ ଭେନାଲା ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଚାଇନାର ଲିୟୁ ସି ୟାଙ୍କଠାରୁ ୧୫-୨୧, ୧୮-୨୧ରେ ପରାଜିତ ହୋଇଥିଲେ। ଅନ୍ୟ କୋର୍ଟରେ ଦ୍ୱିତୀୟ ସିଡ୍ ତନ୍‌ଭି ଶର୍ମା ୮ମ ସିଡ୍ ଚାଇନାର ୟିନ୍ ୟି କ୍ୱିଙ୍ଗ୍‌ଙ୍କଠାରୁ ୧୩-୨୧, ୧୪-୨୧ରେ ହାରିଯାଇଥିଲେ। ଏହି ଦୁଇଟିଯାକ ମ୍ୟାଚ ୩୫ ମିନିଟ୍‌ରେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ତନ୍‌ଭି ଗତ ମାସରେ ୟୁଏସ୍ ଓପନ ସୁପର ୩୦୦ ଟୁର୍ନାମେଣ୍ଟରେ ରନରଅପ୍ ହୋଇଥିଲେ।

# ଭର୍ଷ୍ଟାପେନ୍ ଜିତିଲେ ସ୍ପ୍ରିଣ୍ଟ ରେସ୍

**ବେଲଜିଆନ ଗ୍ରାଁ ପ୍ରି**

**ସ୍ପା-ଫ୍ରାଙ୍କୋରଚାମ୍ପ୍ସ (ବେଲଜିୟମ), ୨୬ା୭ (ଏପି)**



ଓସ୍କାର ପିଆଷ୍ଟ୍ରିଙ୍କୁ ଅତିକ୍ରମ କରି ମାକ୍ସ ଭର୍ଷ୍ଟାପେନ୍ ବେଲଜିଆନ ଫର୍ମୁଲା-୧ ଗ୍ରାଁ ପ୍ରି ସ୍ପ୍ରିଣ୍ଟ ରେସ୍ ଜିତିଛନ୍ତି। ଶନିବାର ଅନୁଷ୍ଠିତ ୧୫ ଲାପ୍ ବିଶିଷ୍ଟ ଏହି କ୍ୱାଲିଫାଇଂ ରେସ୍‌ରେ ଭର୍ଷ୍ଟାପେନ୍ ପ୍ରଥମ ଲାପ୍‌ରୁ ହିଁ ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଦେଇଥିଲେ। ଅଷ୍ଟ୍ରେଲୀୟ ରେସ୍‌ରେ ଭର୍ଷ୍ଟାପେନ୍‌ଙ୍କ ନିକଟତର ରହିଥିଲେ ହେଁ ୪ଥର ଚାମ୍ପିୟନଙ୍କୁ ଅତିକ୍ରମ କରିବା ଲାଗି ସୁଯୋଗ ପାଇ ନ ଥିଲେ। ମ୍ୟାକଲରେନର ଅନ୍ୟ ଡ୍ରାଇଭର ଲାଣ୍ଡୋ ନୋରିସ ଫେରାରିର ଚାର୍ଲ୍ସ ଲେକ୍‌ଲେର୍କ୍‌ଙ୍କୁ ପଛରେ ପକାଇ ତୃତୀୟ ସ୍ଥାନରେ ରହିଥିଲେ। ମେ'ରେ ଏମିଲିଆ-ରୋମାଗ୍ନା ଗ୍ରାଁ ପ୍ରି ପରଠାରୁ କୌଣସି ପ୍ରକାର ରେସ୍‌ରେ ଏହା ହେଉଛି ଭର୍ଷ୍ଟାପେନଙ୍କ ପ୍ରଥମ ବିଜୟ। ଅକ୍ଟୋବରରେ ୟୁଏସ୍ ଗ୍ରାଁ ପ୍ରି ପରଠାରୁ ଏହା ହେଉଛି ତାଙ୍କର ପ୍ରଥମ ସ୍ପ୍ରିଣ୍ଟ ରେସ୍ ବିଜୟ। ଷ୍ଟାଣ୍ଡିଂରେ ନୋରିସଙ୍କଠାରୁ ପିଆଷ୍ଟ୍ରିଙ୍କ ଅଗ୍ରଣୀ ବ୍ୟବଧାନ ୮ରୁ ୯କୁ ବୃଦ୍ଧି ପାଇଛି। ଭର୍ଷ୍ଟାପେନ୍ ୬୮ ପଏଣ୍ଟ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିଛନ୍ତି। ଲେକ୍‌ଲେର୍କ୍ ରେସ୍‌ରେ ଚତୁର୍ଥ ସ୍ଥାନରେ ରହି ହାସ୍ ପାଇଁ ଭଲ ଫଳାଫଳ ଆଣି ଦେଇଛନ୍ତି।

# ଜାଭି, ପେପଙ୍କ ଆବେଦନ ଅସଲ ନ ଥିଲା: ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ,୨୬ା୭(ପି.ଟି.)**

ଭାରତୀୟ ଫୁଟବଲ ଦଳର କୋଚ୍ ପଦବୀ ପାଇଁ ବିଶ୍ୱକପ୍ ବିଜୟୀ ସ୍ପାନିଶ କିମ୍ବଦନ୍ତୀ କୋଚ୍ ଜାଭି ହର୍ନାଣ୍ଡେଜ ଓ ପେପ ଗୁଆର୍ଡିଓଲା ଆବେଦନ କରିଥିବା ନେଇ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଜଣେ ଅଧିକାରୀ ଦାବି କରିଥିଲେ। ତେବେ ସେହି ଦୁଇଟି ଆବେଦନ ଅସଲ ନ ଥିଲା ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ରଖାଯାଇଛି।

"ଏଆଇଏଫ୍‌ଏଫ୍‌କୁ ସ୍ପାନିଶ କୋଚ୍ ଗୁଆର୍ଡିଓଲା ଓ ହର୍ନାଣ୍ଡେଜଙ୍କ ଇ-ମେଲ ମିଳିଥିଲା। ସେମାନଙ୍କ ଆବେଦନର ସତ୍ୟତା ସ୍ପଷ୍ଟ ହୋଇପାରି ନ ଥିଲା। ପରେ ଇ-ମେଲ ଆବେଦନଗୁଡ଼ିକ ଅସଲ ନ ଥିବା ଜଣାପଡ଼ିଥିଲା" ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ବିବୃତିରେ କୁହାଯାଇଛି। ଫେଡେରେଶନର ଜଣେ ଅଧିକାରୀ ନାଁ ନ କହିବା ସର୍ତ୍ତରେ କହିଥିଲେ ଯେ, ଭାରତୀୟ ଦଳର ମୁଖ୍ୟ କୋଚ୍ ଲାଗି ଜାଭି ଆବେଦନ କରିଥିଲେ। ହେଲେ ଏଆଇଏଫ୍‌ଏଫ୍ ନିକଟରେ ତାଙ୍କୁ ନିଯୁକ୍ତ କରିବା ପାଇଁ ଟଙ୍କା ନ ଥିବାରୁ ତାଙ୍କ ଆବେଦନକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଆଇଏମ୍ ବିଜୟନଙ୍କ ନେତୃତ୍ୱାଧୀନ ଟେକ୍ନିକାଲ କମିଟି ପକ୍ଷରୁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କ ନାମ ଶର୍ଟଲିଷ୍ଟ କରାଯାଇ ଫେଡେରେଶନର କାର୍ଯ୍ୟକାରୀ ପରିଷଦକୁ ପଠାଯାଇଛି। ଏଥିରେ ଭାରତୀୟ କୋଚ୍ ଖାଲିଦ ଜମିଲ, ସ୍ଲୋଭାକିଆର ଷ୍ଟେଫାନ ଟାର୍କୋଭିକ୍ ଓ ଷ୍ଟିଫେନ କନଷ୍ଟାଣ୍ଟାଇନଙ୍କ ନାମ ରହିଛି। ବିଜୟନ କହିଛନ୍ତି ଯେ, ବିସ୍ତୃତ ଆଲୋଚନା ପରେ ୧୦ ପ୍ରାର୍ଥୀଙ୍କ ତାଲିକା ରିଭ୍ୟୁ ଲାଗି କମିଟି ନିକଟକୁ ପଠା ଯାଇଥିଲା।

## Classified Everyday
0674-2580101, 9692975378


**MATRIMONIAL**

**BRIDE WANTED**

Beautiful Barik Girl 25, MBA BBSR base Service/ Established Business. 9853366347. D-1432

Handsome Brahmin Boy 1994, 5'11", B.Tech, MBA, Serving Officer SBI "SUNASANSAR". 9937512659. D-76298

**GROOM WANTED**

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1435

41 Widow Karan Caste କାର୍ଯ୍ୟରତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7873680393. D-1434

Retd. unmrd. General ଜାତିର କନ୍ୟା ପାଇଁ ଯେକୌଣସି ଜାତିର Unmrd./Widow/ Divorce ବରପାତ୍ର ଆବଶ୍ୟକ। 6370471610. D-1433


**REAL ESTATE SALE**

**Nearest Grand Bazar Project 30 Feet Wide Road Gharabari plot with Boundarywall 1.5Km. Distance from NH-16 Price-1800/- per square feet. Contact- 9337493150.** D-1425

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

**ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343.** D-76296

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

**Land near Balasore Town for Sale. Residential plot 19 decimals near Harihat in Village Sindhia near Balighat and 278 decimals Residential/ Farm House / Commercial Plots in Village Sahupada near Balasore, Baripada National Highway. Please contact immediately- 7656861995.** D-75850

**କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834.** D-76286




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Positively health benefits SPA expert female therapist homely atmosphere. 9114559830. D-76295

**LOST**

ମୁଁ ରଞ୍ଜିତ ଝା, ପୁତ୍ର ଦିବଂଗତ ରଘୁନନ୍ଦନ ଝା, ବାସିନ୍ଦା କଲ୍ୟାଣୀନଗର, କଟକ, ଏହି ମାଧ୍ୟମରେ ଘୋଷଣା କରୁଛି ଯେ, ୧୬।୦୭।୨୦୨୫ରେ କଲ୍ୟାଣୀନଗରରୁ ଲିଙ୍କ୍‌ରୋଡ୍ ଯିବା ବେଳେ ମୋ ମୂଳ ଲିଙ୍କ୍ଡ ବିକ୍ରୟପତ୍ର (Linked Sale Deed) ହରାଇଯାଇଛି। ଏହି ବିକ୍ରୟପତ୍ର ସଂଖ୍ୟା 10391306729 ଯାହା ଉତ୍ତମପୁର ମୌଜା, ଖତିଆନ୍ ସଂଖ୍ୟା 247/1912 ଓ ପ୍ଲଟ୍ ସଂଖ୍ୟା 1221/3489 ସହ ସଂପୃକ୍ତ। ଉକ୍ତ ଜମି ରୁଚି କନ୍‌ଷ୍ଟ୍ରକ୍‌ସନ ଏବଂ ପ୍ରମୋଟର୍ସ ଠାରୁ ରାଜୀବଲୋଚନ ସାହୁ କେ 27.08.2013ରେ ବିକ୍ରୟ କରାଯାଇଥିଲା ଓ ସେହି ଜମି 13.06.2023ରେ ମୋତେ ବିକ୍ରୟ କରାଯାଇଥିଲା। ଯଦି ମିଳେ, ଦୟାକରି ଯୋଗାଯୋଗ କରନ୍ତୁ। 9437031456. D-1431

**AFFIDAVIT**

ମୁଁ ଦୀପକ ମୋହନ ରୋହେଲା, ପୁତ୍ର ରାଜେନ୍ଦ୍ର ସିଂହ ରୋହେଲା, ନିବାସୀ- ୮୦୩, ଜୟଦେବ ବିହାର, ଭୁବନେଶ୍ୱର, ମୋ ନାମ 'ଦୀପକ ରାଠୋର' କରିଛି। ଏହି ନାମ ଦଳି ଆଫିଡେଭିଟ୍ ୨୨।୦୭।୨୦୨୫ରେ ଦାଖଲ। ଧ-୧୪୩୭

By virtue of an affidavit sworn before the Executive Magistrate, Puri on dtd. 09.06.2025, I, Sushree Priyadarshini Parida, D/o-Bibeka Nanda Parida, At-Arihan, P/O.-Rua, P/S.-Chandanpur, Dist.- Puri, Odisha declared that I have changed my name and address from Sushree Priyadarshini Parida, D/o-Bibeka Nanda Parida, At-Arihan P/O.-Rua, P/S.-Chandanpur, Dist.- Puri to Sushreeta Priyadarshini Parida, W/o-Praveen Kumar Parida, At-Handiali, P/O.-Gadarodanga, P/S.-Brahmagiri, Dist.- Puri for all purposes. D-1436

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରିଦ୍ମିକ୍ ଯୋଗ



**ଯେପରି ଶରୀର ସୁସ୍ଥ ରହିବା ଲାଗି ନିୟମିତ ଯୋଗ କରିବା ବେଶ୍ ଉପକାରୀ, ଠିକ୍ ସେହିପରି ମାନସିକ ସ୍ୱାସ୍ଥ୍ୟ ପାଇଁ ସଂଗୀତ ଖୁବ୍ ଉପାଦେୟ ହୋଇଥିବାରୁ ଚିକିତ୍ସା ବିଜ୍ଞାନରେ ମଧ ମ୍ୟୁଜିକ୍ ଥେରାପିକୁ ଅଗ୍ରାଧିକାର ଦିଆଯାଇଛି। ତେବେ ଏହି ଦ୍ୱୟର ସମାହାରରେ ସୃଷ୍ଟି ହୋଇଥିବା ରିଦ୍ମିକ୍ ଯୋଗ ମଣିଷକୁ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବାରୁ ଏହା ବର୍ତ୍ତମାନ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ ପାଲଟିଛି...**

ସଂଗୀତର ତାଳେ ତାଳେ ଯୋଗ କରିବାକୁ ରିଦ୍ମିକ୍ ଯୋଗ କୁହାଯାଇଥାଏ। ଏଥିପାଇଁ ବିଭିନ୍ନ ଶାସ୍ତ୍ରୀୟ ସଂଗୀତ, ଭକ୍ତି ସଂଗୀତ, ମନ୍ତ୍ର ତଥା ଧ୍ୱନି ବ୍ୟବହାର କରାଯାଇଥାଏ। ଯେମିତିକି ସୂର୍ଯ୍ୟ ନମସ୍କାର ସମୟରେ କୌଣସି ସଂଗୀତ ବଜାଇଲେ ଏହାର ତାଳ ଓ ଲୟ ସହିତ ପ୍ରତିଟି ଆସନ କରିବାରେ ଏହାର ସାମଞ୍ଜସ୍ୟ ରହିଥାଏ। ପ୍ରାଣାୟାମ କିମ୍ବା ଧ୍ୟାନ କରିବା ବେଳେ ଓମ୍ ଧ୍ୱନି କିମ୍ବା ବଂଶୀ ସ୍ୱର, ସ୍ଲୋ ମ୍ୟୁଜିକ୍ ବଜାଇବା ଦ୍ୱାରା ଶ୍ୱାସକ୍ରିୟାରେ ନିୟନ୍ତ୍ରଣ ରହିବା ସହ ମନ ଶାନ୍ତ ରହିଥାଏ ଏବଂ ଏକାଗ୍ରତା ବୃଦ୍ଧି ପାଇଥାଏ। କିଛି ବର୍ଷ ହେବ ଫିଟ୍‌ନେସ୍ ପାଇଁ ପ୍ରତ୍ୟେକ ଜିମ୍ ସେଣ୍ଟରରେ ମ୍ୟୁଜିକ୍ ତାଳେ ତାଳେ ଏକ୍ସରସାଇଜ୍ କରିବା ବା ଜୁମ୍ବା ଡ୍ୟାନ୍ସ କରାଯାଉଥିବା ଦେଖାଯାଉଛି। ହେଲେ ବର୍ତ୍ତମାନ ମ୍ୟୁଜିକ୍ ସହିତ ଯୋଗ କରିବା ମଧ ଏକ ଲାଟେଷ୍ଟ ଫିଟ୍‌ନେସ୍ ଟ୍ରେଣ୍ଡ ପାଲଟୁଥିବା ଦେଖିବାକୁ ମିଳୁଛି। ତେବେ ଯୁବପିଢ଼ି ନିଜକୁ ଫିଟ୍ ରଖିବା ଲାଗି ରିଦ୍ମିକ୍ ଯୋଗ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି।

## ରିଦ୍ମିକ୍ ଯୋଗର ଅନେକ ଉପକାରିତା ରହିଛି

**ଏକାଗ୍ରତା ବୃଦ୍ଧି କରିଥାଏ:** ଯୋଗ କଲେ ଅନେକ ଉପକାରିତା ମିଳିଥାଏ। ହେଲେ ରିଦ୍ମିକ୍ ଯୋଗ କରିବା ବା ସଂଗୀତର ଶବ୍ଦ ମସ୍ତିଷ୍କର ତନ୍ତ୍ରିଗୁଡ଼ିକ ଶାନ୍ତ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିଥାଏ। ଓମ୍ ଉଚ୍ଚାରଣ, ବିଭିନ୍ନ ରାଗ କିମ୍ବା ଶାସ୍ତ୍ରୀୟ ସଂଗୀତ, ବଂଶୀ ଶବ୍ଦ, ଓମ୍ ନମଃ ଶିବାୟ ଉଚ୍ଚାରଣ ସହିତ ଯୋଗ କଲେ ଶରୀରର ବିଭିନ୍ନ ଅଙ୍ଗକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କରେ ଆଲ୍‌ଫା ତରଙ୍ଗ ବୃଦ୍ଧି ପାଇଥାଏ, ଯାହାକି ଏକାଗ୍ରତା ସହ ରଚନାତ୍ମକତା ତଥା କଳାତ୍ମକତା ବୃଦ୍ଧି କରିଥାଏ।

**ମନ ସ୍ଥିର ରଖିବା ସହ ସୁନିଦ୍ରା କରାଏ:** ଓମ୍ ଉଚ୍ଚାରଣ କରିବା କିମ୍ବା ଏହି ଶବ୍ଦ ଲଗାଇ ଏହାର ତାଳେ ତାଳେ ଯୋଗ କଲେ ଏହା ମସ୍ତିଷ୍କର ପ୍ରିଫ୍ରଣ୍ଟାଲ୍ କର୍ଟେକ୍ସକୁ ସକ୍ରିୟ କରିଥାଏ। ଯାହାକି ଧ୍ୟାନ କେନ୍ଦ୍ରିତ କରିବା ବା ସ୍ଥିରମନା ହେବା ସହ ନିଷ୍ପତ୍ତି ନେବାର କ୍ଷମତାକୁ ବୃଦ୍ଧି କରିଥାଏ। ଓମ୍ ଉଚ୍ଚାରଣ ସହିତ ଭ୍ରାମରୀ ପ୍ରାଣାୟାମ କଲେ ସୁନିଦ୍ରା ମିଳିଥାଏ।

**ଅବସାଦମୁକ୍ତ ରଖିଥାଏ:** ସଂଗୀତ ଏବଂ ଯୋଗର ସଂଯୋଗରେ କର୍ଟିସୋଲ୍ (ଅବସାଦ ହର୍‌ମୋନ) ସ୍ତରକୁ ହ୍ରାସ କରାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ମୁତାବକ ମ୍ୟୁଜିକ୍ ଥେରାପି ଓ ଯୋଗ ଏକତ୍ର କରିବା ଦ୍ୱାରା ମାନସିକ ଚିନ୍ତା, ଅବସାଦ ବା ଡିପ୍ରେଶନ ସମସ୍ୟା ଖୁବ୍‌ଶୀଘ୍ର କମ୍ ହୋଇଥାଏ।

**ମାନସିକ ସନ୍ତୁଳନ ରକ୍ଷାକରେ:** ମ୍ୟୁଜିକ୍ ବା ସଂଗୀତ ଭାବ ପ୍ରକାଶର ଏକ ବଳିଷ୍ଠ ମାଧ୍ୟମ। ତେଣୁ କୌଣସି କାରଣରୁ ମନ ବିଚଳିତ, ବ୍ୟସ୍ତ ବିବ୍ରତ ହୋଇ ଉଠେ ଏବଂ ଅବସାଦ ଭାବନା ଜାଗ୍ରତ ହୁଏ, ଏମିତିରେ ନିଜ ମାନସିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଲାଗି ରିଦ୍ମିକ୍ ଯୋଗ କରିବା ବେଶ୍ ଲାଭଦାୟକ ହୋଇଥାଏ। ଜର୍ନାଲ୍ ଅଫ୍ ମ୍ୟୁଜିକ୍ ଥେରାପିରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ରିଦ୍ମିକ୍ ଯୋଗ ମସ୍ତିଷ୍କରେ ଡୋପାମାଇନ୍ (ଖୁସି ହର୍ମୋନ) କ୍ଷରଣ ବୃଦ୍ଧି କରିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ଏବଂ ମଣିଷକୁ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ।

**ହୃଦ୍‌ରୋଗ ଆଶଙ୍କା କମାଏ:** ରିଦ୍ମିକ୍ ଯୋଗ କରିବା ସମୟରେ ବିଭିନ୍ନ ମ୍ୟୁଜିକ୍‌ର ରିଦମ୍ ଅନୁଯାୟୀ ଯୋଗାସନ କରିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଓ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ହୃତ୍‌ପିଣ୍ଡ ଓ ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ଠିକ୍ ଭାବେ ପହଞ୍ଚିପାରେ। ଫଳରେ ହୃତ୍‌ପିଣ୍ଡ ଏବଂ ଧମନୀ ସୁସ୍ଥ ରହିଥାଏ, ଫଳରେ ହୃଦ୍‌ରୋଗ ଆଶଙ୍କା କମିଥାଏ।




### ବାଦ୍ୟ-ସଙ୍ଗୀତର ଧୁନ୍ ସହ ଯୋଗର ବଢ଼ୁଛି ଆଦର



ଯୋଗ ଏବଂ ଆସନ ଅନେକ ପ୍ରକାରର ଥିଲାବେଳେ ଏହାକୁ ମଧ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଅବସ୍ଥାରେ କରାଯାଏ । ଏପରିକି ରୋଗ ପାଇଁ ବି ଯୋଗ ରହିଛି । ସାଧାରଣ ଭାବରେ ପୂର୍ବରୁ ଆମର ମୁନି-ଋଷି ଓଁକାର ଧ୍ୱନି ସହ ଧ୍ୟାନସ୍ଥ ହେଉଥିବା ଆମେ ପଢ଼ିଛୁ। ସେହି ଧ୍ୱନି ଯୋଗ ସହ ଯେତେବେଳେ ସମନ୍ୱୟ ହୁଏ, ମାନବ ଶରୀରରେ ଏକ ଅଦ୍ଭୁତ ଶିହରଣ ସୃଷ୍ଟି ହୁଏ, ଭିନ୍ନ ତରଙ୍ଗ ଖେଳିଯାଏ । ପୂରା ମନପ୍ରାଣ ତଲ୍ଲୀନ ହୋଇଉଠେ। ସୁସ୍ଥ, ସତେଜ, ସ୍ଫୂର୍ତ୍ତି ସହ ପୂରା ମନ ପ୍ରଫୁଲ୍ଲିତ ହୋଇଉଠେ। ସେହି ଧ୍ୱନିର ଧୁନ୍ ଏତେ କ୍ଷମତା, ଯାହା ମନକୁ ସ୍ଥିର ରଖିବା ସହ ଏକାଗ୍ରତା ଜାଗ୍ରତ କରେ। ଆଜି ବି ସେହି ଧାରାରେ ସମସ୍ତେ ଚାଲିଛନ୍ତି, କିନ୍ତୁ ଏବେ ସମୟ ସହ କିଛି ପରିବର୍ତ୍ତନ ନୁହେଁ ବରଂ କିଛି ନୂଆ କଥା ଯୋଡ଼ି ହୋଇଛି। ବାଦ୍ୟ- ତାଳ- ଲୟକୁ ନେଇ ବିଭିନ୍ନ ସଂଗୀତ ଓ ସଂଗୀତର ଧୁନ୍‌ରେ ଯୋଗ ହେଉଛି। ଉଭୟର ଅପୂର୍ବ ସମ୍ମିଶ୍ରଣ କରି ମନ ଏବଂ ଶରୀର ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ପ୍ରୟାସ ହେଉଛି, ଯାହା ପ୍ରେମରେ ଏବେ ସମସ୍ତେ। ସେଥିପାଇଁ ସାଧାରଣ ଯୋଗ ଅପେକ୍ଷା ରିଦ୍ମିକ ବା ଧ୍ୱନିଯୁକ୍ତ ଯୋଗର ଆଦର ବଢ଼ିଛି। ଏମିତିରେ ବି ଚିକିତ୍ସା ବିଜ୍ଞାନରେ ରୋଗୀକୁ ସଂଗୀତ ଥେରାପି ବା ମ୍ୟୁଜିକ ଥେରାପିର ଚମତ୍କାରିତାର ବହୁ ସଫଳ କାହାଣୀ ରହିଛି । ତେଣୁ ସଂଗୀତ ଆମ ଭିତରେ ଅଛି, ତାକୁ ଏହି ଯୋଗ ଦ୍ୱାରା ହିଁ ସାଧନ କରାଯାଏ। କିନ୍ତୁ ଆଜି ଉଭୟର ମିଳନରେ ଯେଉଁ ଯୋଗକ୍ରିୟା ଚାଲିଛି, ତାହା ରିଦ୍ମିକ ଯୋଗ ଭାବେ ବହୁଳ ଲୋକପ୍ରିୟ। ଯେମିତି ଅତ୍ୟାଧୁନିକ ଜିମ ସେଣ୍ଟର ଏବଂ ବିଭିନ୍ନ ଡ୍ୟାନ୍ସ ସେଣ୍ଟରରେ ବି ସଂଗୀତ ସହ ସବୁ କିଛି ହେଉଛି; ସେମିତି ଯୋଗ ସାଧନ କେନ୍ଦ୍ରରେ ବି ସଂଗୀତ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଆଜି ଯୋଗ କେନ୍ଦ୍ର ବା ଯୋଗ ପାଠ୍ୟକ୍ରମରେ ବି ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏପରିକି ଯୋଗ କେନ୍ଦ୍ରକୁ ଆସୁଥିବା ପ୍ରଶିକ୍ଷାର୍ଥୀ ବି ପଚାରୁଛନ୍ତି ଯେ ଆପଣଙ୍କ ଅନୁଷ୍ଠାନରେ ରିଦ୍ମିକ ଯୋଗ ଶିକ୍ଷା ଦିଆଯାଉଛି କି ନାହିଁ । ଯୋଗ ସମ୍ପୂର୍ଣ୍ଣ ଶରୀରକୁ ଏବଂ ତା'ସହିତ ସଂଗୀତ ମନକୁ ସହଜରେ ନିୟନ୍ତ୍ରଣ କରିବାରେ ବେଶ ସହାୟକ ହେଉଛି । ଏହାଛଡ଼ା ଆମ ଜୀବନରେ ସଂଗୀତର ଗୁରୁତ୍ୱ ଏବଂ ପ୍ରଭାବକୁ ବି ଆମେ ଉପଲବ୍ଧି କରିପାରୁଛୁ । ଆମ ଅନୁଷ୍ଠାନ ବି ଏହି ଯୋଗ ସାଧନା ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରୁଛି ।

*– **ସୌମ୍ୟା ଦାଶ,** ପ୍ରତିଷ୍ଠାତା ନିର୍ଦ୍ଦେଶିକା, ବ୍ଲିସ୍‌ଫୁଲ ଯୋଗ ସେଣ୍ଟର, ଭୁବନେଶ୍ୱର*





**ଗଣ୍ଠିଜନିତ ସମସ୍ୟା ଦୂରକରେ:** ଏପରି ଯୋଗ କରିବା ଦ୍ୱାରା ଶରୀରର ସବୁ ଗଣ୍ଠି ସ୍ଥାନରେ ଥିବା ଯନ୍ତ୍ରଣା ଦୂର ହୋଇଥାଏ। ବିଶେଷକରି ଅଧିକ ସମୟ ବସି ପଢୁଥିବା କିମ୍ବା ଦୀର୍ଘ ସମୟ କମ୍ପ୍ୟୁଟରରେ ଡେସ୍କ ଜବ୍ କରୁଥିବା ଯୁବପିଢ଼ିଙ୍କ ପାଇଁ ଏହି ଯୋଗ ବେଶ୍ ଉପକାରୀ।

**ରଖେ ସ୍ଲିମ୍ ଫିଟ୍:** ବର୍ତ୍ତମାନ ମେଦ ବହୁଳତା ଅଧିକାଂଶଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁଁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା ବି ବୃଦ୍ଧି ପାଉଛି। ହେଲେ ପ୍ରତିଦିନ ରିଦ୍ମିକ୍ ଯୋଗ କଲେ ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ଶରୀର ସ୍ଲିମ୍ ଫିଟ୍ ରହିଥାଏ ଏବଂ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ନ ଥାଏ। ଏହା ପାଚନକ୍ରିୟାକୁ ମଧ ଠିକ୍ ରଖିଥାଏ। ସର୍ବୋପରି ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

– ପୌର୍ଣ୍ଣମାସୀ

---

**ୟୁଥ୍ ଆଲର୍ଟ**

# ଅନ୍‌ଲାଇନ୍ ଜବ୍ ଆପ୍ଲାଏ କରୁଥିଲେ...

**ଆଜିକାଲି ଜବ୍ ଆଶାୟୀ ପ୍ରାର୍ଥୀ ଅନ୍‌ଲାଇନ୍‌ରେ ଯେକୌଣସି ଜବ୍ ଅଫର୍ ପାଇଲେ ତାହା ଯେପରି ହାତଛଡ଼ା ନ ହୋଇଯାଉ, ସେଥିପାଇଁ ତୁରନ୍ତ ଆପ୍ଲାଏ କରିବାକୁ ପଛାଉନାହାନ୍ତି। ହେଲେ କେବେକେବେ ଏହା ସେମାନଙ୍କୁ ଠକିବା ଲାଗି ହ୍ୟାକର୍‌ମାନଙ୍କର ଏକ ପ୍ଲାନ୍ ହୋଇଥାଏ। ତେଣୁ ଏ ଦିଗରେ ସତର୍କ ରହିବା ନିହାତି ଆବଶ୍ୟକ...**

❖ବର୍ତ୍ତମାନ ହ୍ୟାକର୍‌ମାନେ ଇ-ମେଲ୍ ଜରିଆରେ ଫେକ୍ ଜବ୍ ଅଫର ଦେଇ ଅନେକଙ୍କୁ ଲୁଟୁଥିବାର ଦେଖିବାକୁ ମିଳୁଛି। ତେଣୁ ଇ-ମେଲ୍‌କୁ କୌଣସି ଜବ୍ ଅଫର ଆସିଲେ ତୁରନ୍ତ ଆପ୍ଲାଏ କରି ନିଜର ପର୍ସନାଲ୍ ଡାଟା ଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ପ୍ରଥମେ ଭଲ ଭାବେ ଦେଖନ୍ତୁ ତାହା ଏକ ଠିକ୍ ତଥା ରେଜିଷ୍ଟର୍ଡ ଆଇଡି କି ନୁହେଁ। କାରଣ ଅନେକ ନାମୀଦାମୀ କମ୍ପାନୀ ନାଁରେ ସାମାନ୍ୟ ସ୍ପେଲିଂ ଭୁଲ୍ ଥିବା ଡୋମେନ୍ ନେମ୍ ଅବା ଇ-ମେଲ୍ ଆଡ୍ରେସ୍‌ରେ ଆସୁଥିବା ଜବ୍ ଅଫର ଦେଖିଲେ ଯେ କେହିବି ଧୋକା ଖାଇଯିବେ। ତେଣୁ ଏଥିପ୍ରତି ସତର୍କ ରହିବା ସହ କେବଳ କମ୍ପାନୀର ନିଜସ୍ୱ କ୍ୟାରିୟର୍ ପେଜ୍‌କୁ ଯାଇ ଆବେଦନ କରନ୍ତୁ।



❖ଯଦି ବିଦେଶୀ କମ୍ପାନୀରେ କୌଣସି ଜବ୍ ପାଇଁ ଆପ୍ଲାଏ କରୁଛନ୍ତି, ତେବେ ସିଧାସଳଖ ଯୋଗାଯୋଗ କରନ୍ତୁ। କାରଣ କୌଣସି ଏଜେଣ୍ଟଙ୍କ ମାଧ୍ୟମରେ ଗଲେ ଆପଣ ଠକାମିର ଶିକାର ହୋଇପାରନ୍ତି।

❖କୌଣସି ଜବ୍ ପାଇଁ ଯଦି ଆପଣଙ୍କୁ ଆବଶ୍ୟକତାଠାରୁ ଖୁବ୍ ଅଧିକ ପ୍ୟାକେଜ୍ ଦିଆଯିବାକୁ କୁହାଯାଏ, ତେବେ ଜାଣିରଖନ୍ତୁ ଏହା ଆପଣଙ୍କୁ ଠକିବାର ଚାଲ୍ ହୋଇପାରେ। ବିଶେଷକରି କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବତୀଯୁବକଙ୍କୁ ବାହାର ରାଜ୍ୟ ବା ଦେଶରେ ଅଧିକ ଦରମାରେ ଚାକିରି କରାଇଦେବା, ରହିବା, ଖାଇବା ମାଗଣା ଭଳି ଲୋଭ ଦେଖାଇ ଦଲାଲ୍‌ମାନେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରୁଥିବାର ଅନେକ ଘଟଣା ନଜିର ରହିଛି। ଏଥିପ୍ରତି ସତର୍କ ରୁହନ୍ତୁ।

❖ଯଦି କୌଣସି ଜଣାଶୁଣା କମ୍ପାନୀ ଜବ୍ ଦେବା ପୂର୍ବରୁ ସିକ୍ୟୁରିଟି, ରେଜିଷ୍ଟ୍ରେଶନ୍, ଡକ୍ୟୁମେଣ୍ଟ ଭେରିଫିକେଶନ୍ ଇତ୍ୟାଦି ଲାଗି ଟଙ୍କା ମାଗୁଛନ୍ତି ତେବେ ତାହା ଫେକ୍। କାରଣ କୌଣସି କମ୍ପାନୀ ଜବ୍ ଦେବା ଲାଗି ଟଙ୍କା ମାଗି ନ ଥା'ନ୍ତି। ଏ କ୍ଷେତ୍ରରେ କମ୍ପାନୀର ପଞ୍ଜୀକୃତ ଲ୍ୟାଣ୍ଡଲାଇନ୍ ନମ୍ବରକୁ କଲ୍ କରି ମେଲ୍ କିମ୍ବା ଟେଲିଫୋନ୍ ଯୋଗେ ଆପଣଙ୍କୁ ଯୋଗାଯୋଗ କରିଥିବା ବ୍ୟକ୍ତି ସମ୍ପର୍କରେ ସତ୍ୟାସତ୍ୟ ଯାଞ୍ଚ କରିନେବା ଆବଶ୍ୟକ।

❖ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି କେହି ଜବ୍ ଦେବା ପୂର୍ବରୁ ଆପଣଙ୍କ ବ୍ୟାଙ୍କ୍ ଡିଟେଲ୍ସ, ଆଧାରକାର୍ଡ ଭଳି ପର୍ସନାଲ୍ ଡାଟା ମାଗେ ତେବେ ସତର୍କ ରୁହନ୍ତୁ। ନଚେତ୍ ଏହାଦ୍ୱାରା ହ୍ୟାକର୍‌ଙ୍କୁ ଆପଣଙ୍କ ବ୍ୟାଙ୍କ୍ ଆକାଉଣ୍ଟ ହ୍ୟାକ୍ କରି ଟଙ୍କା ଚୋରି କରିବା ସହଜ ହୋଇଯିବ।



---

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ......... ଠାରେ ମହିଳା ଆରୋଗ୍ୟ କକ୍ଷର ଶୁଭାରମ୍ଭ କରାଯାଇଛି ?
୨– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‌ୟାଙ୍କିଙ୍ଗ୍ ଫ୍ରେମ୍‌ୱର୍କ ........... ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୩– ଲାଇରିଓଥେମିସ୍ ଆବ୍ରାହାମି ଏକ ପ୍ରକାରର ........ ପ୍ରଜାତିର ନାମ ?
୪– ଚୋଳ ଗଙ୍ଗମ୍ ହ୍ରଦ ............... ରାଜ୍ୟରେ ଅବସ୍ଥିତ ?
୫– ନ୍ୟାଶନାଲ୍ ହ୍ୟାଣ୍ଡଲୁମ୍ ଡେ' .............. ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଫ୍ରାନ୍ସ ଏବଂ ୟୁନାଇଟେଡ୍ କିଙ୍ଗଡମ୍
୨ ସୁଦର୍ଶନ ପଟ୍ଟନାୟକ
୩ ବୁଲ୍‌ଗେରିଆ
୪ ଆସାମ
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ –ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ସବୁଠୁ ବଡ଼ କସ୍‌ମେଟିକ୍ କମ୍ପାନୀ (୨୦୨୪)

L'ORÉAL

୧– ଲରିଏଲ୍ ..................... ୨୩୪.୭୫ ବିଲିଅନ ଡଲାର
୨– ଜିଭାଉଡାନ୍ .................. ୪୭ ବିଲିଅନ ଡଲାର
୩– ଇଷ୍ଟୀ ଲାଉଡର୍ ............................. ୩୨.୮୮ ବିଲିଅନ ଡଲାର
୪– ଇଣ୍ଟରନ୍ୟାଶନାଲ୍ ଫ୍ଲେଭର୍ସ ଆଣ୍ଡ ଫ୍ରାଗ୍ରାନ୍ସେସ୍ ........ ୨୬.୫୮ ବିଲିଅନ ଡଲାର
୫– ଗାଲ୍ଡେର୍ମା ଗ୍ରୁପ୍ ................................... ୨୨.୬୩ ବିଲିଅନ ଡଲାର
୬– କାଓ ............................................. ୨୦.୮୮ ବିଲିଅନ ଡଲାର
୭– ଅଲ୍ଟା ବ୍ୟୁଟି ..................................... ୧୬.୬୨ ବିଲିଅନ ଡଲାର
୮– ପୁଇଗ୍ ବ୍ରାଣ୍ଡ .................................... ୧୫.୮୨ ବିଲିଅନ ଡଲାର
୯– ଶିସେଇଡୋ ...................................... ୮.୭୯ ବିଲିଅନ ଡଲାର
୧୦– ଇଏଲ୍‌ଏଫ୍ କସ୍‌ମେଟିକ୍ସ ........................ ୮.୪୪ ବିଲିଅନ ଡଲାର

---

**ୟୁଥ୍ ଫ୍ୟାଶନ୍**

# ଫ୍ୟାଶନେବଲ୍ ରେନ୍ ଫୁଟ୍‌ୱେର

**ଦିନ ଥିଲା, ବର୍ଷାଋତୁ ଆସିଲେ ପାଣି ସଂସ୍ପର୍ଶରେ ଆସି ଫୁଟ୍‌ୱେର୍ ଯେପରି ନଷ୍ଟ ନ ହୋଇଯାଏ ସେନେଇ ବଢ଼ିଯାଉଥିଲା ଚିନ୍ତା। ହେଲେ ଏବେ ସେ ସମୟ ଆଉ ନାହିଁ। ବର୍ଷାଦିନ ପାଇଁ ମାର୍କେଟ୍‌ରେ ବିଭିନ୍ନ ଡିଜାଇନ୍‌ର ସ୍ପେଶାଲ ୱାଟରପ୍ରୁଫ ଫୁଟ୍‌ୱେର୍ ଉପଲବ୍ଧ; ଯାହାକି କରିଛି ଯୁବପିଢ଼ିଙ୍କ ମନ୍‌ସୁନ୍ ଆଉଟ୍‌ଫିଟ୍‌କୁ ଆହୁରି ଫ୍ୟାଶନେବଲ...**



✲ ଡ୍ରେସ୍ ସହିତ ମ୍ୟାଚିଂ ଚପଲ ବିନା ଗେଟ୍‌ଅପ୍ ଅଧା ଲାଗିଥାଏ। କିନ୍ତୁ ବର୍ଷାଦିନେ ଡିଜାଇନର ଚପଲ ପିନ୍ଧିବା ଯୁବପିଢ଼ିଙ୍କ ଲାଗି ସାଜେ ଚିନ୍ତାର କାରଣ। ହେଲେ ବର୍ତ୍ତମାନ ସ୍ପେଶାଲ ବର୍ଷାଦିନ ଲାଗି ମାର୍କେଟ୍‌ରେ ଅନେକ ପ୍ରକାରର ୱାଟରପ୍ରୁଫ୍ ଚପଲ ମିଳୁଛି, ଯାହା ମଧ୍ୟରୁ କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। କାରଣ ଏହାର ଏତେସବୁ ଷ୍ଟାଇଲିଶ୍ କଲେକ୍ସନ ମିଳୁଛି, ଯାହାକୁ ବିଚ୍ ଫୁଟ୍‌ୱେରଠୁ ଆରମ୍ଭ କରି କାଜୁଆଲ୍ ଏମିତିକି ପାର୍ଟି ଫୁଟ୍‌ୱେର୍ ଭାବେ ବ୍ୟବହାର କଲେ ବି ଆଇକ୍ୟାଚି ଲାଗୁଛି। ତେବେ ଏହା ନା କେବଳ ଆକର୍ଷଣୀୟ ଲୁକ୍ ଦେଉଛି ବରଂ ବେଶ୍ କମ୍ଫର୍ଟେବଲ୍ ମଧ ଲାଗୁଛି।

✲ ଯେଉଁମାନେ ଫୁଲ୍ କିମ୍ବା ହାଫ୍ ଶୁ ପିନ୍ଧିବାକୁ ପସନ୍ଦ କରନ୍ତି ଏବଂ ବର୍ଷାରେ ଏହା ଓଦା ହୋଇଯିବ ବୋଲି ଚିନ୍ତା କରୁଛନ୍ତି, ସେମାନଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ବି ମାର୍କେଟ୍‌ରେ ସହଜରେ ମିଳିଯାଉଛି। ଏହି ଜୋତାର ସୋଲ୍‌କୁ ଏଭଳି ପ୍ରସ୍ତୁତ ଯାଇଛି, ଯାହା ପିନ୍ଧିବାକୁ ବେଶ୍ ଆରାମଦାୟକ ହୋଇଥିବା ବେଳେ ଯାହାର ଗ୍ରିପ୍ ଷ୍ଟ୍ରଙ୍ଗ୍ ହୋଇଥିବାରୁ ଗୋଡ଼ ଖସିବାର ବି ଆଶଙ୍କା ନାହିଁ। ତା'ଛଡା ଏହାର ବିଭିନ୍ନ କଲର, ଡିଜାଇନ୍ ଏବଂ ସାଇଜ୍ ସହଜରେ ମିଳିଯାଉଥିବାରୁ ଯୁବପିଢ଼ି ଏହାକୁ ଖୁବ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

✲ ଯୁବକମାନେ ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ରବର ସୋଲ୍ ଫୁଟ୍‌ୱେର ବ୍ୟବହାର କରୁଛନ୍ତି। ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ଚପଲଗୁଡ଼ିକର ବିଭିନ୍ନ ଆକର୍ଷଣୀୟ ଡିଜାଇନ ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି।

✲ ବର୍ତ୍ତମାନ ବର୍ଷାଦିନ ପାଇଁ ବିଭିନ୍ନ ନାମୀଦାମୀ କମ୍ପାନୀର ଲାଇଟ୍‌ୱେଟ୍ ୱାଟରପ୍ରୁଫ୍ ୱାକିଂ ଶୁଜ୍ ମଧ ମାର୍କେଟ୍‌ରେ ଏବଂ ଅନ୍‌ଲାଇନ୍‌ରେ ମିଳିଯାଉଛି। ଅଧିକାଂଶ ଫୁଟ୍‌ୱେର ୟୁନିସେକ୍ସ ହୋଇଥିବାରୁ ଏହାକୁ ଯୁବପିଢ଼ି ୱାକିଂ, ଜଗିଂ, ଜିମ୍ ୱାର୍କଆଉଟ୍ ପାଇଁ ମଧ ବ୍ୟବହାର କରିପାରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହା ୱାଟରପ୍ରୁଫ୍ ହେବା ସହ ବ୍ରିଦେବଲ୍ ମ୍ୟାଟେରିଆଲ୍‌ରେ ପ୍ରସ୍ତୁତ ହୋଇଥିବାରୁ ଦିନସାରା ପାଦ ଶୁଖିଲା ରହିଥାଏ। ତା'ଛଡ଼ା ଏହାକୁ ସଫା କରିବା ବି ଖୁବ୍ ସହଜ ହୋଇଥିବାରୁ ଏହାର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି।






# ରାହୁଲ-ଗିଲ୍ ଇନିଂସ ସମ୍ଭାଳିଲେ

**ମାଞ୍ଚେଷ୍ଟର, ୨୬।୭**

ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଦୃଢ଼ ସ୍ଥିତିରେ ରହିଛି। ଭାରତର ୩୫୮ ରନ ଜବାବରେ ଇଂଲଣ୍ଡ ୬୬୯ ରନକରି ପ୍ରଥମ ଇନିଂସରେ ୩୧୧ ରନରେ ଅଗ୍ରଣୀଲାଭ କରିଛି। ଦ୍ୱିତୀୟ ଇନିଂସରେ ସ୍କୋର

**ଚତୁର୍ଥ ଟେଷ୍ଟ**

ବୋର୍ଡରେ ରନ ଯୋଗ ହେବା ପୂର୍ବରୁ ଭାରତ ୨ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କୁ ଗୋଲ୍ଡେନ ଡକ୍(୦)ରେ ଆଉଟ କରି ଭାରତୀୟ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କ୍ରିସ୍ ୱୋକ୍ସ। ମାତ୍ର ଅଭିଜ୍ଞ ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଛନ୍ତି। ଶନିବାର ଚତୁର୍ଥ ଦିବସରେ ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଭାରତ ୩୮ ଓଭରରେ ୨ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଛି। ରାହୁଲ ୩୮ ଓ ଗିଲ ୫୬ ରନରେ ଅପରାଜିତ ରହିଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଭାରତ ଆହୁରି ୨୧୩ ରନରେ ପଛରେ ରହିଛି।



ଶତକ ହାସଲ ପରେ ବେନ୍ ଷ୍ଟୋକ୍ସ।

**ଷ୍ଟୋକ୍ସଙ୍କ ଶତକ**

ତୃତୀୟ ଦିବସର ଅସମାପ୍ତ ସ୍କୋର ୫୪୪/୭ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଆଉ ୧୯ ରନ ଯୋଗକରି ଲିଆମ ଡସନ (୨୬)ଙ୍କ ଉଇକେଟ ହରାଇଥିଲା। କ୍ରିସ୍ ୱୋକ୍ସ ମାତ୍ର ୪ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ବେନ୍ ଷ୍ଟୋକ୍ସ ଓ ବ୍ରାଇଡନ କାର୍ସ ୧୦ମ ଉଇକେଟରେ ୯୫ ରନ ସଂଗ୍ରହ କରି ଇଂଲଣ୍ଡ ସ୍କୋରକୁ ୬୫୦ ଅତିକ୍ରମ କରାଇଥିଲେ। କ୍ୟାରିୟରର ୧୪ଶ ଶତକ ହାସଲ କରିଥିବା ଷ୍ଟୋକ୍ସ ୧୯୮ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୧୪୧ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଷ୍ଟୋକ୍ସଙ୍କୁ ସାଇ ସୁଦର୍ଶନଙ୍କ ହାତରେ କ୍ୟାଚ କରାଇ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ରବୀନ୍ଦ୍ର ଜାଡେଜା। କାର୍ସ ୪୭ ରନକରି ଆଉଟ ହେବା ସହ ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟିଥିଲା। ୧୫୭.୧ ଓଭର ଖେଳିଥିବା ଇଂଲଣ୍ଡ ମୋଟ ୬୬୯ ରନ କରିଥିଲା। ଭାରତ ପକ୍ଷରୁ ଜାଡେଜା ୪ଟି, ଯଶପ୍ରୀତ୍ ବୁମ୍‌ରା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ ଏବଂ ଅଂଶୁଲ କାମ୍ବୋଜ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟେଷ୍ଟରେ ଏହାକୁ ମିଶାଇ ଇଂଲଣ୍ଡ ୭ ଥର ଭାରତ ବିପକ୍ଷରେ ୬୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଛି। ପୂର୍ବ ୬ ଥରରୁ ଇଂଲଣ୍ଡ ୫ ଥର ବିଜୟୀ ହୋଇଥିଲା। କେବଳ ୨୦୦୨ରେ ଟ୍ରେଣ୍ଟବ୍ରିଜରେ ଭାରତ ମ୍ୟାଚ ଡ୍ର କରିବାକୁ ସକ୍ଷମ ହୋଇଥିଲା। ଭାରତ ୧୧ ରନ ମଧ୍ୟରେ ୨ଟି ଉଇକେଟ ହରାଇଥିଲେ ହେଁ ରାହୁଲ ଡ୍ରାବିଡ ୧୧୫, ସଚିନ ତେନ୍ଦୁଲକର ୯୨ ଓ ସୌରଭ ଗାଙ୍ଗୁଲି ୯୯ ରନକରି ଇନିଂସ ସମ୍ଭାଳି ନେଇଥିଲେ। ଟେଷ୍ଟରେ ଭାରତ ବିପକ୍ଷରେ ଇଂଲଣ୍ଡର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। କେବଳ ୨୦୧୧ରେ ଏଜବାଷ୍ଟନଠାରେ ଏହାଠାରୁ ଅଧିକ ୭୧୦/୭ ରନ କରିଥିଲା। ୪ ଜଣ ଭାରତୀୟ ବୋଲର ୧୦୦ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ଏକ ଦଶନ୍ଧି ପୂର୍ବରୁ ୨୦୧୪-୧୫ରେ ଅଷ୍ଟ୍ରେଲିଆ ଟୁର୍‌ରେ ଏପରି ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/ଅଲ୍‌ଆଉଟ (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ବେନ୍ ଡକେଟ-୯୪, ଜ୍ୟାକ୍ କ୍ରଲି-୮୪, ଓଲି ପୋପ୍-୭୧, ରବୀନ୍ଦ୍ର ଜାଡେଜା-୪/୧୪୩, ଯଶପ୍ରୀତ୍ ବୁମ୍‌ରା-୨/୧୧୨, ୱାଶିଂଟନ ସୁନ୍ଦର-୨/୧୦୭, ମହମ୍ମଦ ସିରାଜ-୧/୧୪୦, ଅଂଶୁଲ କାମ୍ବୋଜ-୧/୮୯)।

# ୟୁଏଇରେ ହେବ ଏସିଆ କପ୍ କ୍ରିକେଟ

**କରାଚୀ, ୨୬।୭ (ପି.ଟି.)**

ପୁରୁଷ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ୧୯ଟି ମ୍ୟାଚ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଦୁବାଇ ଓ ଆବୁଧାବିରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ 'ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ସେମାନଙ୍କ ଦଳରେ ସର୍ବାଧିକ ୧୭ ଜଣ ଲେଖାଏଁ ଖେଳାଳି ନେଇ ପାରିବେ। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମୋହସିନ ନକ୍‌ଭି ଶନିବାର ଏବିଷୟରେ ସୂଚନା ଦେଇଛନ୍ତି। ନକ୍‌ଭି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ମଧ୍ୟ ଚେୟାରମ୍ୟାନ ଅଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେ ଟୁର୍ନାମେଣ୍ଟ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ଜୁଲାଇ ୨୪ ଓ ୨୫ରେ ସମସ୍ତ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଇଭେଣ୍ଟର ଭେନ୍ୟୁ ଧାର୍ଯ୍ୟ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ହେଉଛି ଟୁର୍ନାମେଣ୍ଟର ଆୟୋଜକ, କିନ୍ତୁ ଦୁଇ ଦେଶ ମଧ୍ୟରେ ସୀମା ଆରପାରି ଉତ୍ତେଜନା ଯୋଗୁ ଉଭୟେ ୨୦୨୭ ପର୍ଯ୍ୟନ୍ତ କେବଳ ନିରପେକ୍ଷ ଭେନ୍ୟୁରେ ଖେଳିବା ଲାଗି ରାଜି ହୋଇଛନ୍ତି। ବ୍ରଡକାଷ୍ଟର ସହିତ ଏସିସିର ହୋଇଥିବା ଚୁକ୍ତିନାମା ଅନୁସାରେ ଉଭୟ ଦଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। ଦୁଇ ଦଳ ଯେପରି ସୁପର ସିକ୍ସ ଏବଂ ଫାଇନାଲରେ ପରସ୍ପରକୁ ଭେଟିବା ସମ୍ଭାବନା ରହିବ, ସେଦିଗରେ ମଧ୍ୟ ଧ୍ୟାନ ଦିଆଯିବ। ଏସିଆ କପ୍ ଟି୨୦ ଫର୍ମାଟରେ ଅନୁଷ୍ଠିତ ହେବ। ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ ହେଉଥିବାରୁ ଏହି ଟୁର୍ନାମେଣ୍ଟ ଗୁରୁତ୍ୱବହନ କରୁଛି।



**ଭାରତର ଏସିଆ କପ୍ ଗ୍ରୁପ୍ ଲିଗ୍ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୧୦: ଭାରତ ବନାମ ୟୁଏଇ
ସେପ୍ଟେମ୍ବର ୧୪: ଭାରତ ବନାମ ପାକିସ୍ତାନ
ସେପ୍ଟେମ୍ବର ୧୯: ଭାରତ ବନାମ ଓମାନ

**ସୁପର-୪ କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୨୦: 'ବି'-୧ ବନାମ 'ବି'-୨
(ଭାରତ ବନାମ ପାକିସ୍ତାନ ସମ୍ଭାବନା)।
ସେପ୍ଟେମ୍ବର ୨୩: 'ଏ'-୨ ବନାମ 'ବି'-୨
ସେପ୍ଟେମ୍ବର ୨୪: 'ଏ'-୧ ବନାମ 'ବି'-୨।

# ପ୍ରଥମ ଗେମ୍ ଡ୍ର' ରଖିଲେ ଦିବ୍ୟା, ହମ୍ପି

**ବାଟୁମି, ୨୬।୭**

ଫିଡେ ମହିଳା ଚେସ୍ ୱାର୍ଲ୍ଡକପ୍ ଫାଇନାଲରେ ଦୁଇ ଭାରତୀୟ ଖେଳାଳି ଭେଟେରାନ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖ ପରସ୍ପରକୁ ଭେଟିଛନ୍ତି। ଶନିବାର ଦୁହିଁଙ୍କ ମଧ୍ୟରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ ଗେମ୍ ଡ୍ର' ଭାବେ ଶେଷ ହୋଇଛି। ଏଣୁ ଦୁଇ ଖେଳାଳିଙ୍କୁ ପଏଣ୍ଟ ଭାଗ କରିବାକୁ ପଡ଼ିଛି। ୪୧ ମୁଭ ପର୍ଯ୍ୟନ୍ତ ଚାଲିଥିବା ଏହି ଗେମ୍‌ରେ ୧୯ ବର୍ଷୀୟା ଦିବ୍ୟା ନିଜର ସୃଜନଶୀଳ ଗୋଟି ଚାଳନା ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଗୁଆ ରହିଥିଲେ। ପରେ ୩୮ ବର୍ଷୀୟା ହମ୍ପି କ୍ୱିନ ଓ ରୁକ୍ ମାଧ୍ୟମରେ କାଉଣ୍ଟର ଆଟାକିଂ କରି ଗେମ୍‌କୁ ଫେରିଥିଲେ। ଶେଷରେ ଦୁହେଁ ପଏଣ୍ଟ ଭାଗ କରିବାକୁ ରାଜି ହୋଇଥିଲେ। ରବିବାର ଫାଇନାଲର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଖେଳାଯିବ।

# ଆଗୁଆ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

**ଡେଭିଡ୍‌ଙ୍କ ରେକର୍ଡ ଶତକ**

**ସେଣ୍ଟ କିଟ୍ସ, ୨୬।୭**

ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୬ ଉଇକେଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଅଧିନାୟକ ସାଇ ହୋପଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୧୫ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୧୬.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୦ରେ ଆଗୁଆ ଜିତି ନେଇଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଆସନ୍ତା ରବିବାର ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପାଇଁ ଅଧିନାୟକ ହୋପ ୫୭ ବଲରେ ୧୦୨ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହି ଇନିଂସରେ ୮ ଚୌକା ଓ ୬ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡନ କିଙ୍ଗ୍ ୩୬ ବଲରେ ୬୨ (୩ ଚୌକା ଓ ୬ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଏଲିସ, ଆଡମ ଜାମ୍ପା ଓ ମିଚେଲ ଓୱେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୮.୫ ଓଭର ସୁଦ୍ଧା ୮୭ ରନରେ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇ ସଙ୍କଟରେ ଥିଲା। ଏଭଳି ସ୍ଥିତିରେ ଡେଭିଡ୍ ୩୭ ବଲରେ ୬ ଚୌକା ଓ ୧୧ ଛକା ସହିତ ୧୦୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହା ଅଷ୍ଟ୍ରେଲିଆ ପାଇଁ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ। ତେବେ ଟେଷ୍ଟ ଖେଳୁଥିବା ଦେଶ ବିପକ୍ଷରେ ଏହା ଚତୁର୍ଥ ଦ୍ରୁତତମ ଟି୨୦ ଶତକ। ଡେଭିଡ୍‌ଙ୍କୁ ଓୱେନ (୩୬ ରନ, ୨ ଚୌକା ଓ ୩ ଛକା) ଆବଶ୍ୟକୀୟ ସମର୍ଥନ ଦେଇଥିଲେ। ୱେଷ୍ଟଇଣ୍ଡିଜ ଲାଗି ରୋମାରିଓ ଶେଫର୍ଡ ୨ ଓ ଜାସନ ହୋଲ୍ଡର ୧ ଉଇକେଟ ନେଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଟିମ୍ ଡେଭିଡ୍।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ୍: ୨୦ ଓଭରରେ ୨୧୪/୪ (ସାଇ ହୋପ୍-୧୦୨*, ବ୍ରାଣ୍ଡନ କିଙ୍ଗ-୬୨, ମିଚେଲ ଓୱେନ-୧/୨୩, ନାଥନ ଏଲିସ-୧/୩୭)।
ଅଷ୍ଟ୍ରେଲିଆ: ୧୬.୧ ଓଭରରେ ୨୧୫/୪ (ଟିମ ଡେଭିଡ୍-୧୦୨*, ମିଚେଲ ଓୱେନ-୩୬*, ମିଚେଲ ମାର୍ଶ-୨୨, ରୋମାରିଓ ଶେଫର୍ଡ-୨/୩୯)।

# ଆଶେସ ପୂର୍ବରୁ ଇଂଲଣ୍ଡକୁ ସ୍ମିଥ୍‌ଙ୍କ ଚେତାବନୀ

**ଲଣ୍ଡନ, ୨୬।୭ (ପି.ଟି.)**

ଚଳିତ ବର୍ଷ ନଭେମ୍ବରରେ ଆଶେସ ସିରିଜ୍ ଲାଗି ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ଅଷ୍ଟ୍ରେଲିଆ ଟୁର କରିବ। ଏହି ଟୁର ପୂର୍ବରୁ ଅଷ୍ଟ୍ରେଲିଆର ସିନିୟର ବ୍ୟାଟର ଷ୍ଟିଭ ସ୍ମିଥ ଇଂଲଣ୍ଡ ଦଳକୁ ଚେତାବନୀ ଦେଇଛନ୍ତି। ଭାରତ ବିପକ୍ଷ ସିରିଜ୍‌ରେ ଫ୍ଲାଟ ପିଚ୍‌ରେ ଭଲ ପ୍ରଦର୍ଶନ କରୁଥିବା ଇଂଲଣ୍ଡ ବ୍ୟାଟରଙ୍କୁ ଅଷ୍ଟ୍ରେଲିଆରେ ବ୍ୟାଟିଂ ଫ୍ରେଣ୍ଡଲି ପିଚ୍ ମିଳିବ ନାହିଁ ବୋଲି ସ୍ମିଥ୍ କହିଛନ୍ତି। ଇଂଲଣ୍ଡ ବ୍ୟାଟରଙ୍କୁ ଅଷ୍ଟ୍ରେଲିଆରେ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ସେମାନେ ସ୍ୱଦେଶରେ ଫ୍ଲାଟ ପିଚ୍‌ରେ ଖେଳୁଛନ୍ତି, ଯାହାକି ବ୍ୟାଟରଙ୍କୁ ସୁହାଉଛି। ଗତ ୩ରୁ ୪ ବର୍ଷରେ ଅଷ୍ଟ୍ରେଲିଆର ପିଚ୍ ଟପ ଅର୍ଡର ବ୍ୟାଟରଙ୍କ ଲାଗି ଖୁବ୍ ଚ୍ୟାଲେଞ୍ଜିଂ ରହୁଛି। ଆଗାମୀ ଆଶେସ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସିରିଜ୍ ହେବ ବୋଲି ସ୍ମିଥ୍ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ମୁଁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ସିରିଜ୍‌କୁ ଦେଖୁଛି। ଏହି ସିରିଜ୍‌ରେ ଖୁବ୍ ଭଲ କ୍ରିକେଟ୍ ଖେଳାଯାଉଛି। ଏଣୁ ମୋ ମତରେ ଚଳିତ ଆଶେସ ଖୁବ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର ଆରମ୍ଭ



ବରୁଣ କୁମାର ନାଏକ

**ଭୁବନେଶ୍ୱର, ୨୬।୭ (ତପନ ସ୍ୱାଇଁ)**

ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହୋଇଛି। ଓଏସିସ କନ୍‌ଭେନଶନ ଆଣ୍ଡ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ଅଧ୍ୟକ୍ଷ ଶ୍ୟାମ ଅଗ୍ରୱାଲ, ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ଓ ଅନ୍ୟ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ମୋଟ ୨୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାକିର ଅଲୀ ଖାଁ, ଶ୍ୟାମ ଅଗ୍ରୱାଲ, ଅଲତାଫ ଅଲୀ, ସନ୍ଦୀପ ଅଗ୍ରୱାଲ, ପି. ଗୋବିନ୍ଦ ରାଓ, ଅଭିଳାସ ମହାନନ୍ଦ, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଅମିତ ସିଂ, ସାଗର ସ୍ୱାଇଁ, ଚିରଞ୍ଜୀବ ସିଂ, ଆଦିତ୍ୟ ହଳଧର, ଚେତନ ଆନନ୍ଦ, ମିଶାଲ ସ୍ୱାଇଁ, ବରୁଣ କୁମାର ନାଏକ, ଦେବୀ ପ୍ରସାଦ ସାହୁ, ଜ୍ଞାନ ଦାସ ପ୍ରମୁଖ ବିଜୟୀ ହୋଇଛନ୍ତି। ବରୁଣ କୁମାର ନାଏକଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ପ୍ରଥମ ଦିବସ ଖେଳ ଶେଷରେ ମିଶାଲ ସ୍ୱାଇଁ, ଜ୍ଞାନ ଦାସ, ଜାକିର ଅଲୀ ଖାଁ ଓ ପି. ଗୋବିନ୍ଦ ରାଓ ପ୍ରମୁଖ ମୁଖ୍ୟ ଡ୍ରକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଲାଗି ଅସୁରକ୍ଷିତ

**ବେଙ୍ଗାଲୁରୁ, ୨୬।୭**

ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ କରିବା ଲାଗି ସୁରକ୍ଷିତ ନୁହେଁ ବୋଲି ଶନିବାର ଘୋଷଣା କରାଯାଇଛି। ଗତ ଜୁନ ୪ ତାରିଖରେ ଷ୍ଟାଡିୟମରେ ନିକଟରେ ଘଟିଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ଲାଗି କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ଜଷ୍ଟିସ ଜନ ମାଇକେଲ ଡି' କୁନହା କମିଶନକୁ ନିଯୁକ୍ତ କରାଯାଇଥିଲା। ଏହି ପ୍ୟାନେଲ ତା'ର ତଦନ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରିଛି। ରିପୋର୍ଟରେ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଷ୍ଟାଡିୟମର ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଯାଇଛି।

ଷ୍ଟାଡିୟମର ଡିଜାଇନ ଓ ଢାଞ୍ଚା ବଡ଼ ଧରଣର ସମାବେଶ ଲାଗି ଅନୁପଯୁକ୍ତ ଓ ସୁରକ୍ଷିତ ନୁହେଁ। ଏହାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରା ସିଧାସଳଖ ଜନସାଧାରଣଙ୍କ ଫୁଟ୍‌ପାଥରେ ଖୋଲୁଛି। ପ୍ରବେଶ ସ୍ଥଳରେ ଭିଡ ପାଇଁ ପ୍ରଶସ୍ତ ଓ ସଂଗଠିତ ସ୍ଥାନ ନାହିଁ। ଯାହା ଫଳରେ ଦର୍ଶକଙ୍କୁ ବାଧ୍ୟ ହୋଇ ଫୁଟ୍‌ପାଥ ଧାଡ଼ି କରିବାକୁ ପଡୁଛି। ଏଥିଯୋଗୁ ଯାନବାହନ ଓ ଜନସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏଥିସହିତ ଏହା ଅସାମାଜିକ ବ୍ୟକ୍ତିଙ୍କୁ ଭିଡରେ ସାମିଲ ହେବାକୁ ସୁଯୋଗ ଦେଉଛି। ବିଶେଷ କରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ ଥିବା ବେଳେ ଏହା ବିପଦକୁ ଆହୁରି ବଢ଼ାଇ ଦେଉଛି। ଏସବୁ ତଥ୍ୟକୁ ଧ୍ୟାନରେ ରଖି ଷ୍ଟାଡିୟମ ଅଧିକାରୀଙ୍କୁ ବଡ଼ ସଂଖ୍ୟାରେ ଦର୍ଶକ ଯୋଗ ଦେବାକୁ ଥିବା ଇଭେଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ କମିଶନ ସୁପାରିଶ କରିଛି। ଭବିଷ୍ୟତରେ ନିର୍ମାଣ ହେବାକୁ ଥିବା ଭେନ୍ୟୁ ଅନ୍ତର୍ଜାତୀୟ ଷ୍ଟାଣ୍ଡର୍ଡର କରାଯିବା ଦରକାର। ସେଥିରେ ଧାଡ଼ିରେ ଛିଡ଼ା ହେବା ପାଇଁ ସାର୍ବଜନୀନ ରାସ୍ତାଠାରୁ ଅଲଗା ସ୍ଥାନ ନିର୍ମାଣ ସହିତ ବଡ଼ ସଂଖ୍ୟାରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ଲାଗି ଗେଟ୍ସରେ ପର୍ଯ୍ୟାପ୍ତ ସ୍ଥାନ ରଖାଯିବା ଦରକାର। ବଡ଼ ସଂଖ୍ୟାରେ ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ଓ ଡ୍ରପ୍ ଅଫ୍ ଭିତ୍ତିଭୂମି ଭଳି ଅନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ପାଳନ କରାଯିବାର ଆବଶ୍ୟକତା ରହିଥିବା କମିଶନ ପକ୍ଷରୁ କୁହାଯାଉଛି। ଭିତ୍ତିଭୂମିରେ ସେଭଳି ପରିବର୍ତ୍ତନ କରା ନ ଯିବା ପର୍ଯ୍ୟନ୍ତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବଡ଼ ସଂଖ୍ୟାରେ ଦର୍ଶକଙ୍କ ଲାଗି ଇଭେଣ୍ଟ ଆୟୋଜନ କରିବା ଜାରି ରଖିବା ଦ୍ୱାରା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।






1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ